# ଧରିତ୍ରୀ
DHARITRI

ବାଲେଶ୍ୱର, ସୋମବାର, ସେପ୍ଟେମ୍ବର ୧୯/୨୦୨୨ (୧୪ ପୃଷ୍ଠା) | Balasore, Monday, September 19/2022 | Page 14 ₹ 7.00 | ★★★★

୪୮ଶ ଭାଗ ୨୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 295 | ମୂଲ୍ୟ ₹୭/-





**କଙ୍ଗନାଙ୍କ ମନ କ୍ୟାରେକ୍ଟର୍‌ରେ**

ଚଳଚ୍ଚିତ୍ରରେ କାମ କରିବା ସମୟରେ ଫିଲ୍ମର ଚରିତ୍ର ଭିତରେ ବୁଡ଼ି ରହିଯାଉଥିବା ବଲିଉଡ୍ ଅଭିନେତ୍ରୀ କଙ୍ଗନା ରଣାଓ୍ୱତ କହିଛନ୍ତି। **୧୦**

**୧୪** **ସ୍ୱସ୍ତିଙ୍କୁ ଏକଲବ୍ୟ ପୁରସ୍କାର**

ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମହିଳା ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ସମ୍ମାନଜନକ ଏକଲବ୍ୟ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।














ତାଇଓ୍ୱାନରେ ରବିବାର ୬.୮ ତୀବ୍ରତାର ଭୂକମ୍ପ ହୋଇଛି। ଏଥିଯୋଗୁ ହୁଆଲେନ୍ ପ୍ରଦେଶର ୟୁଲିରେ ଏକ କୋଠା ଭୁଶୁଡ଼ି ପଡ଼ିଥିବାରୁ ଉଦ୍ଧାରକାରୀ ଦଳ ସେଠାରେ ରେସ୍କ୍ୟୁ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି।

# ୨୪ ଘଣ୍ଟାରେ ୪ ଶିଶୁଙ୍କ ମୃତ୍ୟୁ

## ୧୮ ଦିନରେ ଗଲାଣି ୧୩ ଜୀବନ

■କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ■ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

କେନ୍ଦୁଝର,୧୮।୯(ସ୍ୱ.ପ୍ର./ଡି.ଏନ୍.ଏ.)

ମାତୃ ଓ ଶିଶୁ ମୃତ୍ୟୁହାର ରୋକିବା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରିଥିଲେ ମଧ୍ୟ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ୨୪ ଘଣ୍ଟା ମଧ୍ୟରେ ୪ ନବଜାତ ଶିଶୁଙ୍କ ମୃତ୍ୟୁ ଘଟିଛି। କେବଳ ସେତିକି ନୁହେଁ, ଗତ ୧୮ ଦିନ ମଧ୍ୟରେ ଏଠାରେ ୧୩ଜଣ ଶିଶୁଙ୍କ ମୃତ୍ୟୁ ଘଟିବା ଚିକିତ୍ସା ସେବା ଉପରେ ପ୍ରଶ୍ନ ଉଠିଛି। ୪ ଶିଶୁଙ୍କ ମୃତ୍ୟୁ ଘଟିବା ପରେ ରବିବାର ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ତ୍ୟକ୍ତ ଲୋକେ ପାଟିତୁଣ୍ଡ କରିବା ସହ ଡାକ୍ତରଖାନା ଘେରାଉ କରିଥିଲେ। ସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଟାଉନ ଥାନା ପୋଲିସ ପହଞ୍ଚି ଡାକ୍ତରଙ୍କୁ ସୁରକ୍ଷା ଦେବା ସହ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲା। ଚିକିତ୍ସା ଅବହେଳା କାରଣରୁ ଏଭଳି ଘଟଣା ଘଟିଥିବା ମୃତ ଶିଶୁଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଜିଲାପାଳ ଆଶିଷ ଠାକ୍‌ରେ ଡାକ୍ତରଖାନାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତେଜନାକୁ ଦୃଷ୍ଟିରେ ରଖି ଡାକ୍ତରଖାନା ପରିସରରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

ସୂଚନା ଅନୁଯାୟୀ, ଡାକ୍ତରଖାନାର ସ୍ପେଶିଆଲ ନିୟୁବର୍ଣ୍ଣ କେୟାର ୟୁନିଟ୍ (ଏସ୍ଏନ୍‌ସିୟୁ)ରେ ଚିକିତ୍ସିତ ହେଉଥିବା ବାଂଶପାଳ ବ୍ଲକ ଅଧୀନ ଇମିରି ଗ୍ରାମର କାମ ଦେହୁରୀଙ୍କ ୫ ଦିନର ଶିଶୁ, ଯୋଡ଼ା ଅଞ୍ଚଳର ଦିପେଶ ନାୟକଙ୍କ ନବଜାତ ଶିଶୁ, ଯୋଡ଼ାର ପ୍ରିୟଙ୍କା ମୁଦୁଲିଙ୍କ ଭାଇଙ୍କ ୬ ଦିନର ଶିଶୁ ଓ ଗୁରୁଡ଼ା ଅଞ୍ଚଳର ବିଭୀଷଣ ଲୋହାରଙ୍କ ୮ ଦିନର ଶିଶୁଙ୍କ ମୃତ୍ୟୁ ହୋଇଛି। ଶନିବାର ରାତିରେ ଡାକ୍ତର ଆସି ଚିକିତ୍ସା ନ କରିବାରୁ ସେମାନଙ୍କ ମୃତ୍ୟୁ ଘଟିଥିବା ଶିଶୁଙ୍କ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ସିଡିଏମ୍‌ଓ ଡାକ୍ତର ସୁଜାତା ରାଣୀ ମିଶ୍ର ଅଭିଯୋଗର ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର କିଶୋର ଚରଣ ପୃଷ୍ଟି କହିଛନ୍ତି ଯେ, ଶନିବାର ରାତିରୁ ରବିବାର ମଧ୍ୟରେ ଏସ୍ଏନ୍‌ସିୟୁରେ ୩ ଜଣ ଓ ଆଗରୁ ଚିକିତ୍ସାଧୀନ ଥିବା ଜଣେ ୭ ଦିନର ଶିଶୁଙ୍କ ମୃତ୍ୟୁ ହୋଇଛି। ତେବେ ୧୮ ଦିନ ମଧ୍ୟରେ ୧୩ ଶିଶୁଙ୍କ ମୃତ୍ୟୁ ହୋଇଥିବା ଘଟଣାକୁ ସେ ସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ମୃତ ଶିଶୁଙ୍କ ପରିବାର ଲୋକଙ୍କ ବୟାନ, ସିସିଟିଭି ରେକର୍ଡରେ ଡାକ୍ତରଙ୍କ ଉପସ୍ଥିତି ଓ ଚିକିତ୍ସା ଆଦିକୁ ଆଧାର କରି ତଦନ୍ତ କରିବାକୁ ଦାବି ହେଉଛି। ମୃତ ଶିଶୁଙ୍କ ସମ୍ପର୍କୀୟ କାମ ଦେହୁରୀ କୁହନ୍ତି, ତାଙ୍କର ୫ ଦିନର ପିଲାକୁ ମେଡିକାଲ ଆଣିଥିଲେ। ତାକୁ ବାତ ମାରୁଛି କହି ଡାକ୍ତର କଟକ ଯିବାକୁ କହିଲେ। ଗରିବ ଲୋକ କଟକ ଯାଇପାରିବି ନାହିଁ କହିବାରୁ ଏଠାରେ ଭଲ ହୋଇଯିବ କହି ଡାକ୍ତର ଆଡ୍‌ମିଶନ କରିଥିଲେ। ହେଲେ ରବିବାର ପିଲାର ମୃତ୍ୟୁ ହୋଇଥିବା ଆମକୁ ଜଣାଇଲେ। ପିଲା ପାଖକୁ ଯିବାକୁ ମଧ୍ୟ ଦେଲେ ନାହିଁ। ଦୀପେଶ ନାୟକ କୁହନ୍ତି, ମୋ ପୁଅ ୬ ଦିନର ଥିଲା। ଶନିବାର ରାତିରେ ଆସିଲା ବେଳକୁ ଡାକ୍ତର ☞ପୃଷ୍ଠା–୪


**ଆଜିର ସମ୍ପାଦକୀୟ**

ଆଗକୁ ଭାବୁ ନାହାନ୍ତି

ମାଟି ଅତଡ଼ା ଖସି ୨ ଚାଷୀ ମୃତ (ପୃଷ୍ଠା-୩)


# ସମୁଦ୍ର ତଳେ ବିସ୍ତୀର୍ଣ୍ଣ ଜଙ୍ଗଲ

■ଭାରତ ଆୟତନର ଦୁଇଗୁଣା ■ରୁଷିଆରୁ କାନାଡା ପର୍ଯ୍ୟନ୍ତ ବ୍ୟାପିଛି

ନୂଆଦିଲ୍ଲୀ, ୧୮।୯

ବିଶ୍ୱରେ ଆମାଜନ, ବୋରନେଓ, କଙ୍ଗୋ ଓ ଡାଇନ୍‌ଟ୍ରି ଭଳି ଅନେକ ବିଶାଳ ଜଙ୍ଗଲ ରହିଛି। ଏହାଛଡ଼ା ଆଖି ନ ପାଇଲା ଭଳି ଆର୍ଦ୍ର ଅରଣ୍ୟମାନ ମଧ୍ୟ ପୃଥିବୀରେ ମହଜୁଦ ଅଛି। ଭୂତଳ ଗଭୀର ସମୁଦ୍ର ଭିତରେ କ୍ଷୁଦ୍ର ଗୁଳ୍ମ ଶୈବାଳଜାତୀୟ ଉଦ୍ଭିଦ ଦେଖିବାକୁ ମିଳେ। ଏହି ଶୈବାଳରୁ ଜାତ ହୋଇଥାଏ ବିଶାଳକାୟ ସାମୁଦ୍ରିକ ଜଙ୍ଗଲ (ଓସେନ୍ ଫରେଷ୍ଟ)। ନିକଟରେ ବିଶେଷଜ୍ଞମାନେ ମହାସାଗର ତଳୁ ବିସ୍ତୃତ ଜଙ୍ଗଲ ଠାବ କରିଛନ୍ତି। ଏହି ଜଙ୍ଗଲର ଆକାର ଭାରତ ଆୟତନର ଦୁଇଗୁଣା ହୋଇଥିବାବେଳେ ଏହା ରୁଷିଆଠାରୁ କାନାଡା ପର୍ଯ୍ୟନ୍ତ ଲମ୍ବିଥିବା କୁହାଯାଉଛି। ସମୁଦ୍ର ତଳେ ଅନେକ ପ୍ରକାର ଶୈବାଳଜାତୀୟ ଉଦ୍ଭିଦ ନିଜ ବଂଶ ବିସ୍ତାର କରିଥାନ୍ତି। ଏହି ଶୈବାଳ ଏବଂ ଏଥିରେ ରହୁଥିବା କ୍ଷୁଦ୍ର କୀଟଙ୍କୁ ସାମୁଦ୍ରିକ ଜୀବ ଖାଦ୍ୟ ଭାବେ ଗ୍ରହଣ କରନ୍ତି।



ଆଫ୍ରିକାର ଦକ୍ଷିଣାଞ୍ଚଳ ତଟରେ ବିଶାଳ ଆଫ୍ରିକୀୟ ସାମୁଦ୍ରିକ ଜଙ୍ଗଲ ଅବସ୍ଥିତ। ସମୁଦ୍ର ଜଳରାଶି ତଳେ ଏକାଧିକ ବିଶାଳ ଜଙ୍ଗଲ ଥିବାବେଳେ ସେଗୁଡ଼ିକର ନାମକରଣ ଅଦ୍ୟାବଧି କରାଯାଇ ନାହିଁ। ସମୁଦ୍ର ତଳେ ଥିବା ଶୈବାଳ ଅରଣ୍ୟମାନ ଗ୍ରୀଷ୍ମ ପ୍ରବାହ, ଜଳବାୟୁ ପରିବର୍ତ୍ତନ ଏବଂ ସବୁଜଗୃହ ବାଷ୍ପ ଦ୍ୱାରା ପ୍ରଭାବିତ ହେଉଥିଲେ ହେଁ ଏହା ସହଜରେ ଦୃଷ୍ଟିଗୋଚର ହେଉ ନାହିଁ। ଶୈବାଳ ସ୍ଥଳଭାଗ ଗଛଠାରୁ ଦ୍ରୁତ ବେଗରେ ବଢ଼ିଥାନ୍ତି। ଅନ୍ୟ ଉଦ୍ଭିଦ ପରି ସମୁଦ୍ର ଶୈବାଳ ଫଟୋସିନ୍ଥେସିସ୍ ଜରିଆରେ ସୂର୍ଯ୍ୟାଲୋକରୁ ଅଙ୍ଗାରକାମ୍ଳ (କାର୍ବନ ଡାଇଅକ୍ସାଇଡ୍) ସଂଗ୍ରହ କରେ, ଯାହା ଉଦ୍ଭିଦକୁ ବଢ଼ିବାରେ ସାହାଯ୍ୟ କରେ। ଶୈବାଳ ଅତିବେଶିରେ ୧୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାନ୍ତି। ସମୁଦ୍ର ଜଳ ତରଙ୍ଗରେ ଏମାନେ ସବୁବେଳେ ନାଚୁଥିବା ଭଳି ଦେଖାଯାନ୍ତି। ସମୁଦ୍ରରେ କ୍ଷୁଦ୍ର ବେଲୁନ୍ ସଦୃଶ ଦେଖାଯାଉଥିବା ସି–ବାମ୍ବୁ ( ସାମୁଦ୍ରିକ ବାଉଁଶ)ଭାସମାନ ପରଦା ଭଳି ମନେହୁଏ। ଏହା ବ୍ୟତୀତ ଅନ୍ୟ ଉଦ୍ଭିଦ ମଧ୍ୟ ସମୁଦ୍ର ଜଳରେ ଦେଖାଯାନ୍ତି। ଦ୍ରୁତ ବେଗରେ ବିକଶିତ ହେଉଥିବା ଶୈବାଳ କେତେଦୂର ପର୍ଯ୍ୟନ୍ତ ବ୍ୟାପିଛି ତାହା ହିସାବ କରିବା କଠିନ। ସାଟେଲାଇଟ୍ ଦ୍ୱାରା ଏହା ସହଜ ହୋଇଥିବାବେଳେ ସମୁଦ୍ର ଜଳରେ ଏହାର ବିସ୍ତୃତିକୁ ମାପିବା କଷ୍ଟକର। କିଛି ସାମୁଦ୍ରିକ ଜଙ୍ଗଲର ଆୟତନ ୬ ନିୟୁତରୁ ୭.୨ ନିୟୁତ ବର୍ଗ କି.ମି. ପର୍ଯ୍ୟନ୍ତ ହୋଇଥାଏ। ଏହା ଆମାଜନ୍ ଜଙ୍ଗଲଠାରୁ ବଡ଼ ବୋଲି କୁହାଯାଉଛି। ଗହମ, ଚାଉଳ ଏବଂ ମକା ଫସଲ ତୁଳନାରେ ସାମୁଦ୍ରିକ ଜଙ୍ଗଲ ଅଧିକ ବଢ଼ିଥାଏ। ଏହି ଅଧ୍ୟୟନ ଉତ୍ସାହ ପ୍ରଦାନକାରୀ। ବିଶ୍ୱରେ ଖାଦ୍ୟ ସଙ୍କଟ ଦୂର କରିବା ପାଇଁ ଏହାକୁ ଉପଯୋଗ କରାଯାଇପାରେ। ସାମୁଦ୍ରିକ ଅଭିବୃଦ୍ଧିକୁ ଆଧାର କରି ଭୂପୃଷ୍ଠରେ ଖାଦ୍ୟ ଉତ୍ପାଦନ କଲେ ନିରନ୍ତର ବିକାଶ ଲକ୍ଷ୍ୟ ପୂରଣ ହୋଇପାରିବ।

### ଆପତ୍ତିଜନକ ଭିଡିଓ ଲିକ୍ ବିବାଦ

## ଚଣ୍ଡିଗଡ଼ ୟୁନିଭର୍ସିଟିରେ ବିକ୍ଷୋଭ

ଚଣ୍ଡିଗଡ଼,୧୮।୯(ପି.ଟି.)

ମହିଳା ହଷ୍ଟେଲର କେତେଜଣ ଛାତ୍ରୀଙ୍କ ଆପତ୍ତିଜନକ ଭିଡିଓ ଲିକ୍ ହୋଇଥିବା ଖବରକୁ ନେଇ ଚଣ୍ଡିଗଡ଼ ୟୁନିଭର୍ସିଟି କ୍ୟାମ୍ପସରେ ଶନିବାର ରାତିରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପ୍ରାରମ୍ଭିକ ତଦନ୍ତ ପରେ ଅଭିଯୁକ୍ତ ହଷ୍ଟେଲ ଛାତ୍ରୀଙ୍କୁ ଗିରଫ କରାଯିବା ସହ ହିମାଚଳପ୍ରଦେଶର ସିମ୍‌ଲାରୁ ତାଙ୍କ ପୁରୁଷ ବନ୍ଧୁ ସନ୍ନୀ ମେହେଟ୍ଟାଙ୍କୁ ପଞ୍ଜାବ ପୋଲିସ ଗିରଫ କରିଛି। ଘଟଣାର ତଦନ୍ତ ପାଇଁ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ଗଠନ କରାଯାଇଛି। ଆପତ୍ତିଜନକ ଭିଡିଓ ଭାଇରାଲକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ପୋଲିସ ଡିଜି ଗୁରୁପ୍ରୀତ୍ ଦେଓଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ୟୁନିଭର୍ସିଟି କ୍ୟାମ୍ପସରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତେବେ ଅଭିଯୁକ୍ତ ଛାତ୍ରୀ ଜଣଙ୍କ ଜଣେ ଯୁବକଙ୍କ ସହ ନିଜର ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଏଥିରେ ଅନ୍ୟ କୌଣସି ଛାତ୍ରୀ ନ ଥିଲେ ଓ ଏହା ଆପତ୍ତିଜନକ ଭିଡିଓ ନୁହେଁ ବୋଲି ପୋଲିସ କହିଛି। ଛାତ୍ରୀମାନଙ୍କର ୬୦ଟି ଆପତ୍ତିଜନକ ☞ପୃଷ୍ଠା–୪

## ହକି ଇଣ୍ଡିଆ ସଭାପତି ପାଇଁ ପ୍ରାର୍ଥୀପତ୍ର ଦାଖଲ କଲେ ଦିଲୀପ ଟିର୍କୀ



ଭୁବନେଶ୍ୱର, ୧୮।୯(କ୍ରୀଡ଼ା ପ୍ରତିନିଧି)

ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ଅଲିମ୍ପିଆନ ଦିଲୀପ ଟିର୍କୀ ନିଜ କ୍ୟାରିୟରରେ ନୂଆ ଫର୍ଦ୍ଦ ଯୋଡ଼ିବା ଦିଗରେ ଏକପାଦ ଅଗ୍ରସର ହୋଇଛନ୍ତି। ଖେଳାଳି ଭାବେ ବେଶ୍ ସୁନାମ ଅର୍ଜନ କରିଥିବା ଦିଲୀପ ରବିବାର ହକି ଇଣ୍ଡିଆର ସଭାପତି ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ନାମାଙ୍କନ ଦାଖଲ ସମୟର ଫଟୋକୁ ଦିଲୀପ ନିଜ ଫେସବୁକ୍ ପେଜ୍ ଏବଂ ଟୁଇଟର ହ୍ୟାଣ୍ଡେଲରେ ଶେୟାର କରିଛନ୍ତି। ହକିକୁ ଏକ ଭିନ୍ନ ସୋପାନକୁ ନେବା ତାଙ୍କର ମୁଖ୍ୟ ଲକ୍ଷ୍ୟ ରହିବ ବୋଲି ଦିଲୀପ ପ୍ରକାଶ କରିଛନ୍ତି। ରବିବାର ପ୍ରାର୍ଥୀପତ୍ର ଦାଖଲର ଶେଷ ଦିବସ ଥିଲା। ହକି ଇଣ୍ଡିଆ ନିର୍ବାଚନ ଅକ୍ଟୋବର ୧ରେ ଅନୁଷ୍ଠିତ ହେବ।

ଭାରତୀୟ ହକିରେ ଦିଲୀପ ଜଣେ ପରିଚିତ ନାମ। ଦୀର୍ଘ ୧୫ ବର୍ଷର କ୍ୟାରିୟରରେ ସେ ୪୧୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ସେ ୩ଟି ଅଲିମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରିଛନ୍ତି। କେବଳ ସେତିକି ନୁହେଁ, ୨୦୦୪ ଏଥେନ୍ସ ଅଲିମ୍ପିକ୍‌ରେ ସେ ଦଳର ନେତୃତ୍ୱ ମଧ୍ୟ ନେଇଥିଲେ। ୨୦୧୨ରୁ ୨୦୧୮ ପର୍ଯ୍ୟନ୍ତ ସେ ରାଜ୍ୟ ସଭା ସଦସ୍ୟ ଥିଲେ। ଗତ ଅଗଷ୍ଟରେ ହକି ଇଣ୍ଡିଆ ଏହାର ନିର୍ବାଚନ ପରିଚାଳନା ପାଇଁ ଅଜୟ ନାୟକଙ୍କୁ ରିଟର୍ନିଂ ଅଫିସର ନିଯୁକ୍ତ କରିଥିଲା। ଅଜୟ ହେଉଛନ୍ତି ବିହାର ସରକାରଙ୍କ ପୂର୍ବତନ ଚିଫ୍ ଇଲେକ୍ଟୋରାଲ ଅଫିସର। ଏ.କେ. ମଜୁମ୍‌ଦାରଙ୍କୁ ସହକାରୀ ରିଟର୍ନିଂ ଅଫିସର ଭାବେ ନିଯୁକ୍ତ କରାଯାଇଛି।

ତାଙ୍କ ବିରୋଧୀ ପ୍ରାର୍ଥୀଙ୍କ ସମ୍ପର୍କରେ ବିଶେଷ କିଛି ସୂଚନା ଦେଇପାରି ନ ଥିଲେ ହେଁ ଦିଲୀପ ଆଗାମୀ ନିର୍ବାଚନରେ ନିଜର ସ୍ଥିତି ଦୃଢ଼ ଥିବା ଅନୁଭବ କରୁଛନ୍ତି। ''ମୁଁ କେତେକ ରାଜ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛି। ବେଙ୍ଗଲ, ଆସାମ, ମିଜୋରାମ, ଅରୁଣାଚଳ ପ୍ରଦେଶ, ତ୍ରିପୁରା ଆଦି ସମଗ୍ର ନର୍ଥ ଇଷ୍ଟ ରାଜ୍ୟଗୁଡ଼ିକ ମୋତେ ସମର୍ଥନ କରିଛନ୍ତି। ଏହା ବ୍ୟତୀତ ମୁଁ କେରଳ, ତାମିଲନାଡୁ, ରାଜସ୍ଥାନ ଆଦି କେତେକ ରାଜ୍ୟର ପ୍ରତିନିଧିଙ୍କ ସହିତ କଥା ହୋଇଛି। ସେଠାରୁ ସକାରାତ୍ମକ ସୂଚନା ମିଳିଥିବାରୁ ମୁଁ ଦୃଢ଼ନିଶ୍ଚିତ ଅଛି'' ବୋଲି ଦିଲୀପ କହିଛନ୍ତି। ''ହକି ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ମୁଁ ହକି ଇଣ୍ଡିଆ ସଭାପତି ପଦ ପାଇଁ ରବିବାର ପ୍ରାର୍ଥୀପତ୍ର ଦାଖଲ କରିଛି। ହକି ମୋତେ ଅନେକ କିଛି ଦେଇଛି। ଦେଶ ପକ୍ଷରୁ ମୁଁ ଦୀର୍ଘଦିନ ଧରି ହକି ☞ପୃଷ୍ଠା–୪





କେରଳର ଅଲ୍ଲାପୁଝା ଜିଲାରେ ରବିବାର କଂଗ୍ରେସର 'ଭାରତ ଯୋଡ଼ୋ ଯାତ୍ରା'ରେ ଦଳର ନେତା ରାହୁଲ ଗାନ୍ଧୀ ଓ ଅନ୍ୟମାନେ ସାମିଲ ହୋଇଛନ୍ତି ।।

# ଏଏପି ଖବର ପ୍ରକାଶ ନ କରିବାକୁ ଗଣମାଧ୍ୟମ ଉପରେ ଚାପ ପକାଉଛନ୍ତି ମୋଦି

## କେଜ୍‌ରିୱାଲଙ୍କ ଅଭିଯୋଗ



ନୂଆଦିଲ୍ଲୀ,୧୮।୯

ଗୁଜରାଟ ବିଧାନସଭା ନିର୍ବାଚନରେ ହାରିଯିବା ଭୟ ଏବେ ଭାଜପା ନେତାମାନଙ୍କୁ ବିଚଳିତ କରିଛି। ସେମାନେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନେତାମାନଙ୍କ ବିରୋଧରେ ମିଛ ଦୁର୍ନୀତି ଅଭିଯୋଗ ଆଣି ଦଳକୁ ବଦନାମ କରିବାକୁ ଉଦ୍ୟମ ଚଳାଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଅଭିଯୋଗ କରିଛନ୍ତି। ଗୁଜରାଟରେ ଏଏପିର ଖବର ପ୍ରସାରଣ ନ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗଣମାଧ୍ୟମ ଉପଦେଷ୍ଟା ହିରେନ୍ ଜୋଷୀ ବିଭିନ୍ନ ଟିଭି ଚ୍ୟାନେଲ ମାଲିକ ଏବଂ ସମ୍ପାଦକମାନଙ୍କୁ ତାଗିଦା କରୁଛନ୍ତି। ଏପରିକି ଏଏପି ଖବର ପ୍ରସାରଣ କରିବାର ପରିଣତି ଭୋଗିବାକୁ ପଡ଼ିବ ବୋଲି ସେମାନଙ୍କୁ ଧମକ ଦିଆଯାଉଛି। କେତେଜଣ ସମ୍ପାଦକ ଉକ୍ତ ଧମକପୂର୍ଣ୍ଣ ବାର୍ତ୍ତା ତାଙ୍କୁ ଦେଖାଇଥିବା କେଜ୍‌ରିୱାଲ କହିଛନ୍ତି।

ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମରେ ଦଳର ରାଷ୍ଟ୍ରୀୟ ଜନପ୍ରତିନିଧି ସମ୍ମିଳନୀରେ ଉଦ୍‌ବୋଧନ ଦେବା ଅବସରରେ କେଜ୍‌ରିୱାଲ ଭାଜପା ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଗୁଜରାଟରେ ଏଏପିର ବର୍ଦ୍ଧିତ ଲୋକପ୍ରିୟତାକୁ ଗୈରିକ ଦଳ ହଜମ କରିପାରୁ ନ ଥିବା ଏଏପି ଆବାହକ କହିଛନ୍ତି।

ଭାରତକୁ ବିଶ୍ୱର ଏକ ନମ୍ବର ଦେଶରେ ପରିଣତ କରିବା ଲାଗି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଛଅସୂତ୍ରୀ ଏଜେଣ୍ଡା ଘୋଷଣା କରିଛନ୍ତି। ଆମକୁ ୧୩୦ କୋଟି ଲୋକଙ୍କ ମେଣ୍ଟ ଗଢ଼ିବାକୁ ହେବ ବୋଲି ସେ କହିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏଏପିକୁ ଜାତୀୟ ସ୍ତରକୁ ସମ୍ପ୍ରସାରଣ କରିବା ଉପରେ ଦଳର ପ୍ରଥମ ଜାତୀୟ ଜନପ୍ରତିନିଧି ସମ୍ମିଳନୀରେ ଗୁରୁତ୍ୱାରୋପ କରାଯାଇଥିଲା। ଉତ୍ତମ ସ୍ୱାସ୍ଥ୍ୟସେବା, ବିଶ୍ୱସ୍ତରୀୟ ଭିତ୍ତିଭୂମି, ନିଯୁକ୍ତି ସୁରକ୍ଷା, ମହିଳାଙ୍କ ପାଇଁ ସୁଯୋଗ ଆଦି କାର୍ଯ୍ୟସୂଚୀ ଦ୍ୱାରା ଭାରତକୁ ଶ୍ରେଷ୍ଠ ଦେଶରେ ପରିଣତ କରାଯାଇପାରିବ ବୋଲି କେଜ୍‌ରିୱାଲ କହିଥିଲେ।

# ରାହୁଲଙ୍କୁ ଅଧ୍ୟକ୍ଷ କରିବା ଲାଗି ଛତିଶଗଡ଼ କଂଗ୍ରେସରେ ପ୍ରସ୍ତାବ ଗୃହୀତ

ରାୟପୁର/ନୂଆଦିଲ୍ଲୀ,୧୮।୯

କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲର ସପ୍ତାହେ ପୂର୍ବରୁ ରାହୁଲ ଗାନ୍ଧୀଙ୍କୁ ଦଳର ମୁଖ୍ୟ କରିବା ଲାଗି ଛତିଶଗଡ଼ କଂଗ୍ରେସରେ ରବିବାର ଏକ ପ୍ରସ୍ତାବ ଗୃହୀତ ହୋଇଛି। ଏଥିପାଇଁ ଅନୁଷ୍ଠିତ ଦଳୀୟ ବୈଠକରେ ପ୍ରଦେଶ କଂଗ୍ରେସ କମିଟିର ୩୧୦ ଜଣ ପ୍ରତିନିଧି ଯୋଗଦେଇଥିଲେ। ବୈଠକରେ ପ୍ରଦେଶ କଂଗ୍ରେସ ସଭାପତି ମୋହନ ମାର୍‌କାମ, ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, ଏଆଇସିସି ସାଧାରଣ ସମ୍ପାଦକ ପି.ଏଲ୍. ପୁନିଆ ଏବଂ ବଘେଲ ସରକାରଙ୍କ ମନ୍ତ୍ରୀମାନେ ଉପସ୍ଥିତ ଥିଲେ। ରାହୁଲଙ୍କୁ କଂଗ୍ରେସ ଅଧ୍ୟକ୍ଷ ନିଯୁକ୍ତ କରିବା ଲାଗି ମୁଖ୍ୟମନ୍ତ୍ରୀ ବଘେଲ ପ୍ରସ୍ତାବ ଆଗତ କରିଥିବାବେଳେ ଏହାକୁ ପିସିସି ସଦସ୍ୟ ଓ ଅନ୍ୟମାନେ ସମର୍ଥନ ଜଣାଇଥିଲେ। ରାହୁଲଙ୍କୁ ଦଳର ମୁଖ୍ୟ ନିଯୁକ୍ତ କରିବା ଲାଗି ପୂର୍ବରୁ ରାଜସ୍ଥାନ କଂଗ୍ରେସରେ ମଧ୍ୟ ଅନୁରୂପ ପ୍ରସ୍ତାବ ଗୃହୀତ ହୋଇଥିଲା।

## ମୁଖ୍ୟ ହୁଅନ୍ତୁ କି ନାହିଁ, ରାହୁଲଙ୍କୁ ଦଳରେ ସର୍ବୋଚ୍ଚ ସ୍ଥାନ ମିଳିବ: ଚିଦାମ୍ବରମ


ଏଆଇସିସି ମୁଖ୍ୟ ନିର୍ବାଚନ ସହମତିରେ କରିବା ସପକ୍ଷରେ ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍ ମତ ଦେଇଛନ୍ତି। ରାହୁଲ ଅଧ୍ୟକ୍ଷ ହୁଅନ୍ତୁ ବା ନ ହୁଅନ୍ତୁ, ତାଙ୍କୁ ଦଳରେ ସବୁବେଳେ ସର୍ବୋଚ୍ଚ ସ୍ଥାନ ମିଳିବ ; କାରଣ ସେ ଦଳରେ ସମସ୍ତଙ୍କର 'ସ୍ୱୀକୃତ ନେତା' ବୋଲି ଚିଦାମ୍ବରମ୍ କହିଛନ୍ତି। ଯଦିଓ ରାହୁଲ ଏଆଇସିସି ଅଧ୍ୟକ୍ଷ ହେବା ଲାଗି ଅନାଗ୍ରହ ପ୍ରକାଶ କରିଆସିଛନ୍ତି, ତେବେ ସେ ମନ ପରିବର୍ତ୍ତନ କରିପାରନ୍ତି ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସ କାର୍ଯ୍ୟକାରୀ କମିଟି ସଦସ୍ୟ କହିଛନ୍ତି। ସାଂଗଠନିକ ନିର୍ବାଚନ ଲାଗି ଭୋଟର ତାଲିକା ପ୍ରକାଶ କରିବାକୁ ପୂର୍ବରୁ ଦଳର ବରିଷ୍ଠ ନେତା ଶଶୀ ଥରୁର, ମନୀଷ ତିୱାରୀ, କାର୍ତ୍ତି ଚିଦାମ୍ବରମ୍, ପ୍ରଦ୍ୟୁତ୍ ବୋର୍ଦୋଲୋଇ, ଅବଦୁଲ ଖାଲେକ୍ ପ୍ରମୁଖ ଦାବି କରିଥିଲେ। ତେବେ ଦଳ ଅଧ୍ୟକ୍ଷ ନିର୍ବାଚନରେ ସ୍ୱଚ୍ଛତାକୁ ନେଇ କୌଣସି ବିବାଦ ନ ଥିବା ଚିଦାମ୍ବରମ୍ କହିଛନ୍ତି। ଇଲେକ୍ଟୋରାଲ କଲେଜର ଭୋଟର ତାଲିକା ପ୍ରକାଶ କରିବା ବ୍ୟବସ୍ଥା କୌଣସି ରାଜ୍ୟରେ ନାହିଁ। ତେବେ ପ୍ରଦେଶ କଂଗ୍ରେସ କମିଟି ସ୍ତରରେ ଇଲେକ୍ଟୋରାଲ ରୋଲ୍ ଏହାର ସଦସ୍ୟମାନଙ୍କ ନିମନ୍ତେ ଉପଲବ୍ଧ ହେବାକୁ ଥିବାବେଳେ ସର୍ବଭାରତୀୟ ସ୍ତରରେ ଏହି ତାଲିକା ଏଆଇସିସି କାର୍ଯ୍ୟାଳୟରେ ଦେଖିବାକୁ ମିଳିବ। ନିର୍ବାଚନରେ ଭାଗ ନେବାକୁ ଥିବା ପ୍ରତ୍ୟେକ ପ୍ରାର୍ଥୀଙ୍କୁ ତାଲିକାର କପି ପ୍ରଦାନ କରାଯିବ ବୋଲି କଂଗ୍ରେସ କେନ୍ଦ୍ରୀୟ ନିର୍ବାଚନ କର୍ତ୍ତୃପକ୍ଷର ଅଧ୍ୟକ୍ଷ ମଧୁସୂଦନ ମିସ୍ତ୍ରୀ ପୂର୍ବରୁ ସ୍ପଷ୍ଟ କରିଛନ୍ତି।

# ଅକ୍ଟୋବର ୩୧ରୁ ଓଡ଼ିଶାରେ ଭାରତ ଯୋଡ଼ୋ କାର୍ଯ୍ୟକ୍ରମ

- ଇନ୍ଦିରା ପାର୍କରୁ ଶୁଭାରମ୍ଭ, ଜାନୁୟାରୀ ୩୦ରେ ସରିବ
- ପ୍ରଧାନମନ୍ତ୍ରୀଙ୍କ ଇଙ୍ଗିତରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଉଠ୍‌ବସ ହୁଅନ୍ତି: ଜୟରାମ

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ଭାରତକୁ ଯୋଡ଼ି ରଖିବା ପାଇଁ ଭାରତ ଯୋଡ଼ୋ କାର୍ଯ୍ୟକ୍ରମର ଅସଲଉଦ୍ଦେଶ୍ୟ ବୋଲି ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଜୟରାମ ରମେଶ କହିଛନ୍ତି। ଭାରତ ଯୋଡ଼ୋ ଓଡ଼ିଶା କାର୍ଯ୍ୟକ୍ରମ ଆସନ୍ତା ଅକ୍ଟୋବର ୩୧ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସରେ ଭୁବନେଶ୍ୱରସ୍ଥିତ ଇନ୍ଦିରାପାର୍କଠାରୁ ଆରମ୍ଭ ହେବ। ଅପରପକ୍ଷରେ ଓଡ଼ିଶାରେ ଏକ ଯୁଗଳବନ୍ଦୀ ସରକାର ଚାଲିଛି। ଏମାନେ ଓଡ଼ିଶାରେ ଭିନ୍ନ ଛଳନା କରୁଥିଲା ବେଳେ ଦିଲ୍ଲୀରେ ଏକାଠି। ପ୍ରଧାନମନ୍ତ୍ରୀଙ୍କ ଇଙ୍ଗିତରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଉଠ୍‌ବସ ହୁଅନ୍ତି ବୋଲି ଜୟରାମ କହିଛନ୍ତି।



କଂଗ୍ରେସ ଭବନଠାରେ ରବିବାର ଓଡ଼ିଶାରେ ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ରୋଡ୍‌ମ୍ୟାପ ପୁସ୍ତିକାକୁ ଉନ୍ମୋଚନ କରୁଛନ୍ତି ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ ଓ ଜୟରାମ ରମେଶ। ନିକଟରେ ଉପସ୍ଥିତ ଅଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ ଓ ଓଡ଼ିଶା ପ୍ରଭାରୀ ଏ.ଚେଲ୍ଲା କୁମାର।

କଂଗ୍ରେସ ଭବନଠାରେ ରବିବାର ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ଜୟରାମ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଆର୍‌ଏସ୍‌ଏସ୍(ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ) ଏବଂ ଭାଜପାର ଜନବିରୋଧୀ ନୀତି ପାଇଁ ଭାରତ ବର୍ତ୍ତମାନ ରସାତଳଗାମୀ ହୋଇପଡ଼ିଛି। ପ୍ରଧାନମନ୍ତ୍ରୀ ଦେଶର ସମସ୍ତ କ୍ଷମତାକୁ ନିଜ ଆୟତ୍ତରେ ରଖି ଏହାକୁ ଅପବ୍ୟବହାର କରୁଛନ୍ତି। ସାମ୍ବିଧାନିକ ସଂସ୍ଥା ଏବେ ଦୁର୍ବଳ, ଏହାର ଦୁରୁପଯୋଗ ହେଉଛି। ଯେଉଁଥି ପାଇଁ ଭାରତ ନିଜ ଭିତରେ ବିଭାଜିତ ହୋଇପଡ଼ିଛି। ଭାରତ ଯୋଡ଼ୋ ଯାତ୍ରାର ଅଧ୍ୟକ୍ଷ ଦିଗ୍‌ବିଜୟ ସିଂ କହିଛନ୍ତି, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଭାରତ ବର୍ଷର ପ୍ରତ୍ୟେକ ପରିବାର ବର୍ଗଙ୍କ ପାଖରେ ବାର୍ତ୍ତା ପହଞ୍ଚାଇବା ହିଁ ମୁଖ୍ୟ ଉଦ୍ଦେଶ୍ୟ। ବୁଥ୍‌ରୁ ପ୍ରଦେଶ ପର୍ଯ୍ୟନ୍ତ ଦାୟିତ୍ୱରେ ଥିବା କଂଗ୍ରେସ ପଦାଧିକାରୀ କେତୋଟି ପରିବାରକୁ ଏହି ଯାତ୍ରା ସହିତ ଯୋଡ଼ିଛନ୍ତି ତା'ର ମଧ୍ୟ ତଥ୍ୟ ରହିବ। ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ରାଜ୍ୟର ୨୬ ଜିଲାର ୨୨୫୦ କି.ମି. ଏବଂ ପ୍ରତିଦିନ ୨୦ କି.ମି. ପଦଯାତ୍ରା ହେବ। ଏହି ପଦଯାତ୍ରା ୧୦୦ ଦିନ ଧରି ଅନୁଷ୍ଠିତ ହୋଇ ଜାନୁୟାରୀ ୩୦ରେ ଭୁବନେଶ୍ୱରରେ ସମାପ୍ତ ହେବ ବୋଲି ସେ ପ୍ରକାଶ କରିଥିଲେ। ଏହି ଅବସରରେ ଭାରତ ଯୋଡ଼ୋ ଓଡ଼ିଶା ସମ୍ପର୍କରେ ଏକ ରୋଡ୍‌ମ୍ୟାପ ପୁସ୍ତିକା ଉନ୍ମୋଚନ ହୋଇଛି।

# କଂଗ୍ରେସରେ ଗଡ଼ମଧୁପୁର ରାଜଜେମା

ଧର୍ମଶାଳା,୧୮।୯(ଡି.ଏନ.ଏ.)


ଅପର୍ଣ୍ଣାଧୀରସିଂ ଭରଦ୍ୱାଜ

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ଗଡ଼ମଧୁପୁରର ରାଜଜେମା ଅପର୍ଣ୍ଣାଧୀରସିଂ ଭରଦ୍ୱାଜ ରବିବାର କଂଗ୍ରେସରେ ସାମିଲ ହୋଇଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ ନେତା ଜୟରାମ ରମେଶ, ଓଡ଼ିଶା କଂଗ୍ରେସ ପ୍ରଭାରୀ ଏ ଚେଲ୍ଲା କୁମାର, ଏଆଇସିସି ସମ୍ପାଦକ ରୁଦ୍ର ରାଜୁ ଓ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ ଭୁବନେଶ୍ୱର କଂଗ୍ରେସ ଭବନଠାରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଅତିଥିମାନେ ତାଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ଭାଜପା କାର୍ଯ୍ୟ କଳାପରେ ସେ ଅସନ୍ତୁଷ୍ଟ ହୋଇ କିଛି ଦିନ ତଳେ ଦଳୀୟ ପଦପଦବୀ ଓ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ସେ କେଉଁ ଦଳରେ ସାମିଲ ହେବେ ସେ ନେଇ କଳ୍ପନାଜଳ୍ପନା ଲାଗିରହିଥିଲା। ତେବେ ଲୋକମତ ଓ କଂଗ୍ରେସର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଏହି ନିଷ୍ପତ୍ତି ନେଇଥିବା କୁହାଯାଉଛି।

# କଂଗ୍ରେସରୁ ଇସ୍ତଫା ସୁଅ

## ଦଳ ଛାଡ଼ିଲେ ଜିଲା ଉପସଭାପତି, ସମ୍ପାଦକଙ୍କ ସମେତ ବହୁ ସଦସ୍ୟ

କାମାକ୍ଷାନଗର, ୧୮।୯(ଡି.ଏନ୍.ଏ.)

ପଞ୍ଚାୟତ ଏବଂ ପୌର ନିର୍ବାଚନରେ ଢେଙ୍କାନାଳ ଜିଲାରେ କଂଗ୍ରେସର ଶୋଚନୀୟ ପ୍ରଦର୍ଶନରେ ହତୋତ୍ସାହିତ ହୋଇପଡ଼ିଛନ୍ତି ଦଳୀୟ କର୍ମକର୍ତ୍ତା। ତେଣୁ ଯୁବନେତା, କର୍ମୀଙ୍କ ଇସ୍ତଫା ଦେବା ଆରମ୍ଭ କରିଛନ୍ତି। ଏହିକ୍ରମରେ ଜିଲା କଂଗ୍ରେସ କମିଟି ଉପସଭାପତି ପ୍ରଭୁଦତ୍ତ ଭଞ୍ଜ, ସମ୍ପାଦକ ଚିତ୍ତରଞ୍ଜନ ସାମଲଙ୍କ ସମେତ କାମାକ୍ଷାନଗର ନିର୍ବାଚନମଣ୍ଡଳୀର ୪୦ରୁ ଊର୍ଦ୍ଧ୍ୱ ନେତା ଓ କର୍ମୀ ସେମାନଙ୍କ ପ୍ରାଥମିକ ସଦସ୍ୟ ପଦବୀରୁ ସାମୂହିକ ଇସ୍ତଫା ଦେଇଛନ୍ତି। ଇସ୍ତଫା ପତ୍ର ପ୍ରଦେଶ କଂଗ୍ରେସ କମିଟି ନିକଟକୁ ପଠାଇ ଦିଆଯାଇଥିବା ଜିଲା ଉପସଭାପତି ଭଞ୍ଜ କହିଛନ୍ତି।ସେମାନେ ଇସ୍ତଫାପତ୍ରରେ ନିଜର କ୍ଷୋଭ ବ୍ୟକ୍ତ କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ଓଡ଼ିଶାରେ କଂଗ୍ରେସ ଦୟନୀୟ ଅବସ୍ଥାକୁ ଚାଲିଆସିଛି। ତୃଣମୂଳସ୍ତରରେ ଅଣଦେଖାର ଶିକାର ହୋଇ ରହିଥିବା ବହୁ କର୍ମୀ ଏବେ ଦଳ ଛାଡିବାରେ ଲାଗିଛନ୍ତି। ଦଳକୁ ସୁଦୃଢ଼ କରିବା ଲାଗି କୌଣସି ରଣନୀତି ପ୍ରସ୍ତୁତ କରାଯାଉନାହିଁ। କଂଗ୍ରେସ ଏବେ ଭାଜପା ଏବଂ ବିଜେଡିକୁ ସାମ୍ନା କରିବାକୁ ଅସମର୍ଥ ହୋଇପଡ଼ିଛି। ଗତ ନିର୍ବାଚନରେ ଦଳର ପ୍ରଦର୍ଶନ ଅତି ଶୋଚନୀୟ ରହିଥିଲା। ଦଳର ଭବିଷ୍ୟତ ଅନ୍ଧକାର ହୋଇପଡ଼ିଛି। ତେଣୁ ସେମାନେ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା କହିଛନ୍ତି।

# କଂଗ୍ରେସ ବଂଶଜମାନେ ଡ୍ରାମାବାଜି କରୁଛନ୍ତି: ଭାଜପା

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ନିଜ ଦୋଷ ଓ ଦୁର୍ବଳତାକୁ ଦେଶବାସୀଙ୍କ ସମ୍ମୁଖରେ ଲୁଚାଇବା ପାଇଁ ଦେଶ ବିଭାଜନର ମୁଖ୍ୟ କାରଣ ସାଜିଥିବା କଂଗ୍ରେସର ବଂଶଜମାନେ ବର୍ତ୍ତମାନ ବିଭିନ୍ନ ଡ୍ରାମାବାଜି କରୁଛନ୍ତି। ଅତୀତର ଦୋଷ ପାଇଁ ପ୍ରାୟଶ୍ଚିତ୍ତ ନ କରି ପଦଯାତ୍ରା ଦ୍ୱାରା ନିଜ ପାପକୁ ଆହୁରି ଦ୍ୱିଗୁଣିତ କରୁଛନ୍ତି ବୋଲି ଭାଜପା ନେତା ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ କେନ୍ଦ୍ରୀୟ ନେତାଙ୍କୁ ଟାର୍ଗେଟ କରି ମୋହନ କହିଛନ୍ତି, ଦେଶ ସ୍ୱାଧୀନ ହେବା ପରେ କଂଗ୍ରେସର କେବଳ ବଂଶବାଦ ଓ ତୁଷ୍ଟୀକରଣ ରାଜନୀତି କାରଣରୁ ଭାରତବର୍ଷର ବିକାଶ ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ 'ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ୍, ସବ୍‌କା ପ୍ରୟାସ'କୁ ପାଥେୟ କରି ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୮ ବର୍ଷର ଶାସନରେ ଭାରତବର୍ଷକୁ ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ଦେବାରେ ସଫଳ ହୋଇଛନ୍ତି। କଂଗ୍ରେସର ଦାୟାଦ ସାଜିଥିବା ରାହୁଲ ଗାନ୍ଧୀ ଏହାକୁ ସହି ନ ପାରି ଏବଂ ନିଜ ସ୍ଥିତି ଓ ଅସ୍ତିତ୍ୱକୁ ବଞ୍ଚାଇ ରଖିବା ପାଇଁ ପଦଯାତ୍ରା ଆଳରେ ଡ୍ରାମାବାଜି କରୁଛନ୍ତି। ଅତୀତର କୁକର୍ମ ପାଇଁ ରାଷ୍ଟ୍ରୀୟ ସ୍ତରରେ କଂଗ୍ରେସର ସ୍ଥିତି ଦିନକୁ ଦିନ ରସାତଳଗାମୀ ହେବାରେ ଲାଗିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୃଢ଼ ନେତୃତ୍ୱ, ବଳିଷ୍ଠ ବ୍ୟକ୍ତିତ୍ୱ ଓ ଲୋକାଭିମୁଖୀ ଯୋଜନାକୁ ନେଇ କଂଗ୍ରେସର ହାଇକମାଣ୍ଡଙ୍କଠାରୁ ତୃଣମୂଳ ସ୍ତରର ନେତାମାନେ ଅସହିଷ୍ଣୁ ହୋଇପଡିଛନ୍ତି। ୨୦୧୪ରେ ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ଦେଶ ଓ ବିଦେଶରେ ନିଜର ଆଧିପତ୍ୟ ବିସ୍ତାର କରିବାକୁ କଂଗ୍ରେସ ନେତା ରାହୁଲ ସହଜେ ହଜମ କରି ନ ପାରି ବାଉଳାଚାଉଳା ହେଉଛନ୍ତି। କଂଗ୍ରେସ 'ଭାରତ ଯୋଡ଼ୋ' ଯାତ୍ରା ଆରମ୍ଭ କଲାବେଳକୁ ଗୋଟିଏ ଗୋଟିଏ ରାଜ୍ୟରେ ଦଳ ଛିଡ଼ି ପଡୁଛି। ଦୁଇଦିନ ତଳେ ଗୋଆରେ କଂଗ୍ରେସ ଦଳ ପରିତ୍ୟାଗ କରିଥିବା ବିଧାୟକଙ୍କ ଘଟଣା ହେଉଛି କଂଗ୍ରେସର ବାସ୍ତବ ସ୍ଥିତି ବୋଲି ମୋହନ କହିଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୭୧,୦୮,୦୧୯ | ୬୫,୩୦,୬୧୬ | ୫୯,୬୬,୨୨,୭୩୮ |
| ଭାରତ | ୪,୪୫,୩୪,୧୮୮ | ୫,୨୮,୩୩୭ | ୪,୩୯,୫୭,୯୨୯ |
| ଓଡ଼ିଶା | ୧୩,୩୧,୭୯୩ | ୯୧୮୬(+୫୩) | ୧୩,୨୧,୧୨୬ |

ରବିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର



# ମାଟି ତଳେ ଚାପି ହୋଇ ୨ ଚାଷୀ ମୃତ

## ଜଳାଶୟର ହିଡ଼୍ କାଟିବା ବେଳେ ମାଟି ଧସିଲା

ଟିଟିଲାଗଡ,୧୮।୯(ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ଅଦାବାହାଲ ପଞ୍ଚାୟତ ଅନ୍ତର୍ଗତ ଡୁଙ୍ଗରିଗୁଡା ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି । ନିଜ ଚାଷଜମିକୁ ପାଣି ମଡାଇବା ପାଇଁ ଯାଇ ପାଖରେ ଥିବା ଏକ ଜଳାଶୟର ହିଡ଼୍‌କୁ କାଟିବା ବେଳେ ମାଟି ଧସିଯିବାରୁ ଚାପି ହୋଇ ଦୁଇ ଜଣଙ୍କ ଜୀବନ ଯାଇଛି । ମୃତକ ହେଲେ ଜମି ମାଲିକ ଗଣେଶ ବାଗ (୫୦ )ଓ ଶ୍ରମିକ ପରଦେଶୀ ଭୋଇ (୨୫ )।

ପ୍ରକାଶ ଯେ, ଚାଷ ଜମିରେ ପାଣି ନ ଥିବାରୁ ଗତ କିଛି ଦିନ ହେବ ଗଣେଶ ଓ ପରଦେଶୀ ଉକ୍ତ ଜଳାଶୟ ହିଡକୁ କାଟିବା ପାଇଁ ଯାଉଥିଲେ । ରବିବାର ଉଭୟ ଯାଇଥିବା ବେଳେ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଘରକୁ ଖାଇବା ପାଇଁ ନ ଆସିବାରୁ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ଖୋଜାଖୋଜି କରିଥିଲେ । ସେମାନଙ୍କ ପତ୍ତା ନ ମିଳିବାରୁ ଖୋଲାନ ସରପଞ୍ଚ ନରେଶ ଅଗ୍ରୱାଲଙ୍କୁ ଫୋନ ଯୋଗେ ଜଣାଇଥିଲେ । ଏ ନେଇ ଅଗ୍ରୱାଲଙ୍କ ଠାରୁ ଖବର ପାଇ ଅଗ୍ନିଶମ ବାହିନୀ ମାଟି ତଳୁ ଦୁଇ ଜଣଙ୍କ ମୃତଦେହ ଜବତ କରିଥିଲେ । ସିନ୍ଧେକେଲା ପୋଲିସ ଏହି ଘଟଣାରେ ନଂ. ୪/୨୦୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ମୃତଦେହ ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ ଉପଖଣ୍ଡ ଡାକ୍ତରଖାନା ପଠାଯାଇଛି । ମାଟି ତଳେ ଚାପି ହୋଇ ଦୁଇଜଣଙ୍କ ମୃତ୍ୟୁ ଘଟିବା ଖବର ପ୍ରଚାର ହେବା ପରେ ଡୁଙ୍ଗରିଗୁଡା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।



ଜଳାଶୟ ନିକଟରେ ଲୋକଙ୍କ ଭିଡ ।

# ନୂତନ ଜଳନୀତିରେ ପରିବର୍ତ୍ତନ ବ୍ୟବସ୍ଥାରେ ଉନ୍ନତି ଆଣିବ

## ନୂତନ ରାଜ୍ୟ ଜଳନୀତି ସମ୍ପର୍କିତ ବୈଠକ

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ରାଜ୍ୟରେ ନୂତନ ଜଳ ନୀତି ପ୍ରଣୟନ ସମ୍ପର୍କିତ ଆନ୍ତଃବିଭାଗୀୟ ବୈଠକ ଶନିବାର ରାଜ୍ୟ ଜଳସମ୍ପଦ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁଙ୍କୁ ମୁଖ୍ୟଯନ୍ତ୍ରୀ ଆଗାମୀ ଦିନରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରସ୍ତାବିତ ନୂତନ ରାଜ୍ୟ ଜଳ ନୀତି ସମ୍ପର୍କରେ ଅବଗତ କରାଇଛନ୍ତି। କୃଷି, ଶିଳ୍ପ ତଥା ଆନୁଷଙ୍ଗିକ କ୍ଷେତ୍ରରେ କୃଷକ ତଥା ଜନସାଧାରଣଙ୍କ ନିମନ୍ତେ ଜଳର ଆବଶ୍ୟକତା ପୂରଣ ଦିଗରେ ରାଜ୍ୟ ସରକାର ଯେଉଁ ଲକ୍ଷ୍ୟ ରଖି କାର୍ଯ୍ୟ କରୁଛନ୍ତି, ପ୍ରସ୍ତାବିତ ନୂତନ ଜଳନୀତି ଏ ଦିଗରେ ସହାୟକ ହେବ ବୋଲି ମନ୍ତ୍ରୀ ସାହୁ କହିଛନ୍ତି। ବୈଠକରେ ନୂତନ ରାଜ୍ୟ ଜଳ ନୀତିରେ ଜଳ ସମ୍ପଦ ବିଭାଗରେ ଥିବା ବିଭିନ୍ନ ଉପ ବିଭାଗର କାର୍ଯ୍ୟକ୍ରମରେ ହେବାକୁ ଥିବା ପରିବର୍ତ୍ତନ ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଛି। ସମ୍ପ୍ରତି ଜଳସମ୍ପଦ ବିଭାଗ ଜରିଆରେ କାର୍ଯ୍ୟକାରୀ ହେଉଥିବା ମଧ୍ୟମ, ବୃହତ୍ ଓ କ୍ଷୁଦ୍ର ଜଳସେଚନ, ମେଗା ଲିଫ୍ଟ, ଉଠା ଜଳସେଚନ ଓ ଅନ୍ୟାନ୍ୟ ବ୍ୟବସ୍ଥାରେ ଜଳସେଚନ କରାଯାଉଛି। ରାଜ୍ୟ ଜଳନୀତିରେ ଆବଶ୍ୟକ ପରିବର୍ତ୍ତନ କରାଗଲେ ବ୍ୟବସ୍ଥାରେ ଅଧିକ ଉନ୍ନତିକରଣ ହେବ ବୋଲି ଏ ସମ୍ପର୍କରେ ବିଭାଗୀୟ ମୁଖ୍ୟଯନ୍ତ୍ରୀମାନେ ପାୱାର ପଏଣ୍ଟ ମାଧ୍ୟମରେ ବୁଝାଇଛନ୍ତି।

ନୂତନ ଜଳନୀତିରେ ଭୂତଳ ଜଳ ସଂରକ୍ଷଣ, ସେଚାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ଓ ୱାଲ୍‌ମୀ ଜରିଆରେ କାର୍ଯ୍ୟକ୍ରମ ସମ୍ପର୍କିତ ବ୍ୟବସ୍ଥାରେ ଆବଶ୍ୟକ ପରିବର୍ତ୍ତନ ବିଷୟରେ ମଧ୍ୟ ଆଲୋଚନା କରାଯାଇଛି। ବୈଠକରେ ଜଳ ସଂପଦ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ କହିଛନ୍ତି, ନୂତନ ଜଳନୀତିରେ କ'ଣ କ'ଣ ପରିବର୍ତ୍ତନ କରାଗଲେ ଜନସାଧାରଣ ଅଧିକରୁ ଅଧିକ ବ୍ୟବହାର ଉପଯୋଗୀ ଜଳ ପାଇପାରିବେ ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି। କେତେକ ସ୍ଥଳେ ବିଭାଗୀୟ ଅଧିକାରୀ ତଥା ମୁଖ୍ୟ ଯନ୍ତ୍ରୀମାନଙ୍କୁ ପ୍ରସ୍ତାବିତ ନୂତନ ଜଳନୀତିକୁ ପୁନଃ ଅବଲୋକନ କରିବାକୁ ଗର୍ଗ ପରାମର୍ଶ ଦେଇଛନ୍ତି। ସମ୍ପ୍ରତି ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଜଳ ପରିଚାଳନା, ଜଳର ଉପଯୁକ୍ତ ବ୍ୟବହାର ଏବଂ ଜଳ ଉପରେ ନିର୍ଭର କରୁଥିବା ସହଭାଗୀ ଅନୁଷ୍ଠାନଗୁଡିକର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ ଜଳନୀତି-୨୦୦୭ରେ ଆବଶ୍ୟକ ପରିବର୍ତ୍ତନ ଅଣାଯାଇ ନୂତନ ଜଳନୀତି ପ୍ରଣୟନ ପାଇଁ ଜଳସଂପଦ ବିଭାଗ ତରଫରୁ ପଦକ୍ଷେପ ନିଆଯାଇଛି। ଏ ସମ୍ପର୍କରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ମତ୍ସ୍ୟ ଓ ପଶୁସଂପଦ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# କିଟ୍‌ର ୬ ଇଞ୍ଜିନିୟରିଂ ପାଠ୍ୟକ୍ରମକୁ ଆବେଟ୍‌ର ସ୍ୱୀକୃତି

ଭୁବନେଶ୍ୱର, ୧୮।୯(ବ୍ୟୁରୋ)

କିଟ୍ ବିଶ୍ୱବିଦ୍ୟାଳୟରେ ଇଞ୍ଜିନିୟରିଂର ୬ଟି ପାଠ୍ୟକ୍ରମକୁ ଆମେରିକାର ପ୍ରତିଷ୍ଠିତ ଆକ୍ରିଡିଟେଶନ ବୋର୍ଡ ଫର୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି(ଆବେଟ୍)ର ସ୍ୱୀକୃତି ମିଳିଛି। ଗୋଟିଏ ଅନୁଷ୍ଠାନର ୬ଟି ପାଠ୍ୟକ୍ରମକୁ ଆବେଟ୍ ମାନ୍ୟତା ମିଳିବା କ୍ଷେତ୍ରରେ କିଟ୍ ବିଶ୍ୱବିଦ୍ୟାଳୟ ହେଉଛି ଦେଶର ପ୍ରଥମ। ଆବେଟ୍ ହେଉଛି ଇଞ୍ଜିନିୟରିଂ ଓ ଇଞ୍ଜିନିୟରିଂ ଟେକ୍ନୋଲୋଜି ଶିକ୍ଷାକୁ ମାନ୍ୟତା ପ୍ରଦାନ କରୁଥିବା ବିଶ୍ୱର ପ୍ରମୁଖ ସଙ୍ଗଠନ। ଇଞ୍ଜିନିୟରିଂ ଶିକ୍ଷା ପାଇଁ 'ଗୋଲ୍ଡ ଷ୍ଟାଣ୍ଡାର୍ଡ' ଭାବେ ବିବେଚିତ ହେଉଥିବା ଆବେଟ୍ ଗୁଣାତ୍ମକମାନ ଥିବା ପାଠ୍ୟକ୍ରମ ସହ ଉତ୍ତୀର୍ଣ୍ଣ ହେଉଥିବା ସ୍ନାତକମାନଙ୍କୁ ଅନ୍ତର୍ଜାତୀୟସ୍ତରର କର୍ମକ୍ଷେତ୍ରରେ ପ୍ରବେଶ କରିବାର ସୁଯୋଗ ଦେଇଥାଏ। ଗୁଣାତ୍ମକ ଶିକ୍ଷା ସହ ଅନ୍ୟାନ୍ୟ ବିଷୟରେ ସମାନୁପାତିକ ଉନ୍ନତ ମାନ ପାଇଁ ଆବେଟ୍ କିଟ୍‌ର ୬ଟି ପାଠ୍ୟକ୍ରମକୁ ଏକାଥରକେ ସ୍ୱୀକୃତି ପ୍ରଦାନ କରିଛି। ଏଥିପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସମସ୍ତ ଛାତ୍ରୀଛାତ୍ର ଓ ଅଧ୍ୟାପିକାଅଧ୍ୟାପକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି, ଏହି ମାନ୍ୟତା ପାଇବା ଦ୍ୱାରା କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଅନ୍ତର୍ଜାତୀୟ ସ୍ତରରେ ନିଜ ଭବିଷ୍ୟତ ତିଆରି କରିବାରେ ଆଉଏକ ସୁଯୋଗ ସୃଷ୍ଟି ହୋଇଛି। ଆବେଟ୍ ମାନ୍ୟତା ଯେକୌଣସି ବୈଷୟିକ ବିଶ୍ୱବିଦ୍ୟାଳୟ ପାଇଁ ଅତ୍ୟନ୍ତ ସମ୍ମାନର ବିଷୟ ବୋଲି ସାମନ୍ତ କହିଛନ୍ତି।

# ଭୁଲ୍ ଇଞ୍ଜେକ୍ସନ ଯୋଗୁ ନାବାଳକ ମୃତ୍ୟୁ ଅଭିଯୋଗ

## କ୍ଲିନିକ୍‌ରେ ଉତ୍ତେଜନା

### ଆକ୍ରମଣରେ ଡାକ୍ତରଙ୍କ ମୁଣ୍ଡ ଫାଟିଲା

ଭଦ୍ରକ ଅଫିସ,୧୮।୯

ଭଦ୍ରକ ସହର ଆରଡ଼ିଛକ ନିକଟ ଏକ କ୍ଲିନିକରେ ରବିବାର ଇଞ୍ଜେକ୍ସନ ନେବା ପରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାସୁଦେବପୁର ବ୍ଲକ କରଞ୍ଜଆଡ଼ିଆ ଗ୍ରାମର ରତିକାନ୍ତ ପଣ୍ଡାଙ୍କ ପୁଅ ରାଜମୋହନ(୧୧)। ଭୁଲ୍ ଇଞ୍ଜେକ୍ସନ ଯୋଗୁ ପୁଅର ଜୀବନ ଯାଇଥିବା ମୃତକଙ୍କ ମା' ଜୟନ୍ତୀ ପଣ୍ଡା ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ଅପରାହ୍ନରେ ଉକ୍ତ କ୍ଲିନିକରେ ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ସମ୍ପର୍କୀୟମାନେ କ୍ଲିନିକ୍‌ରେ ଭଙ୍ଗାରୁଜା କରିବା ସହ ଆକ୍ରମଣରେ ଜଣେ କର୍ମଚାରୀ ଆହତ ହୋଇଥିବା ନେଇ ଅଭିଯୋଗ ମଧ୍ୟ ହୋଇଛି। ଏହି ସମୟରେ କ୍ଲିନିକର ଉପର ମହଲାରେ ରହୁଥିବା ଡାକ୍ତରଙ୍କ ଘର କବାଟକୁ ଉତ୍ତ୍ୟକ୍ତ ଲୋକେ ଧକ୍କା ମାରିଥିଲେ। ଫଳରେ କବାଟ ବାଜି ଡାକ୍ତରଙ୍କ ମୁଣ୍ଡ ଫାଟିଯାଇଛି। ଗ୍ରାମାଞ୍ଚଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ଆୟତ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

ଜୟନ୍ତୀଙ୍କ ଅଭିଯୋଗ ଅନୁଯାୟୀ, ରାଜମୋହନଙ୍କ ଶ୍ୱାସରୋଗ ଥିବାରୁ ସେ ପୂର୍ବାହ୍ନରେ ଶିଶୁରୋଗ ବିଶେଷଜ୍ଞ ଡା. କମଳାକାନ୍ତ ସ୍ୱାଇଁଙ୍କ କ୍ଲିନିକକୁ ଆଣିଥିଲେ। ଦିନ ପ୍ରାୟ ୧ଟା ବେଳେ ଡାକ୍ତର ତାଙ୍କୁ ଦେଖିବା ପରେ ଏକ ଇଞ୍ଜେକ୍ସନ ଲେଖିଥିଲେ। ସେ ଉକ୍ତ ଇଞ୍ଜେକ୍ସନ କିଣି ଆଣିବା ପରେ କ୍ଲିନିକର ଜଣେ କର୍ମଚାରୀ ରାଜମୋହନଙ୍କୁ ଦେଇଥିଲେ। ଇଞ୍ଜେକ୍ସନ ନେବାର ଅଳ୍ପ ସମୟ ପରେ ରାଜମୋହନ ମୁଣ୍ଡ ଓ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ନିସ୍ତେଜ ହୋଇଯାଇଥିଲେ। ସେ ବ୍ୟସ୍ତ ହୋଇ ଜଣାଇବା ପରେ ଡାକ୍ତର ରାଜମୋହନଙ୍କୁ ପରୀକ୍ଷା କରି ଚୁପ୍‌ଚାପ୍ ନିଜ ରୁମ୍‌କୁ ଚାଲିଯାଇଥିଲେ। କର୍ମଚାରୀଙ୍କଠାରୁ ତାଙ୍କ ପୁଅର ମୃତ୍ୟୁ ହୋଇଥିବା ସେ ଜାଣିବାକୁ ପାଇଥିଲେ। ଅପରପକ୍ଷେ ଡା. ସ୍ୱାଇଁ କହିଛନ୍ତି, ଉକ୍ତ ପିଲାକୁ ନିମୋନିଆ ହୋଇଥିବାରୁ ସେ ନିଃଶ୍ୱାସ ନେଇପାରୁ ନ ଥିଲେ। ତାଙ୍କୁ ଏକ ଇଞ୍ଜେକ୍ସନ ଦେବା ସହ ଅକ୍ସିଜେନ ଲଗାଇବାକୁ କର୍ମଚାରୀଙ୍କୁ କହିଥିଲେ। ଏଥିସହ ପିଲାକୁ ଡାକ୍ତରଖାନାକୁ ନେବାକୁ ତାଙ୍କ ମା'ଙ୍କୁ ପରାମର୍ଶ ଦେଇଥିଲେ ମଧ୍ୟ ସେ ନେଇ ନ ଥିଲେ। ତେବେ କ୍ଲିନିକରେ ଭଙ୍ଗାରୁଜା ଓ ଆକ୍ରମଣ ନେଇ ଡା. ସ୍ୱାଇଁ ଥାନାରେ ପାଲଟା ଅଭିଯୋଗ କରିଛନ୍ତି।



ପୁଅ ମୃତଦେହ ପାଖରେ ବସିଛନ୍ତି ବାସୁଦେବପୁର ବ୍ଲକ କରଞ୍ଜଆଡ଼ିଆ ଗ୍ରାମର ଜୟନ୍ତୀ ପଣ୍ଡା।



୫-ଟି ସଚିବ ଭି.କେ. ପାଣ୍ଡିଆନ ରବିବାର ଅପରାହ୍ନରେ ବିଡିଏ ଉପାଧ୍ୟକ୍ଷ ସଞ୍ଜୟ ସିଂହଙ୍କ ସହ ବରମୁଣ୍ଡା ଇଣ୍ଟର ଷ୍ଟେଟ୍ ବସ୍ ଟର୍ମିନାଲ ନିର୍ମାଣ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରୁଛନ୍ତି।

# ମାର୍ଚ୍ଚ ୨୦୨୩ ସୁଦ୍ଧା ଆଇଏସ୍‌ବିଟି କାମ ଶେଷ କର: ପାଣ୍ଡିଆନ

ଭୁବନେଶ୍ୱର,୧୮।୯(ବ୍ୟୁରୋ)

ଭୁବନେଶ୍ୱର ସ୍ଥିତ ବରମୁଣ୍ଡା ଇଣ୍ଟର ଷ୍ଟେଟ୍ ବସ୍ ଟର୍ମିନାଲ ରାଜ୍ୟର ସବୁଠାରୁ ବ୍ୟସ୍ତ ବସ୍ ଟର୍ମିନାଲ। ପ୍ରତିଦିନ ଏଠାରୁ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଶହ ଶହ ବସ୍ ଚଳାଚଳ କରିଥାଏ। ଯାତ୍ରୀଙ୍କ ସୁବିଧା, ନିରାପତ୍ତା ତଥା ଆବଶ୍ୟକତାକୁ ଦୃଷ୍ଟିରେ ରଖି ୫-ଟି ଉପକ୍ରମରେ ଏହି ବସ୍ ଟର୍ମିନାଲର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ କାମ ଚାଲିଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ଭି.କେ. ପାଣ୍ଡିଆନ ରବିବାର ଅପରାହ୍ନରେ ବିଡିଏ ଉପାଧ୍ୟକ୍ଷ ସଞ୍ଜୟ ସିଂହଙ୍କ ସହ ବରମୁଣ୍ଡା ଯାଇ ଆଇଏସ୍‌ବିଟି ଓ ବସ୍ ଡିପୋ କାମର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ୨୦୨୩ ମାର୍ଚ୍ଚ ସୁଦ୍ଧା ଆଇଏସ୍‌ବିଟି କାମ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଡିପୋ କାମ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଆଇଏସ୍‌ବିଟି କାମର ଅଗ୍ରଗତି ସନ୍ତୋଷଜନକ ରହିଛି। ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ୧୮୦ କୋଟି ଟଙ୍କା ବ୍ୟୟରେ ୧୧.୪୮ ଏକର ଜମି ଉପରେ ନିର୍ମିତ ଆଇଏସ୍‌ବିଟି ବରମୁଣ୍ଡାରେ ପାର୍କିଂ ଏଟିଏମ୍, ଫୁଡ୍ କୋର୍ଟ, ସପ୍ ରେଷ୍ଟୁରାଣ୍ଟ, କମର୍ସିଆଲ ସ୍ପେସ୍ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଉଛି।

# ଗୁଣାତ୍ମକ ଶିକ୍ଷା ପ୍ରଦାନ କରୁଛି ଓଡ଼ିଶା ଆଦର୍ଶ ବିଦ୍ୟାଳୟ





## ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର, ୧୮।୯(ବ୍ୟୁରୋ)

ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ 'ସ୍ପାର୍କ ୨୦୨୨' ରବିବାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲକ୍ଷ୍ୟକୁ ସାକାର କରିବା ପାଇଁ ପ୍ରତ୍ୟେକ ବ୍ଲକ ସ୍ତରରେ ଆଦର୍ଶ ବିଦ୍ୟାଳୟମାନ ସ୍ଥାପନ ସହିତ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି। ଏହି ବିଦ୍ୟାଳୟଗୁଡ଼ିକରେ ବର୍ତ୍ତମାନ ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୯୩,୪୨୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଚଳିତବର୍ଷ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷାରେ ଆଦର୍ଶ ବିଦ୍ୟାଳୟର ୧,୨୪୭ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ରାଜ୍ୟରେ ଶିକ୍ଷାର ଗୁଣାତ୍ମକ ମାନକୁ ସୂଚାଉଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା(ଶିକ୍ଷା) ଉପେନ୍ଦ୍ର ତ୍ରିପାଠୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ୍, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ପ୍ରକଳ୍ପ ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଯୁଗ୍ମନିର୍ଦ୍ଦେଶିକା ବନ୍ଦନା ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ତୈଳ ଉତ୍ତୋଳନ ପାଇଁ ପୋଖରୀ ଖନନ

## ଗୋପରେ ପେଟ୍ରୋଲ, ଡିଜେଲ ବାହାରିବା ଘଟଣା

### ୮ ଏକର ଜମିରେ ଚାଲିଛି ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ

ଗୋପ,୧୮।୯(ଡି.ଏନ୍.ଏ.)

ପୁରୀ ଜିଲା ଗୋପ ବ୍ଲକର ଦୁଇଟି ପଞ୍ଚାୟତରେ ପେଟ୍ରୋଲ, ଡିଜେଲ ଉତ୍ତୋଳନକୁ ନେଇ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହୋଇଛି। ଗୋପ ପଞ୍ଚାୟତର କୁଶୁପୁରୁ ନିକଟରେ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ଚାଷୀଙ୍କଠାରୁ ଅଧିଗ୍ରହଣ ହୋଇଥିବା ୮ଏକର ଜମିରେ ଏହି କାର୍ଯ୍ୟ ଆରମ୍ଭ କରାଯାଇଛି। ପ୍ରଥମେ ୩ଟି ଅସ୍ଥାୟୀ ପୋଖରୀ ଓ ରାସ୍ତା ନିର୍ମାଣ କରାଯାଇଛି। ସୂଚନାଥାଉ କି, ୨୦୨୦ ମସିହାରେ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ଗୋପ ବ୍ଲକର ବିଭିନ୍ନ ପଞ୍ଚାୟତର କେତେକ ଚାଷ ଜମିରେ ବୋରିଙ୍ଗ କାର୍ଯ୍ୟ କରାଯିବା ପରେ ଗୋପ ପଞ୍ଚାୟତର କୁଶୁପୁରୁ, ମହଲପଡା ପଞ୍ଚାୟତର ଚିତ୍ରା ଗ୍ରାମ ନିକଟରେ ପ୍ରାକୃତିକ ଗ୍ୟାସ ସହିତ ପେଟ୍ରୋଲ, ଡିଜେଲର ସନ୍ଧାନ ମିଳିବା ପରେ କମ୍ପାନୀ ପକ୍ଷରୁ ଉଦ୍ୟମ ଆରମ୍ଭ କରାଯାଇଥିଲା। ପରବର୍ତ୍ତୀ ସମୟରେ ସାଟେଲାଇଟ ସର୍ଭେ ଓ ପରୀକ୍ଷା କରାଯିବା ସହ ଉକ୍ତ ଅଞ୍ଚଳରେ ଥିବା ଚାଷଜମି ମାଲିକଙ୍କ ସହ ଆଲୋଚନା କରାଯାଇଥିଲା। କମ୍ପାନୀ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ କୁଶୁପୁରୁ ଠାରେ ଅଏଲ ଇଣ୍ଡିଆ କମ୍ପାନୀ ପକ୍ଷରୁ ୮ ଏକର ଚିହ୍ନଟ ଜମି ମାଲିକଙ୍କୁ ଡକାଯାଇ ୩ ବର୍ଷ ପାଇଁ ୩୭ଜଣ ଚାଷୀଙ୍କୁ ୯୭ ଲକ୍ଷ ଟଙ୍କା ଚେକ୍ ମାଧ୍ୟମରେ ଏଗ୍ରିମେଣ୍ଟ ଚୁକ୍ତି ଅନୁସାରେ ଦିଆଯାଇଥିଲା। ହେଲେ ଚିତ୍ରା ଗ୍ରାମରେ ଚିହ୍ନଟ ଜମିକୁ ପରେ କମ୍ପାନୀ କର୍ତ୍ତୃପକ୍ଷ ଚୁକ୍ତିନାମା ଅନୁଯାୟୀ ନେବେ ବୋଲି ଜଣାପଡିଥିବା ବେଳେ ଏ ପର୍ଯ୍ୟନ୍ତ ନିଆଯାଇ ନାହିଁ। ଅନ୍ୟପକ୍ଷରେ ଏ ସମ୍ପର୍କରେ ଅଏଲ ଇଣ୍ଡିଆ କମ୍ପାନୀ କର୍ତ୍ତୃପକ୍ଷ ବି.ଏନ୍. ସାହୁ କୁହନ୍ତି, ଚାଷୀଙ୍କ ଠାରୁ ଜମି ନିଆଯିବା ପରେ ପ୍ରାଥମିକ ପର୍ଯ୍ୟାୟରେ କାର୍ଯ୍ୟ କେବଳ ଆରମ୍ଭ ହୋଇଛି। କିଛି ଦିନ ପରେ ସମସ୍ତ କାର୍ଯ୍ୟ ପର୍ଯ୍ୟାୟକ୍ରମେ କରାଯିବ ବୋଲି ସେ କହିଛନ୍ତି।







**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଶ୍ରୀମନ୍ଦିରରେ ବୋଝିଆ ପଡ଼ି ଗୁରୁତର

ପୁରୀ ଅଫିସ, ୧୮।୯: ଶ୍ରୀମନ୍ଦିର ପରିସରରେ ରବିବାର ଜଣେ ବୋଝିଆ ମହାପ୍ରସାଦ ନେଇ ଯାଉଥିବାବେଳେ ପଡ଼ିଯାଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ଗୋଡ଼, ଛାତି ଓ ମୁଣ୍ଡରେ ଆଘାତ ଲାଗିଛି। ଆହତ ବୋଝିଆ ହେଲେ ପୁରୀ ସଦର ଥାନା ଅନ୍ତର୍ଗତ ଗୋଲାସାହିର ଜିତେନ୍ଦ୍ର ଜେନା(୫୨)। ସୂଚନାଯୋଗ୍ୟ, ଜିତେନ୍ଦ୍ର ମହାପ୍ରସାଦ ନେଇ ରାଜନଅରକୁ ଯାଉଥିବା ବେଳେ ଗର୍ଭଗୃହ ନିକଟରେ ତାଙ୍କର ଗୋଡ଼ ଖସିଯାଇଥିଲା। ସେ ତଳେ ପଡ଼ିଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଶ୍ରୀମନ୍ଦିର ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ଏହି ଘଟଣା ଯୋଗୁ ମହାପ୍ରଭୁଙ୍କ ନୀତି ପ୍ରଭାବିତ ହୋଇନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥଟ୍ଟା ଯେବେ କରି ବସିବ**
**ପାଖରେ ଥିବ ଶାଳୀ**
**ସଉଦା ଯେବେ କରି ବସିବ**
**ମାଗିଲେ ଦବ ବାକି।**

ଶାଳୀ ଓ ଭିଣୋଇଙ୍କ ସମ୍ପର୍କ ଅତ୍ୟନ୍ତ ମଧୁର ହୋଇଥିବାବେଳେ ଶାଳୀ ହିଁ ଭିଣୋଇର ଥଟ୍ଟା ମଜାର ପାତ୍ରୀ ହୋଇଥାଏ। ତେବେ ଏପରି ଥଟ୍ଟା ତାମସାକୁ ଶାଳୀ ଯଦି ହସି ହସି ଗ୍ରହଣ କରିନିଏ ତେବେ ଭିଣୋଇ ପାଇଁ ତାହା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ। ସେହିପରି ବାକିରେ ସଉଦାପତ୍ର ଦେବାରେ ଯଦି ଦୋକାନୀର କୌଣସି ଆପତ୍ତି ଅଭିଯୋଗ ନ ଥାଏ, ତେବେ ଏହାଠାରୁ ବଳି ସୁଖର କଥା ଆଉ କିଛି ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଥୋଇଲି ମାଇପର ଯାଉଁଳି ଗୁଣା**
**ବେହୀ ମାଇପକୁ ଚିରା କନା।**

ଯେଉଁ ସ୍ତ୍ରୀକୁ ବାହା ନହୋଇ ଭାର୍ଯ୍ୟା କରି ରଖିଥାନ୍ତି- ତାକୁ ଥୋଇଲି କହନ୍ତି। ରକ୍ଷିତା ସ୍ତ୍ରୀ କୁ ବେଶୀ ଆଦର, ପ୍ରୀତି ଓ ଯତ୍ନ। ପରନ୍ତୁ ବେଦୀରେ ବସି ବାହା ହୋଇଥିବା ସ୍ତ୍ରୀକୁ ହତାଦର। ଥୋଇଲି ମାଇପ ଗହଣାରେ ଛାଇ ହେଇଛି କିନ୍ତୁ ବିବାହିତ ସ୍ତ୍ରୀ ପାଇଁ ଲୁଗାକାନି ଟିକକ ବି ନାହିଁ। ବିବାହିତ ପତ୍ନୀକୁ ହତାଦର କରି ରକ୍ଷିତାକୁ ଆଦର ଅଭ୍ୟର୍ଥନା ଦେଖାଇବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ୨୦ରେ ଲଘୁଚାପ, ଆଜିଠୁ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୮।୯(ବ୍ୟୁରୋ) ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରର ଉତ୍ତର-ପଶ୍ଚିମ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣବଳୟ ଘନୀଭୂତ ହୋଇ ଆସନ୍ତା ୨୦ ତାରିଖରେ ଲଘୁଚାପରେ ପରିଣତ ହେବ। ଏହା ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି। ରବିବାର ଢେଙ୍କାନାଳରେ ୨୨ମିମି ବର୍ଷା ହୋଇଥିବାବେଳେ ସମ୍ବଲପୁର ୧୬.୨, ଭୁବନେଶ୍ୱର ୧୪, କୋରାପୁଟ ୧୨, ମାଲକାନଗିରି ୧୨.୪, କଟକ ୬.୮, ତାଳଚେର ୫, ଖୋର୍ଦ୍ଧା ୬, ଦାରିଙ୍ଗବାଡି ୪ ମିମି ବର୍ଷା ରେକର୍ଡ କରାଯାଇଛି। ତେବେ ସୋମବାରରୁ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ୨୨ ତାରିଖ ପର୍ଯ୍ୟନ୍ତ ଏହିଭଳି ବର୍ଷା ଲାଗି ରହିବ। ଏଥିପାଇଁ ସମ୍ପୃକ୍ତ ଜିଲାକୁ ସତର୍କ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

ସୋମବାର କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ ଓ ପୁରୀରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାବେଳେ ଏସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ସେହିଭଳି ଗଜପତି, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର, ନୟାଗଡ଼ ଓ କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ହେବ। ତେଣୁ ଏ ସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ୨୦ ତାରିଖରେ ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ସୋନପୁର, ନୟାଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଓ ଗଞ୍ଜାମ, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, ନୂଆପଡ଼ାରେ ପ୍ରବଳ ବର୍ଷା ହେବ। ୨୧ରୁ ୨୨ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବରଗଡ଼, ବଲାଙ୍ଗୀର ଓ ନୂଆପଡ଼ାରେ ଅତି ପ୍ରବଳ ବର୍ଷା ହେବ। ଏଥିପାଇଁ ଏସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି ହୋଇଛି। ସେହିଦିନ ନବରଙ୍ଗପୁର, କଳାହାଣ୍ଡି, ବୌଦ୍ଧ, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବା ସହିତ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ୨୩ ତାରିଖରେ ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାରେ ସ୍ୱଳ୍ପ ପରିମାଣର ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

# ନକଲି ଔଷଧ ବିକ୍ରି କରୁଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

## ସତର୍କ କଲା ଓଡ଼ିଶା ପୋଲିସ

ଭୁବନେଶ୍ୱର,୧୮।୯ (ବ୍ୟୁରୋ): ନକଲି ଔଷଧ ବିକ୍ରି କରୁଥିଲେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏନେଇ ରବିବାର ଓଡ଼ିଶା ପୋଲିସ ଟୁଇଟ୍ ମାଧ୍ୟମରେ ଔଷଧ ବିକ୍ରେତାଙ୍କୁ ସତର୍କ କରାଇଛି। ଉକ୍ତ ଟୁଇଟ୍‌ରେ ଉଲ୍ଲେଖ କରାଯାଇଛି ଯେ, ଔଷଧ ସଞ୍ଜୀବନୀ ସଦୃଶ। ଏହା ମଣିଷକୁ ମୃତ୍ୟୁ ମୁଖରୁ ରକ୍ଷା କରିଥାଏ। କିନ୍ତୁ କିଛି ଲାଭଖୋର ବ୍ୟବସାୟୀ ଓଡ଼ିଶାର ପ୍ରମୁଖ ସହରଗୁଡ଼ିକରେ ନକଲି ଔଷଧର କାରବାର କରି ମନୁଷ୍ୟର ଜୀବନ ସହ ଖେଳୁଛନ୍ତି। ତେଣୁ ନକଲି ଔଷଧ ବିକ୍ରି କରୁଥିଲେ ଏବେଠୁ ସାବଧାନ ହୋଇଯାଅ। ନଚେତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୌଣସି ବ୍ୟବସାୟୀ ନକଲି ଔଷଧ କାରବାର ସହ ସଂପୃକ୍ତ ଥିବା ପ୍ରମାଣ ମିଳିଲେ ଓଡ଼ିଶା ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସୂଚନା ଦିଆଯାଇଛି। ସୂଚନାନୁସାରେ, ଟେଲ୍‌ମା-୪୦, ଟେଲ୍‌ମା ଏଏମ୍ ଔଷଧକୁ ନକଲି କରାଯାଇ ଦାମୀ ବ୍ରାଣ୍ଡ୍ କମ୍ପାନୀ ଖୋଳରେ ପ୍ୟାକିଂ କରି ଭୁବନେଶ୍ୱରରେ ବିକ୍ରି କରାଯାଉଥିବା ନେଇ ପ୍ରଥମେ ଅଭିଯୋଗ ଆସିଥିଲା। ଏହାକୁ ଡ୍ରଗ୍ସ କଣ୍ଟ୍ରୋଲର ଗୁରୁତ୍ୱର ସହ ଗ୍ରହଣ କରିଥିଲେ। ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱରର ବିଭିନ୍ନ ଔଷଧ ଦୋକାନରେ ଚଢାଉ କରିଥିଲା। ଯାଞ୍ଚ ସମୟରେ ଏହି କାରବାରର ଚେର କଟକକୁ ଲମ୍ବିଥିବା ଜଣାପଡିଥିଲା। ପରବର୍ତ୍ତୀ ସମୟରେ କଟକର ଉକ୍ତ ଔଷଧର ୨ ଷ୍ଟକିଷ୍ଟଙ୍କୁ ଗିରଫ କରାଯାଇଥିଲା।

**classifieds Everyday**
0674-2580101, 2549302

**automobile**

**SALE**

Renault Kwid-2020, INNOVA-2015, WagonR-2009, Creta Automatic, Nissan Sunny 2012 for sale. 9861194627, 7381091234. D-74120

**real estate**

**SALE**

Residential plot for sale near Infosys-2 at Janla, Bhubaneswar, Infosys Office side plot, free Boundary Wall, Electric Pool available, Price1220 per sqft. 9178768651. D-1559

**ଭୁବନେଶ୍ୱର ଗଙ୍ଗପଡ଼ା NH-5 ରୁ 500 mtr ଦୂରରେ BDA yellowzone ଘରବାରି boundary plot ମିଳୁଛି। 7978676652, 7848882166.** D-74111

BDA yellow plot 30 ଫୁଟ୍ ରାସ୍ତାକୁ ଲାଗି ନାଇଜର ବର୍ଗଫୁଟ୍ ୩୦୦-୫୦୦ ଜାଗା ବିକ୍ରିହେବ। 9556840491. D-73641

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

Bhubaneswar Infosys-2 ପାଖରେ 2000sqft. plot sale 17,00,000/- (65 plot available). 9938016295. D-74116

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112

**ଏବେ ପ୍ଲଟ୍ କିଣିବାଠାରୁ ଅଧିକ ସହଜ କିଛି ଆଉ ନାହିଁ। ଏକ ଲକ୍ଷ ଟଙ୍କାରେ 936/ ଟଙ୍କା ମାସକୁ 15 ବର୍ଷ ପାଇଁ 7.65% ହାରରେ, ଦୁଇ NH ମଝିରେ DP 40% ସବୁମିଶି, sqft.- 850/-. 9040045759.** D-74118

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-74109

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

**construction**

**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**healthcare**

Ashirvaad Saloon and SPA getgood massage for your health tha best therapy. 7077181074. D-73969

**One hour any therapy by expert therapist @999 only. 9078484455.** D-73645

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73972

Newly open full body massage ladies and gents. 8327740003, 8093860513. D-73968

**Relax, Refresh your body, Mind at Saikrupa Spa with best therapies. 8984068077.** D-1543

Newly opened full body massage center by expert therapist. 7381172169. D-73643

**୧୧ତମ ଜନ୍ମବାର୍ଷିକୀ ଶୁଭେଚ୍ଛା**



**ଓମ୍ ସାଇ ବିଶ୍ୱାଳ**

(ଲେଣ୍ଡୋ, ନିରାକାରପୁର, ଖୋର୍ଦ୍ଧା)
ବିଘ୍ନରାଜ, ବିନାୟକ ପ୍ରଭୁ ଲମ୍ବୋଦର ; ବୁଦ୍ଧି ବିଦ୍ୟାରେ ନିପୁଣ କରିବ ସାଇକୁ ଆମର। ଆଜି ତୋର ଜନ୍ମ ଦିନରେ ପ୍ରଭୁ ଜଗନ୍ନାଥ ତୋତେ ଦୀର୍ଘାୟୁ କରନ୍ତୁ ଏବଂ ତୋର ଚଲାପଥ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: ସାଇ ପରିବାର, ଆମ ପରିବାର, ତୁମ ପରିବାର, ଗୁରୁମା', ଗୁରୁଜୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୫୫୫

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ପ୍ରଥମ ପୃଷ୍ଠାରୁ...

## ୨୪ ଘଣ୍ଟାରେ ୪ ଶିଶୁଙ୍କ...



ଡାକ୍ତରଖାନା ପରିସରରେ ଉତ୍ତ୍ୟକ୍ତ ଲୋକେ ହୋହଲ୍ଲା କରୁଛନ୍ତି।

ନାହାନ୍ତି। ଛୁଆକୁ ଦେଖିବାକୁ ଦେଲେ ନାହିଁ। ଯଦି କହିଥାନ୍ତେ ତେବେ କଟକ ନେଇଯାଇଥାନ୍ତି। କିଛି କହିଲେ ନାହିଁ କି ଡାକ୍ତର ଆସିଲେନି। ବିଳମ୍ବରେ ଆସିବାରୁ ପୁଅର ମୃତ୍ୟୁ ଘଟିଲା ବୋଲି ରବିବାର ମଧ୍ୟାହ୍ନ ୧୨ଟାରେ କହିଲେ।

ବିଭୀଷଣ ଲୋହାର କହିଛନ୍ତି ଯେ, ତାଙ୍କର ୭ ଦିନର ଛୁଆର ମୃତ୍ୟୁ ହୋଇଛି। ଗତ ରବିବାର ଆସିଥିଲୁ। ମା'କୁ ଡିସଚାର୍ଜ କରିଦେଲେ। ଛୁଆକୁ ରଖିଲେ। ରବିବାର କହିଲେ ମୃତ୍ୟୁ ହୋଇଗଲା। ଆମେ ବୁଝିପାରୁନୁ କିପରି ଛୁଆର ମୃତ୍ୟୁ ଘଟିଲା। ଏହା ବ୍ୟତୀତ ମେଡିକାଲ ୱାର୍ଡରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ କରିଥିବା ଚମ୍ପୁଆ ବ୍ଲକ ବଡ଼ନାଇ ଗ୍ରାମର ଜୟନ୍ତୀ ଚାତମ୍ବା ଓ ଅଭିମନ୍ୟୁ ଚାତମ୍ବାଙ୍କ ୭ ଦିନର ଶିଶୁଙ୍କ ଶନିବାର ରାତିରେ ମୃତ୍ୟୁ ହେବା ପରେ ସେମାନେ ଘରକୁ ପଳାଇଥିଲେ। ରବିବାର ଅନ୍ୟ ୩ ଶିଶୁଙ୍କ ମୃତ୍ୟୁ ହୋଇଛି । ଏଠାରେ ସୂଚନାଯୋଗ୍ୟ ଯେ, କେନ୍ଦୁଝର ଓ ପଡ଼ୋଶୀ ଜିଲା ସମେତ ଅନ୍ୟ ରାଜ୍ୟର ବହୁ ଲୋକ ଏହି ଜିଲା ମୁଖ୍ୟ ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ଏହି ଡାକ୍ତରଖାନାରେ ଗୁରୁତର ନବଜାତ ଶିଶୁଙ୍କ ପାଇଁ ଏସ୍‌ଏନ୍‌ସିୟୁ ୱାର୍ଡ ମଧ୍ୟ ରହିଛି। ଏଣୁ ଏଠାରେ ରୋଗୀଙ୍କ ଭିଡ଼ ଲାଗି ରହିଥାଏ। ତେବେ ଡାକ୍ତର ଅଭାବ ସାଙ୍ଗକୁ କେତେକ ଡାକ୍ତର ଘରୋଇ କ୍ଲିନିକ୍‌ରେ ସମୟ ଦେଉଥିବାରୁ ଚିକିତ୍ସାରେ ଅବହେଳା ହୋଇଥାଏ ବୋଲି ଅଭିଯୋଗ ହେଉଛି। କେବଳ ଶିଶୁ ନୁହେଁ, ଅନ୍ୟାନ୍ୟ ବିଭାଗ ଡାକ୍ତରମାନେ ଡାକ୍ତରଖାନା ଛାଡ଼ି ଘରୋଇ କ୍ଲିନିକ୍‌କୁ ଯାଉଥିବା ଏବଂ ଦଲାଲ ଜରିଆରେ ସରଳ ଓ ବାହାରୁ ଆସୁଥିବା ରୋଗୀଙ୍କୁ କ୍ଲିନିକ୍ ବା ନର୍ସିଂହୋମ୍‌କୁ ପଠାଉଥିବା ନେଇ ଅଭିଯୋଗ ହୋଇଆସୁଛି। ଏଣୁ ଏହି ଘଟଣାର ବିଧିବଦ୍ଧ ତଦନ୍ତ ହେଲେ ଜିଲା ମେଡିକାଲରେ ଚାଲିଥିବା ସ୍ୱାସ୍ଥ୍ୟସେବା ଓ ଚିକିତ୍ସା ବ୍ୟବସ୍ଥା ପଦାକୁ ଆସିପାରିବ ବୋଲି ସାଧାରଣରେ ମତପ୍ରକାଶ ପାଉଛି।



କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନା।

## ଚଣ୍ଡିଗଡ଼ ୟୁନିଭର୍ସିଟିରେ

ଏମ୍‌ଏମ୍‌ଏସ୍ ଭାଇରାଲ ହୋଇଥିବା ନେଇ ଗଣମାଧ୍ୟମରେ ପ୍ରକାଶିତ ଖବର ସମ୍ପୂର୍ଣ୍ଣ ମିଥ୍ୟା ଓ ଗୁଜବ ବୋଲି ବିଶ୍ୱବିଦ୍ୟାଳୟ ପ୍ରୋ-ଚାନ୍‌ସେଲର ଡ. ଆର୍.ଏସ୍. ବାୱା କହିଛନ୍ତି। ଛାତ୍ରୀନିବାସର ଅନେକ ଛାତ୍ରୀଙ୍କ ଆପତ୍ତିଜନକ ଭିଡିଓ ଭାଇରାଲ ହୋଇଥିବା ପ୍ରଚାର ପରେ କେତେଜଣ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ଖବର ପ୍ରକାଶ ପାଇଥିଲା। ଏହି ଗୁଜବକୁ ନେଇ ଶନିବାର ମଧ୍ୟରାତ୍ରିରୁ କ୍ୟାମ୍ପସ୍‌ରେ ବିକ୍ଷୋଭ ଜାରି ରହିଥିଲା ବୋଲି ମୋହାଲି ଏସ୍‌ଏସ୍‌ପି ବିବେକଶୀଳ ସୋନି କହିଛନ୍ତି। ଗିରଫ ଛାତ୍ରୀଙ୍କ ମୋବାଇଲ ଫୋନ୍ ଜବତ କରାଯାଇ ଫରେନ୍‌ସିକ ପରୀକ୍ଷା ଲାଗି ପଠାଯାଇଛି। ଆଇପିସିର ଧାରା ୩୫୪ସି ଏବଂ ଆଇଟି ଆଇନରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମାନ୍ କହିଛନ୍ତି।

ମୋହାଲିର ଉକ୍ତ ଘରୋଇ ବିଶ୍ୱବିଦ୍ୟାଳୟରେ ଆପତ୍ତିଜନକ ଭିଡିଓ ଲିକ୍ ପରେ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣାରେ କଠୋର କାର୍ଯ୍ୟାନୁଷ୍ଠାନ ଲାଗି ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ପକ୍ଷରୁ ଦାବି କରାଯାଇଛି। ଏନ୍‌ସିଡବ୍ଲ୍ୟୁ ଅଧ୍ୟକ୍ଷା ରେଖା ଶର୍ମା ପଞ୍ଜାବ ପୋଲିସ ଡିଜିଙ୍କୁ ପତ୍ର ଲେଖି ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ ଏତଲା ଦାଏର କରିବା ସହ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ କହିଛନ୍ତି। ଆତ୍ମହତ୍ୟା ଉଦ୍ୟମ କରିଥିବା ଛାତ୍ରୀମାନଙ୍କୁ ଉପଯୁକ୍ତ କାଉନସେଲିଂ କରାଯିବା ସହ ସେମାନଙ୍କୁ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବା ଲାଗି ଏନ୍‌ସିଡବ୍ଲ୍ୟୁ କହିଛି। ସେହିପରି ଆଇନ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍‌ସିଡବ୍ଲ୍ୟୁ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ପତ୍ର ଲେଖିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂ ଟୁଇଟ୍ କରି ଚଣ୍ଡିଗଡ଼ ୟୁନିଭର୍ସିଟି ଘଟଣାକୁ ଲଜ୍ଜାଜନକ ବୋଲି କହିଛନ୍ତି। ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରାଯିବା ଆବଶ୍ୟକ। ଝିଅମାନଙ୍କ ମର୍ଯ୍ୟାଦା ଓ ସୁରକ୍ଷା ସର୍ବାଧିକ ପ୍ରାଥମିକତା ହେବା ଆବଶ୍ୟକ ବୋଲି ଅମରିନ୍ଦର କହିଛନ୍ତି। ମୁଖ୍ୟମନ୍ତ୍ରୀ ମାନ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଛାତ୍ରୀମାନଙ୍କ ମର୍ଯ୍ୟାଦା ସୁନିଶ୍ଚିତ କରିବାକୁ ଅକାଳୀ ଦଳ ନେତ୍ରୀ ହରିସିମରତ୍ କୌର ବାଦଲ ଦାବି କରିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ବହୁ ଦିନରୁ ଥିବା ପାରିବାରିକ ସମସ୍ୟା ସମାଧାନ ହେବାରେ ବନ୍ଧୁ ମାର୍ଗଦର୍ଶକ ସାଜିବେ । ନିର୍ମାଣାଧୀନ କାମର ଶେଷ ପର୍ଯ୍ୟାୟରେ ଥିବା ପ୍ରତିବନ୍ଧକ ଦୂର ହେବ। କାଳେ କିଛି ଦେବାକୁ ପଡ଼ିବ, ଏହି ଭାବନାରେ ସମ୍ପର୍କୀୟ ପାଖ ମାଡ଼ିବେ ନାହିଁ। ଆବଶ୍ୟକତା ପୂରଣ ସକାଶେ ଧାରକରଜ କରି କାମ ଚଳାଇ ନେବାକୁ ଚେଷ୍ଟା କରିପାରନ୍ତି।

**ବୃଷ**
ଆଜି କୌଣସି ସାମାଜିକ କାମରେ ବିଶେଷ ସମୟ ନେବାକୁ ବାଧ୍ୟ ହେବେ । ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ପରିବାର ଭିତରେ ସମସ୍ୟା ଭିତରେ ଗତିକଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। ସହକର୍ମୀଙ୍କ କାର୍ଯ୍ୟରେ ହାତ ଦେଇ ପ୍ରଶଂସିତ ହେବେ।

**ମିଥୁନ**
ପାରିବାରିକ ସମସ୍ୟା ଥିଲେ ମଧ୍ୟ କାମଗୁଡ଼ିକୁ ସଫଳତାର ସହ ସମ୍ପନ୍ନ କରିବେ। ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରି କୈଫିୟତ ଦେବାକୁ ପଡ଼ିପାରେ। ବ୍ୟବସାୟରେ ସମସ୍ୟା ବଡ଼ ଆକାର ଧାରଣ କରିବା ସମ୍ଭାବନା ରହିଛି । ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ କରି ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ**
ଆପଣଙ୍କ ମଧୁର ବିନୟ ବଚନ ପ୍ରଭାବରୁ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ । ଅଫିସରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ପାରିବାରିକ କଳହକୁ କେନ୍ଦ୍ରକରି ସାୟାହ୍ନେ ଭାବପ୍ରବଣ ହୋଇପାରନ୍ତି। ବ୍ୟବସାୟ କିମ୍ବା ପରିବହନରେ ଲାଭ ହେବା ବଦଳରେ କ୍ଷତିରେ ହିଁ ପଡ଼ିବେ।

**ସିଂହ**
କାମର ଚାପ ବୃଦ୍ଧି ପାଇବା କାରଣରୁ ସ୍ଥିରତା ରହିବନାହିଁ । ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିପାରନ୍ତି। ରୋଗ,ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। ପରିବାରରେ ସନ୍ଦେହ ଓ ଭୁଲ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**କନ୍ୟା**
ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇବେ। କଳା, ସାହିତ୍ୟ ଓ ସଭା ସମିତିରେ ସମସ୍ୟା ସମାଧାନ ପାଇଁ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଅଫିସରୁ ଆସିବା ବେଳକୁ ନିଜ ମନ ପସନ୍ଦର ଜିନିଷଟି କିଣିପାରନ୍ତି ।

**ତୁଳା**
ପରିବାରରେ ସୁଖ ଶାନ୍ତି ଫେରାଇ ଆଣିବା ଦିଗରେ ପ୍ରୟତ୍ନ କଲେ ବିଫଳ ହେବେନି। ସାଧାରଣ କଥାରେ ସ୍ତ୍ରୀଙ୍କ ସହ ମତାନ୍ତର ଦେଖାଦେଇପାରେ। ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ଲକ୍ଷ୍ୟ କରିବେ। ସମ୍ପର୍କୀୟ ମୁହଁ ଫେରାଇ ନେଇପାରନ୍ତି। ରଚନାତ୍ମକ କାମରେ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ, ଚୁକ୍ତିପତ୍ର କରିବାରେ ସଫଳ ହେବେ।

**ବିଛା**
ଗତକାଲିଠାରୁ ଯେଉଁ ବିଷୟ ସକାଶେ ଚିନ୍ତିତ ରହିଛନ୍ତି ସେଥିରେ କିଛି ଅସୁବିଧା ହେବନି। କର୍ମକ୍ଷେତ୍ରରେ ଅପୂର୍ବ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇ ପାରନ୍ତି। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତରୁ ଉପକୃତ ହେବେ।

**ଧନୁ**
ବେଖାତିର ଭାବରେ ସବୁ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବେ ଓ ଆପଣଙ୍କୁ ସାହାଯ୍ୟ କରିବେ । ବକେୟା ଅର୍ଥ ଆଦାୟରେ ଜଣେ ବନ୍ଧୁ ସାହାଯ୍ୟ କରିବାକୁ ଆଗେଇ ଆସିବେ।

**ମକର**
ଯେତେ ପ୍ରକାର ଚେଷ୍ଟା କଲେ ମଧ୍ୟ ସବୁ କାମ ବିଳମ୍ବିତ ସମୟରେ ହିଁ ସମ୍ପନ୍ନ ହେବ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ ଓ ସାମୟିକ ଅସୁବିଧାର ସମ୍ମୁଖୀନ ହେବେ । ବିବାଦୀୟ ଘଟଣାର ପରିସ୍ଥିତି ହଠାତ୍ ବଦଳି ଯାଇପାରେ। କୌଣସି ବନ୍ଧୁଙ୍କ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**କୁମ୍ଭ**
କର୍ମକ୍ଷେତ୍ରରେ ଆତ୍ମୀୟତାର ସହ କାମ କରି ସଫଳତା ପାଇବେ । ଅସମୟରେ ପଡ଼ୋଶୀ ସହାନୁଭୂତି ପ୍ରଦର୍ଶନ କରିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପରିବାର ଓ ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ଚେଷ୍ଟା କରୁଥିବା କାମରେ, ମାଙ୍ଗଳିକ କାର୍ଯ୍ୟ, ତଥା କଚେରି ମାମଲାରେ ଉପକୃତ ହେବେ।

**ମୀନ**
ସମସ୍ୟାଗୁଡ଼ିକୁ ସାମ୍ନା କରି ନ ପାରି ବିବ୍ରତ ହେବେ। ଅବହେଳା କ୍ରମରେ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ। ପାଖପଡ଼ୋଶୀ ଏବଂ ସହକର୍ମୀଙ୍କ ସହାନୁଭୂତି ଯୋଗୁ ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବ ନାହିଁ। ଭୁଲ ବୁଝାମଣା କାରଣରୁ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି।

## ହକି ଇଣ୍ଡିଆ ସଭାପତି ...

ଖେଳିଛି ଏବଂ ଅବସର ପରେ ଏହି କ୍ରୀଡ଼ାର ବିକାଶ ପାଇଁ ଓଡ଼ିଶାରେ ଉଦ୍ୟମ ଜାରି ରଖିଛି। ଜାତୀୟ ସଂଘରେ ସମ୍ପୃକ୍ତ ରହିଲେ ହକିର ବିକାଶ ପାଇଁ ଅଧିକ ସୁଯୋଗ ମିଳିବ ବୋଲି ମୁଁ ଅନୁଭବ କରିଛି। ହକିକୁ ବହୁ ଉଚ୍ଚକୁ ନେବା ମୋର ଲକ୍ଷ୍ୟ'' ବୋଲି ଦିଲୀପ ପ୍ରକାଶ କରିଛନ୍ତି। ସଭାପତି ଭାବେ ଯଦି ସେ ନିର୍ବାଚିତ ହୁଅନ୍ତି ତେବେ ଗ୍ରାସ୍‌ରୁଟ୍ ପ୍ରୋଗ୍ରାମକୁ ଶକ୍ତ କରିବେ ବୋଲି ପ୍ରକାଶ କରିଛନ୍ତି। ଯେଉଁ ରାଜ୍ୟଗୁଡ଼ିକରେ ପୂର୍ବରୁ ହକି ଲୋକପ୍ରିୟ ଥିଲେ ହେଁ ଏବେ ମଳିନ ପଡ଼ିଛି, ତାହାର କାରଣ ଖୋଜି ବାହାର କରିବି। ସେଠାରେ ହକିର ପୁନରୁଦ୍ଧାର ପାଇଁ ପ୍ରୟାସ କରିବି ବୋଲି ଦିଲୀପ କହିଛନ୍ତି।



ରବିବାର ମାଷ୍ଟରକ୍ୟାଣ୍ଟିନସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ ଆୟୋଜିତ ରାଖୀ ବାର୍ତ୍ତା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ 'ଅତୁଟ ବନ୍ଧନ ୨୦୨୨'ରେ ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀଙ୍କଠାରୁ ସ୍ୱର୍ଣ୍ଣ ମୁଦ୍ରା ପୁରସ୍କାର ପାଇଥିବା ଜଣେ ପ୍ରତିଯୋଗୀ। ନିକଟରେ ଅଛନ୍ତି ଧରିତ୍ରୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ(ଡାହାଣ) ଏବଂ ଉପସ୍ଥାପିକା ଶୋଭନା ମିଶ୍ର।



ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ପ୍ରତିଷ୍ଠାତା ରାଜେଶ ଗୁପ୍ତାଙ୍କଠାରୁ ରୌପ୍ୟ ମୁଦ୍ରା ଗ୍ରହଣ କରୁଥିବା ଜଣେ ପ୍ରତିଯୋଗୀ। ନିକଟରେ ଅଛନ୍ତି ଧରିତ୍ରୀ ସମ୍ପାଦକ ତଥାଗତ ସତପଥୀ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ।

# ୨୦ ବିଜେତାଙ୍କୁ ସ୍ୱର୍ଣ୍ଣ, ୪୧ ଜଣଙ୍କୁ ରୌପ୍ୟ ମୁଦ୍ରା

**ଭୁବନେଶ୍ୱର,୧୮।୯(ବ୍ୟୁରୋ)**

ଭଉଣୀ ଭାଇର ସମ୍ପର୍କ ଅବର୍ଣ୍ଣନୀୟ। ଏହି ବନ୍ଧନ ସର୍ବଦା ଅତୁଟ। ନିଜର ନ ହୋଇ ମଧ୍ୟ ପ୍ରତ୍ୟେକ ଝିଅଙ୍କୁ ନିଜ ଭଉଣୀ ଭଳି ସ୍ନେହ ଦେଇପାରିଲେ ଦେଶରେ ଏକ ସୁନ୍ଦର ସମାଜ ସୃଷ୍ଟି ହୋଇପାରିବ। ରାଖୀ ବାନ୍ଧୁଥିବା ଝିଅକୁ ସମ୍ମାନ, ସୁରକ୍ଷା, ସ୍ନେହ ଦେବା ପ୍ରତ୍ୟେକ ବ୍ୟକ୍ତିଙ୍କ କର୍ତ୍ତବ୍ୟ ହେବା ଉଚିତ୍ ବୋଲି 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି। ରବିବାର ମାଷ୍ଟରକ୍ୟାଣ୍ଟିନସ୍ଥିତ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ 'ଧରିତ୍ରୀ' ପକ୍ଷରୁ ଆୟୋଜିତ ରାଖୀ ବାର୍ତ୍ତା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ 'ଅତୁଟ ବନ୍ଧନ ୨୦୨୨'ରେ ଯୋଗଦେଇ ତଥାଗତ କହିଲେ, ରକ୍ତର ଭଉଣୀ ନ ହେଲେ ମଧ୍ୟ ରାଖୀ ବାନ୍ଧୁଥିବା ଝିଅକୁ ନିଜର ଭାବିବା ମନୋଭାବ ସମସ୍ତଙ୍କର ଆସିବା ଦରକାର। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ କହିଲେ, ପାଠିକାପାଠକମାନେ ଆମ ପାଇଁ ସବୁବେଳେ ସ୍ୱତନ୍ତ୍ର। ଏଭଳି କାର୍ଯ୍ୟକ୍ରମ ପାଠିକାପାଠକଙ୍କ ସହ ମିଶିବାର ସୁଯୋଗ ସୃଷ୍ଟି କରୁଛି। ସମସ୍ତେ ନିଜର ମୂଲ୍ୟବାନ୍ ସମୟ କାଢ଼ି ଉତ୍ସବରେ ଯୋଗ ଦେଇଥିବାରୁ ସେ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ପ୍ରତିଷ୍ଠାତା ରାଜେଶ ଗୁପ୍ତା, ଗ୍ରୀନ୍ ଚିଲିଜ୍‌ର ପରିଚାଳନା ନିର୍ଦ୍ଦେଶକ ଏମ୍.କେଶବ ରାଓ, ପଣ୍ଡା ଟ୍ରାଭେଲ୍ସର ପ୍ରତିନିଧି ରଞ୍ଜିତ ମହାନ୍ତି ଯୋଗଦେଇ ଧରିତ୍ରୀର ଏଭଳି ପ୍ରୟାସ ପାଇଁ କୃତଜ୍ଞତା ଜଣାଇଛନ୍ତି। ଏହି ଅବସରରେ ୬୧ଜଣ ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ୨୦ଜଣଙ୍କୁ ସ୍ୱର୍ଣ୍ଣ ମୁଦ୍ରା ଓ ୪୦ଜଣଙ୍କୁ ରୌପ୍ୟ ମୁଦ୍ରା ସହ ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ରୌପ୍ୟ ମୁଦ୍ରା ପ୍ରଦାନ କରାଯାଇଛି। ଏହି ଅବସରରେ କଣ୍ଠଶିଳ୍ପୀ କାଜଲ ଓ ବିଭୁଙ୍କ କଣ୍ଠରୁ ବିଭିନ୍ନ ସଙ୍ଗୀତକୁ ଉପସ୍ଥିତ ଦର୍ଶକ ଉପଭୋଗ କରିଥିଲେ। ଉପସ୍ଥାପିକା ଶୋଭନା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଆଦ୍ୟାଶା ସତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ଏହି ଉତ୍ସବର ମୁଖ୍ୟ ପ୍ରାୟୋଜକ ଥିବାବେଳେ ଖିମ୍‌ଜୀ ସହଯୋଗୀ ରହିଥିଲା। ସେହିଭଳି ରୁଚି, ଗ୍ରୀନ୍ ଚିଲିଜ୍, ପଣ୍ଡା ଟ୍ରାଭେଲ୍ସ, ଚାନ୍ଦି ଭଣ୍ଡାର, ଡ୍ୟୁରାଶାଇନ୍ ସହ ପ୍ରାୟୋଜକ ଥିଲେ।



ଗ୍ରୀନ୍ ଚିଲିଜ୍‌ର ପରିଚାଳନା ନିର୍ଦ୍ଦେଶକ ଏମ୍.କେଶବ ରାଓ ଜଣେ ବିଜେତାଙ୍କୁ ରୌପ୍ୟ ମୁଦ୍ରା ପ୍ରଦାନ କରୁଛନ୍ତି।



କାର୍ଯ୍ୟକ୍ରମର ସହ ପ୍ରାୟୋଜକ ପଣ୍ଡା ଟ୍ରାଭେଲ୍ସର ପ୍ରତିନିଧି ରଞ୍ଜିତ ମହାନ୍ତି କୃତଜ୍ଞତା ଜଣାଉଛନ୍ତି।



ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ବିଜେତା, ସେମାନଙ୍କ ସମ୍ପର୍କୀୟ ଓ ଅନ୍ୟମାନେ।



ପୁରସ୍କାର ବିତରଣ ଉତ୍ସବରେ ସ୍ୱର୍ଣ୍ଣ ମୁଦ୍ରା ପାଇଥିବା ବିଜେତାମାନେ।



ପୁରସ୍କାର ବିତରଣ ଉତ୍ସବରେ ରୌପ୍ୟ ମୁଦ୍ରା ପାଇଥିବା ବିଜେତାମାନେ।

# ଆଗକୁ ଭାବୁ ନାହାନ୍ତି

ନିକଟରେ ୟୁକ୍ରେନ୍‌ର ଖାର୍କିଭ୍‌ରୁ ରୁଷିଆ ତା'ର ସୈନ୍ୟ ଅପସାରଣ କରିବା ପରେ ଭୂରାଜନୈତିକ ସ୍ଥିତି ବଦଳିବାରେ ଲାଗିଛି। ଫେବୃୟାରୀ ୨୪ରେ ଯୁଦ୍ଧ ଆରମ୍ଭ କରିବା ବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ୟୁକ୍ରେନ୍‌କୁ ତାଚ୍ଛଲ୍ୟ କରି ମନ୍ତବ୍ୟ ଦେଇଥିଲେ। ଗୋଟେ ଧାରଣା ସୃଷ୍ଟି ହୋଇଥିଲା ସାମରିକ ଓ ଅଣୁ ଅସ୍ତ୍ରଧାରୀ ରୁଷିଆ ପାଇଁ ଭୋଲୋଡିମିର ଜେଲେନ୍‌ସ୍କିଙ୍କ ନେତୃତ୍ୱାଧୀନ ୟୁକ୍ରେନ୍ ଏକ ଛୋଟିଆ ମଶା, ଯାହାକି ପରାଜୟ ସ୍ୱୀକାର କରିନେବ। ହେଲେ ୟୁକ୍ରେନ୍‌ବାସୀଙ୍କ ଅସୀମ ଧୈର୍ଯ୍ୟ ଓ ସାହସ ବଳରେ ଯୁଦ୍ଧକୁ ୬ ମାସରୁ ଅଧିକ ସମୟ ଗଡ଼ାଇ ଦିଆଯାଇପାରିଛି। ପ୍ରାରମ୍ଭିକ ସମୟରେ ଯେତେବେଳେ ପୃଥିବୀର ଅଧିକାଂଶ ଦେଶ ରୁଷିଆର ଆକ୍ରମଣକୁ ବିରୋଧ କରିଥିଲେ ସେତେବେଳେ ଭାରତ ତାହାର ସ୍ୱରକୁ ଚାଇନା ସାଙ୍ଗରେ ମିଶାଇ ରୁଷିଆକୁ ଖୋଲାଖୋଲି ସମର୍ଥନ କରିଥିଲା। ରୁଷିଆ ସହ ସମ୍ପର୍କ ଭଲ ଥିବାରୁ ଏହାର ମଉକା ନେଇ ଭାରତ ସରକାର ଭାବିଥିଲେ ଯେ ରୁଷିଆ ଠାରୁ ସହଜରେ ଅଧିକ ପେଟ୍ରୋଲିୟମ୍ ଦ୍ରବ୍ୟ ଆଣି ଦେଶ ଭିତରେ ଦର ହ୍ରାସ କରି ବାହାବା ନେଇଥାନ୍ତେ। ଯୁଦ୍ଧ ଆରମ୍ଭ ପରେ ରୁଷିଆ ବିରୋଧରେ ୨ ମାର୍ଚ୍ଚରେ ଯେତେବେଳେ ଜାତିସଂଘର ବୈଠକ ବସିଲା ସେତେବେଳେ ଭାରତ ଭୋଟଦାନରୁ ବିରତ ରହିଥିଲା। ସେତେବେଳେ ୧୯୩ ସଦସ୍ୟ ବିଶିଷ୍ଟ ଜାତିସଂଘରେ ୧୪୧ ରାଷ୍ଟ୍ର ରୁଷିଆ ବିରୋଧରେ ମତ ଦେଇଥିଲେ। ଦୁଇ ଦେଶ ମଧ୍ୟରେ ଘମାଘୋଟ ଲଢ଼େଇ ଘଟି ୟୁକ୍ରେନ୍‌ରେ ଯେତେବେଳେ ମାନବୀୟ ସଙ୍କଟ ଦେଖାଦେଇଥିଲା, ମାର୍ଚ୍ଚ ୨୩ରେ ଜାତିସଂଘରେ ପୁଣି ରୁଷିଆ ବିରୋଧୀ ସଙ୍କଳ୍ପ ପାରିତ କରାଯାଇଥିଲା। ସେତେବେଳେ ମଧ୍ୟ ଭାରତ ଭୋଟଦାନରୁ ବିରତ ରହି ରୁଷିଆକୁ ସମର୍ଥନ କରିଥିଲା। ଏହି ଦ୍ୱିତୀୟ ସଂକଳ୍ପକୁ ଭାରତ ସହ ଚାଇନା ମଧ୍ୟ ବିରୋଧ କରିଥିଲା। ଉଲ୍ଲେଖଯୋଗ୍ୟ ଯେ ଉଭୟ ସଂକଳ୍ପରେ ପାକିସ୍ତାନର ବୈଦେଶିକ ନୀତି ନିର୍ଦ୍ଧାରକମାନେ ନିଜ ଦେଶକୁ ରୁଷିଆ ସମର୍ଥକ ଭାବେ କୌଣସି ଜାଗାରେ ଚିତ୍ରଣ ହେବାକୁ ଦେଲେ ନାହିଁ। ତଥାପି ଉଭୟ ଚାଇନା ଓ ପାକିସ୍ତାନ ସହିତ ଇତିମଧ୍ୟରେ ରୁଷିଆ ତା'ର ସାମରିକ ଅଭ୍ୟାସ ଜାରି ରଖିଥିଲା। ହେଲେ ଏବେ ଅନ୍ତର୍ଜାତୀୟ ସ୍ଥିତିକୁ ଦେଖି ଭାରତ ତା'ର ବୈଦେଶିକ ନୀତିରେ ପଲଟି ମାରିବାକୁ ଚେଷ୍ଟା କରୁଛି। ଏଥିରୁ ବୁଝିବାକୁ ହେବ ଯେ, ଭାରତ ବର୍ତ୍ତମାନ ପାଶ୍ଚାତ୍ୟ ଦେଶଗୁଡ଼ିକ ସହ ଯେତିକି ଶତ୍ରୁତା କରିଦେଇଛି ସେତିକି ଶତ୍ରୁତା ରୁଷିଆ ସହିତ ଆରମ୍ଭ କଲାଣି। ଦ୍ୱିତୀୟ ଥର ନିଜର ପୂର୍ବ ମତକୁ ଜଳାଞ୍ଜଳି ଦେଇ ଜାତିସଂଘରେ ଜେଲେନସ୍କିଙ୍କୁ ଭାଷଣ ଦେବାର ଅଧିକାର ଦିଆଯାଉ ବୋଲି ମତ ପ୍ରକାଶ କରି ରୁଷିଆ ବିରୋଧରେ ଛିଡ଼ା ହୋଇଛି। ଉଲ୍ଲେଖଯୋଗ୍ୟ ଯେ, ଜାତିସଂଘ ସାଧାରଣ ସଭାରେ ଜେଲେନ୍‌ସ୍କିଙ୍କ ଉଦ୍‌ବୋଧନ ଦେବା ନେଇ ଅନୁମତି ଦିଆଯିବା ସଂକ୍ରାନ୍ତ ୧୬ ସେପ୍ଟେମ୍ବରରେ ହୋଇଥିବା ଭୋଟରେ ଭାରତ ସମେତ ୧୦୧ ରାଷ୍ଟ୍ର ସମର୍ଥନ ଜଣାଇଥିଲେ। ଏଥିରେ ୭ ରାଷ୍ଟ୍ର ବିପକ୍ଷରେ ମତ ଦେଇଥିବା ବେଳେ ୧୯ ଦେଶ ପ୍ରକ୍ରିୟାରୁ ବିରତ ରହିଥିଲେ।

> **ଏବେ ଅନ୍ତର୍ଜାତୀୟ ସ୍ଥିତିକୁ ଦେଖି ଭାରତ ତା'ର ବୈଦେଶିକ ନୀତିରେ ପଲଟି ମାରିବାକୁ ଚେଷ୍ଟା କରୁଛି। ଏଥିରୁ ବୁଝିବାକୁ ହେବ ଯେ, ଭାରତ ବର୍ତ୍ତମାନ ପାଶ୍ଚାତ୍ୟ ଦେଶଗୁଡ଼ିକ ସହ ଯେତିକି ଶତ୍ରୁତା କରିଦେଇଛି ସେତିକି ଶତ୍ରୁତା ରୁଷିଆ ସହିତ ଆରମ୍ଭ କଲାଣି।**

ହଠାତ୍ ଭାରତ କାହିଁକି ତା' ବୈଦେଶିକ ନୀତିର ଆଭିମୁଖ୍ୟରେ ପରିବର୍ତ୍ତନ କଲା ଏବେ ପ୍ରଶ୍ନ ଉଠିବା ସ୍ୱାଭାବିକ ହୋଇପଡ଼ିଛି। କାରଣ ଭାରତ ଯେଉଁ ଆଶା ରଖି ରୁଷିଆଠାରୁ ଶସ୍ତାରେ ତେଲ ପାଇବ ବୋଲି ଭାବିଥିଲା, ତାହା କ୍ରମେ କ୍ଷୀଣ ହୋଇଗଲା। ଏଥିସହିତ ରୁଷିଆକୁ ସମର୍ଥନ ଯୋଗୁ ଭାରତକୁ ଆମେରିକା ବିଶ୍ୱାସକୁ ନେଉ ନ ଥିବା ନୂଆଦିଲ୍ଲୀ ମଧ୍ୟ ଅନୁଭବ କଲା। ଯେତେବେଳେ ଜାତିସଂଘର ୧୯୩ ରାଷ୍ଟ୍ର ମଧ୍ୟରୁ ୧୪୧ ଦେଶ ଜେଲେନ୍‌ସ୍କିଙ୍କ ପ୍ରତି ଢଳୁଥିବା ଦେଖାଗଲା, ସେତେବେଳେ ଭାରତ ବିଳିବିଳେଇ ହୋଇ ରୁଷିଆ ବିରୋଧରେ ଯିବାକୁ ବାଧ ହୋଇଛି ବୋଲି କୁହାଯାଇପାରେ। ନିକଟରେ ଶେଷ ହୋଇଥିବା ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ)ରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ ଯେ ଏବେ ଯୁଦ୍ଧ କରିବାର ସମୟ ନୁହେଁ। ଅର୍ଥାତ୍ ପରୋକ୍ଷରେ ସେ ରୁଷିଆ ଯୁଦ୍ଧ ବନ୍ଦ କରୁ ବୋଲି ଚାହିଁଥିଲେ। ଏହି ବାର୍ତ୍ତାର ଓଜନ ରହିଥାନ୍ତା ଯଦି ଭାରତର ପ୍ରଧାନମନ୍ତ୍ରୀ ଏହି ବର୍ଷ ଫେବୃୟାରୀରେ ଯୁଦ୍ଧ ଆରମ୍ଭ ବେଳକୁ, ଏଭଳି ଉଚ୍ଚକୋଟୀର ମତ ଦେଇପାରିଥାନ୍ତେ। ଏହି ଐତିହାସିକ ସ୍ଥିତିକୁ ଦେଖିଲେ ଭାରତ ସବୁବେଳେ ଯୁଦ୍ଧକୁ ବିରୋଧ କରିଆସେ। ପୃଥିବୀବ୍ୟାପୀ ଭାରତୀୟ ସେନା ଜାତିସଂଘ ତରଫରୁ ଶାନ୍ତି ରକ୍ଷାକାରୀ ସୈନିକ ଭାବେ ମୁତୟନ ହୋଇଆସୁଥିଲେ। ନିକଟ ଅତୀତ ଅର୍ଥାତ୍ ୨୦୧୪ ପରଠାରୁ ଭାରତକୁ ଏକ ଯୁଦ୍ଧପ୍ରିୟ ଦେଶ ଭାବେ ଚିତ୍ରଣ କରିବା ଲାଗି ଚେଷ୍ଟା କରାଯାଇଛି। ଇତିମଧ୍ୟରେ ଦେଶ ଭିତରେ ହୋଇଥିବା କେତେକ ସର୍ଭେରୁ ଜଣାପଡ଼ିଛି ଯେ, ଅଧିକାଂଶ ଲୋକ ଭାବୁଛନ୍ତି ଭାରତ ଚାହିଁଲେ ଉଭୟ ପାକିସ୍ତାନ ଓ ଚାଇନାକୁ ଯୁଦ୍ଧରେ ପରାସ୍ତ କରିପାରିବ। ଏହିଭଳି ଭ୍ରାନ୍ତ ଧାରଣା ଯୋଗୁ ଗଲୱାନରେ ଭାରତୀୟ ସୈନ୍ୟଙ୍କ ମୃତ୍ୟୁଠାରୁ ଆରମ୍ଭ କରି ଅନେକ ହଜାର କିଲୋମିଟର ଭିତରକୁ ଚାଇନା ପ୍ରବେଶ କରିଆସିଲାଣି। ଏହି ପରିପ୍ରେକ୍ଷୀରେ ଦେଖିଲେ ପାକିସ୍ତାନ ଭଳି ରାଷ୍ଟ୍ର ନିଜର ବୈଦେଶିକ ନୀତିକୁ ସ୍ୱଷ୍ଟ ରଖି ମୂଳରୁ ଯୁଦ୍ଧ ଉପରେ ମନ୍ତବ୍ୟ ଦେବାକୁ ଉଚିତ ମଣି ନ ଥିଲା। ସେପଟେ ରୁଷିଆକୁ ଚାଇନା ସମର୍ଥନ କରିବା ବିଶ୍ୱବାସୀ ଜାଣିଛନ୍ତି। ହେଲେ ଭାରତ ଯେଉଁଭଳି ଭାବେ ସ୍ୱଷ୍ଟ ଅଭିମୁଖ୍ୟ ନ ରଖି ଏପଟ ସେପଟ ହେବାରେ ଲାଗିଛି, ସେଥିରୁ ବୈଦେଶିକ ନୀତି ଦୁର୍ବଳ ଥିବା ଜଣାପଡ଼ିଯାଉଛି। କୌଣସି ବୈଦେଶିକ ନିଷ୍ପତ୍ତି ନେବା ପୂର୍ବରୁ ଭାରତ ଭବିଷ୍ୟତକୁ ଦେଖିବା ଉଚିତ। ଦୁର୍ଭାଗ୍ୟର ବିଷୟ ଯେ ଆଭ୍ୟନ୍ତରୀଣ ରାଜନୀତି ଭଳି ବୈଦେଶିକ ନୀତିକୁ ହାମ୍‌ବଡ଼ା ଆଭିମୁଖ୍ୟ ରଖି କାର୍ଯ୍ୟ କଲେ ଦେଶର ଦୀର୍ଘମିଆଦୀ କ୍ଷତି ଘଟିଚାଲିବ।

# କୁପୋଷଣମୁକ୍ତ ସମାଜ ଗଠନର ବାସ୍ତବତା



ରାଜୀବ ନାୟକ

ଜାତୀୟ ପରିବାର ସର୍ଭେ-୫ ରିପୋର୍ଟ ଅନୁସାରେ ଭାରତବର୍ଷରେ ଜନ୍ମରୁ ୫ ବର୍ଷ ବୟସର ୩୨ ପ୍ରତିଶତ ଶିଶୁ କୁପୋଷଣର ଶିକାର ହେଉଥିବା ବେଳେ ଓଡ଼ିଶାରେ ଏହା ୨୯.୭ ପ୍ରତିଶତ। ଜାତୀୟ ହାରଠୁ ଯଦିଓ ଓଡ଼ିଶା ଟିକିଏ ଭଲ ସ୍ଥିତିରେ ଅଛି ତଥାପି ୧୬ଟି ଜିଲାରେ କୁପୋଷଣର ହାର ଜାତୀୟ ହାରଠାରୁ ଅଧିକ। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଜିଲାର ଏହି ହାର ଖୁବ୍ ଚିନ୍ତାଜନକ। ରାଜ୍ୟରେ ଜନ୍ମରୁ ୫ ବର୍ଷ ବୟସ ମଧ୍ୟରେ ବୟସ ଅନୁସାରେ କମ୍ ଉଚ୍ଚତା ଥିବା ଶିଶୁ ୨୦୧୫-୧୬ରେ ୩୪.୧ ଶତକଡା ଥିବାବେଳେ ୨୦୧୯-୨୦କୁ ଏହା ମାତ୍ର ୩ ପ୍ରତିଶତ କମି ୩୧ ପ୍ରତିଶତ ହୋଇଛି। ସେହିଭଳି ବୟସ ଅନୁସାରେ କମ୍ ଓଜନ ଥିବା ଶିଶୁ ଏହି ସମୟ ମଧ୍ୟରେ ୨୦.୪ ପ୍ରତିଶତରୁ ୧୮.୧ ଶତକଡ଼ାକୁ ଖସିଥିବା ଜଣାଯାଏ। ଉଚ୍ଚତା ଅନୁସାରେ କମ୍ ଓଜନ ଥିବା ଶିଶୁ ଦେଖିଲେ ଏହି ସମୟ ମଧ୍ୟରେ ୬.୪ ଶତକଡାରୁ କମି ୬.୧ ପ୍ରତିଶତରେ ପହଞ୍ଚିଛି ଯାହାକି ମାତ୍ର ୦.୩ ପ୍ରତିଶତ କମ୍। ୫ ବର୍ଷରୁ କମ୍ ପିଲାଙ୍କ ମଧ୍ୟରେ କୁପୋଷଣରେ ନବରଙ୍ଗପୁର ଜିଲା ରାଜ୍ୟରେ ସର୍ବାଗ୍ରେ ଥିବାବେଳେ ଆଦିବାସୀ ବହୁଳ ମୟୂରଭଞ୍ଜ, ମାଲକାନଗିରି, ରାୟଗଡା ଇତ୍ୟାଦି ଜିଲାର ସ୍ଥିତି ସାଂଘାତିକ। ଏଠାକାର ପାଖାପାଖି ୪୦ ପ୍ରତିଶତ ଶିଶୁ ଅପପୁଷ୍ଟିର ଶିକାର ହେଉଥିବା ଜଣାଯାଏ। ଠିକ୍ ସେହିପରି ବୌଦ୍ଧ, ନୂଆପଡା, ବଲାଙ୍ଗୀର, କେନ୍ଦୁଝର, ସମ୍ବଲପୁର, କନ୍ଧମାଳ ଇତ୍ୟାଦି ଜିଲାର କୁପୋଷଣ ହାର ୩୫ ପ୍ରତିଶତ ଉପରେ। ଜାତୀୟ ହାରଠାରୁ ଉପରେ ଥିବା ଅନ୍ୟ ଜିଲା ସବୁ ହେଲା ସୁନ୍ଦରଗଡ଼, ସୁବର୍ଣ୍ଣପୁର, ଗଜପତି, ଦେବଗଡ, କଳାହାଣ୍ଡି ଏବଂ କୋରାପୁଟ।

କିଛିଦିନ ତଳେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବିଧାନସଭାରେ ମଧ୍ୟ ତଥ୍ୟ ଦେଇ ଓଡ଼ିଶାରେ ମୋଟ୍ ୧୩,୨୯୭ଜଣ ଶିଶୁ ସାଂଘାତିକ କୁପୋଷଣ ପରିସରଭୁକ୍ତ ବୋଲି ଦର୍ଶାଇଛନ୍ତି, ଯାହାକି କିଛି କମ୍ ନୁହେଁ। କୁପୋଷଣକୁ ହ୍ରାସ କରିବା ନିମିତ୍ତ ଯେ ସରକାର କିଛି କରୁ ନାହାନ୍ତି ତାହା ନୁହେଁ। ଏହା ଭିତରେ ରାଜ୍ୟର କୁପୋଷଣ ହାର କମାଇବା ସକାଶେ ସରକାର ସର୍ବମୋଟ ୨୨ଟି ଜିଲାର ୧୨୫ ଅଧ୍ୟୁଷିତ ବ୍ଲକରେ ସୋପାନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏଥି ସକାଶେ ଆଗାମୀ ୫ବର୍ଷ ମଧ୍ୟରେ ୧ ହଜାର କୋଟି ଟଙ୍କା ମଧ୍ୟ ଖର୍ଚ୍ଚ କରିବା ସକାଶେ ଅଟକଳ କରାଯାଇଅଛି। ଏଥିରେ ସରକାର ଶିଶୁ ସମେତ ଗର୍ଭବତୀ ତଥା ପ୍ରସୂତି ମା' ଓ କିଶୋରୀ ବାଳିକାମାନଙ୍କୁ ମଧ୍ୟ ସାମିଲ କରିଛନ୍ତି। ଅଧ୍ୟୁଷିତ ଇଲାକାରେ କ୍ରେଚ୍ କେନ୍ଦ୍ର ଖୋଲାଯାଇ ୦-୩ ବର୍ଷର ପିଲାମାନଙ୍କୁ ଖାଇବାର ବ୍ୟବସ୍ଥା କରିବା ସହିତ ସ୍ୱାସ୍ଥ୍ୟ ପରୀକ୍ଷା ତଥା ଯତ୍ନ ଉପରେ ଗୁରୁତ୍ୱ ଦିଆଯାଉଅଛି। କୁପୋଷଣକୁ ଶୀଘ୍ର ଚିହ୍ନଟ ନିମନ୍ତେ ଓଜନ ଉତ୍ସବ ପାଳନ କରାଯାଉଅଛି। ବାର୍ଷିକ ପୋଷଣ ସର୍ଭେ ମାଧ୍ୟମରେ ପୋଷଣର ସୂଚକାଙ୍କ ପ୍ରସ୍ତୁତି



ତଥା ଏଥିରେ ସୁଧାର ନିମିତ୍ତ ପରିକଳ୍ପନା କରାଯାଉଅଛି। ଜାତୀୟ ପୋଷଣ ମିଶନ ମଧ୍ୟ କେନ୍ଦ୍ର ସରକାର ୨୦୧୮ରୁ କାର୍ଯ୍ୟକାରୀ କରୁଛନ୍ତି। ଏଥିରେ ଶିଶୁମାନଙ୍କର ନିୟମିତ ଉଚ୍ଚତା, ଓଜନ ବୃଦ୍ଧି ଇତ୍ୟାଦି ଯାଞ୍ଚ ନିମିତ୍ତ ପ୍ରତ୍ୟେକ ଅଙ୍ଗନୱାଡି କର୍ମୀଙ୍କୁ ମାସିକ ଟ୫୦୦/- ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଅଛି। ଗୋଷ୍ଠୀ ସ୍ତରରେ ପ୍ରତି ମାସ ୮ ଏବଂ ୨୨ ତାରିଖରେ କାର୍ଯ୍ୟକ୍ରମର ଆୟୋଜନ, ରକ୍ତହୀନତା, ତରଳଝାଡ଼ା ଇତ୍ୟାଦିକୁ ପ୍ରତିହତ କରିବାକୁ ମଧ୍ୟ ପ୍ରାଧାନ୍ୟ ଦିଆଯାଉଛି। ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ ହେଉଛି, ଯେଉଁଥିରେ ପରିପୂରକ ଖାଦ୍ୟ ବଣ୍ଟନ ଏକ ପ୍ରମୁଖ କାର୍ଯ୍ୟ।

ନିକଟ ଅତୀତରେ ପ୍ରଧାନମନ୍ତ୍ରୀ ମନ୍ କୀ ବାତ୍ କାର୍ଯ୍ୟକ୍ରମ ମାଧ୍ୟମରେ କୁପୋଷଣ ଦୂର ନିମନ୍ତେ ସାମାଜିକ ସଚେତନତା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ମତପୋଷଣ କରିଥିବା ବେଳେ ଏଥି ନିମିତ୍ତ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏ ଦିଗରେ ସଚେତନତା ସୃଷ୍ଟି ନିମନ୍ତେ ସେପ୍ଟେମ୍ବର ମାସକୁ ପୋଷଣ ମାସ ରୂପେ ପାଳନ କରିବାକୁ ଘୋଷଣା କରିଛନ୍ତି। ଅପପୁଷ୍ଟିର କାରଣ ମଧ୍ୟରେ ଅପପୁଷ୍ଟି ଚକ୍ରର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯଦି ଜନ୍ମ ସମୟରେ ଗୋଟିଏ ଶିଶୁର ଓଜନ କମ୍ ଅଛି ଏବଂ ସେ ଉପଯୁକ୍ତ ସେବା ଯତ୍ନ ପାଉନାହିଁ ତେବେ ତା'ର ଶିଶୁ ସ୍ୱାସ୍ଥ୍ୟ, କୈଶୋର ସ୍ୱାସ୍ଥ୍ୟ ଏବଂ ସର୍ବୋପରି ଝିଅ ହୋଇଥିଲେ ତା'ର ମାତୃ ସ୍ୱାସ୍ଥ୍ୟ ପ୍ରଭାବିତ ହେବ ଓ ସେ ପୁନର୍ବାର ଏକ କମ୍ ଓଜନର ଶିଶୁ ଜନ୍ମ ଦେବ। ଏହା ହେଉଛି ଅପପୁଷ୍ଟି ଚକ୍ର ଏବଂ ଏହି ଅପପୁଷ୍ଟି ଚକ୍ରର କାରଣ ମଧ୍ୟରେ ଦାରିଦ୍ର୍ୟ ଏକ ପ୍ରମୁଖ କାରଣ। ତେଣୁ ଏହି ଚକ୍ରକୁ କୌଣସି ନା କୌଣସି ଜାଗାରେ ଭାଙ୍ଗିବାକୁ ପଡିବ। ପୁରୁଷ କୈନ୍ଦ୍ରିକ ସମାଜ ଯୋଗୁ ସମାଜରେ ଲିଙ୍ଗଗତ ଅସମାନତା ରହିଥିବାରୁ ଯୌତୁକ ରାକ୍ଷସ ଭୟରେ ଝିଅକୁ ଏକ ବୋଝ ହିସାବରେ ପ୍ରାୟତଃ ଗଣନା କରାଯାଇଥାଏ। ତେଣୁ ଝିଅ ଜନ୍ମ ହେବା ଦିନଠାରୁ ମା'ବାପା ଝିଅକୁ ବାହା କେମିତି ଦେବେ ସେହି ଚିନ୍ତାରେ ଥା'ନ୍ତି। ବାଲ୍ୟବିବାହ ଆଜି ମଧ୍ୟ ଅନେକ ଇଲାକାରେ ବଳବତ୍ତର ରହିଛି। ବାଲ୍ୟବିବାହ ଶିଶୁ ଅପପୁଷ୍ଟିର ମଧ୍ୟ ଏକ କାରଣ। ଉପଯୁକ୍ତ ଭାବରେ ଶାରୀରିକ ବୃଦ୍ଧି ଘଟି ନ ଥିବା ଜଣେ ମା' ଯଦି ଶିଶୁଟିଏ ଜନ୍ମ ଦେବ ସେ ଶିଶୁ ସମୟ ପୂର୍ବରୁ ଜନ୍ମ ହେବା ସହିତ କମ୍ ଓଜନର ହେବା ଯଥେଷ୍ଟ ସମ୍ଭାବନା ରହିଛି। ପୁଷ୍ଟିହୀନତା ସକାଶେ ଅନେକ ସମସ୍ୟା ଯଥା ବିଶୁଦ୍ଧ ପାଣି, ପରିମଳ ବ୍ୟବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ ସୁରକ୍ଷା, କର୍ମନିଯୁକ୍ତି ଏବଂ ସାମାଜିକ ସୁରକ୍ଷା ଦାୟୀ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁସାରେ ପୁଷ୍ଟିହୀନତାର ୫୦ପ୍ରତିଶତ ସ୍ୱାସ୍ଥ୍ୟବୋଝ କେବଳ ପରିବେଶ ଯୋଗୁ ହିଁ ବିଶେଷ କରି ବିଶୁଦ୍ଧ ଜଳ ତଥା ପରିମଳ ଏବଂ ଅତୁଟ ସ୍ୱାସ୍ଥ୍ୟ ଅଭାବରୁ ହିଁ ଆସିଥାଏ।

ଚିରନ୍ତନ ବିକାଶ ଲକ୍ଷ୍ୟରେ ସ୍ଥାନିତ ୧୭ଟି ଲକ୍ଷ୍ୟ ମଧ୍ୟରୁ ୧୨ଟି ଲକ୍ଷ୍ୟ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ପୋଷଣ ସହିତ ସମ୍ପୃକ୍ତ। ଅଙ୍ଗନୱାଡି କେନ୍ଦ୍ରରେ ପ୍ରତ୍ୟେକ ବୁଧବାର ଟିକାକରଣ ଦିବସ, ମାସର ଯେକୌଣସି ମଙ୍ଗଳବାର ବା ଶୁକ୍ରବାର ମମତା ଦିବସ ପାଳନ, ପ୍ରତିମାସ ୧୫ ତାରିଖକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପୁଷ୍ଟିକର ଦିବସ ରୂପେ ପାଳନ କରିବା ଭିନ୍ନ ଜାତୀୟ ସ୍ୱାସ୍ଥ୍ୟ ମିଶନ ଆନୁକୂଲ୍ୟରେ ପ୍ରତ୍ୟେକ ଜିଲା ମୁଖ୍ୟ ଚିକିତ୍ସାଳୟରେ ପୁଷ୍ଟି ପୁନର୍ବାସ କେନ୍ଦ୍ର ଅପପୁଷ୍ଟିକୁ କମାଇବା ନିମନ୍ତେ ସହାୟକ ହେବା ପାଇଁ ଖୋଲା ଯାଇଅଛି। ଏତଦ୍ ଭିନ୍ନ ଆଶାକର୍ମୀମାନଙ୍କୁ ଅପପୁଷ୍ଟି ଯାଞ୍ଚ ତଥା ଅପପୁଷ୍ଟିର ଶିକାର ହେଉଥିବା ଶିଶୁମାନଙ୍କର ଗୃହ ପରିଦର୍ଶନ କରି ସ୍ୱାସ୍ଥ୍ୟରେ ଉନ୍ନତିର ତଦାରଖର ଦାୟିତ୍ୱ ଦିଆଯାଇଅଛି। ଓଡ଼ିଶା ଜୀବିକା ମିଶନ ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁଷ୍ଟି ବଗିଚା କରିବାକୁ ଉତ୍ସାହିତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଘରେ ଘରେ ପୁଷ୍ଟି ବଗିଚା ହେଲେ ମା'ମାନେ, ଶିଶୁମାନେ ଉପଯୁକ୍ତ ଖାଦ୍ୟ ପାଇବାରେ ସମର୍ଥ ହେବେ ଏବଂ ପୁଷ୍ଟିହୀନତାକୁ ଅନେକ ମାତ୍ରାରେ ପ୍ରତିହତ କରିହେବ।

ପୁଷ୍ଟିହୀନତାକୁ ରୋକିବା ନିମିତ୍ତ ସଚେତନତା ସହିତ ଉପଯୁକ୍ତ ନୀତିର ଆବଶ୍ୟକତା ରହିଛି। ତା' ସହିତ ପୁଷ୍ଟିହୀନତାକୁ ରୋକିବା ନିମନ୍ତେ ଯେତିକି ଯୋଜନା କାର୍ଯ୍ୟକାରୀ ହେଉଛି ତାହା କାର୍ଯ୍ୟକାରୀ କରୁଥିବା ବ୍ୟକ୍ତିବିଶେଷ ଯଦି ନିଷ୍ଠାପର ଭାବରେ କାମ କରନ୍ତି ତା' ହେଲେ ପୁଷ୍ଟିହୀନତାର ସ୍ତରକୁ ଅନେକ ମାତ୍ରାରେ କମାଇବାରେ ସକ୍ଷମ ହୋଇ ପାରନ୍ତା।

ପଦରପଡ଼ା, ବୌଦ୍ଧ
ମୋ:୯୪୩୭୫୭୧୮୩୧

# ପିତୃପକ୍ଷ ; ବିଜ୍ଞାନ ଓ ସଂସ୍କୃତିର ସମାହାର



ଡ. ଭାରତ ଭୂଷଣ ରଥ

ଆରମ୍ଭ ହୋଇଛି ପିତୃପକ୍ଷ। ଅନେକ ବ୍ୟକ୍ତିଙ୍କ ମନରେ ପ୍ରଶ୍ନ ଏହି ପିତୃପକ୍ଷର ଗୁରୁତ୍ୱ କ'ଣ? ପିତୃପକ୍ଷ ଆରମ୍ଭ ହୋଇଗଲେ ପ୍ରାୟ ପ୍ରତ୍ୟେକ ଘରେ ଶ୍ରାଦ୍ଧ, ତର୍ପଣ ପ୍ରଭୃତି କ୍ରିୟା ଆରମ୍ଭ ହୋଇଯାଏ। ଅନେକ ଜାଣତରେ ତଥା ଅନେକ ଅଜାଣତରେ ଏହି କ୍ରିୟାକୁ ସମ୍ପାଦନ କରନ୍ତି। ଭାରତୀୟ ସଂସ୍କୃତି ଆମକୁ ଉପଦେଶ ଦେଇଛି ପିତା ଏବଂ ମାତା ବଞ୍ଚିଥିବା ସମୟରେ ଯେମିତି ପୂଜ୍ୟ ସେମାନଙ୍କର ମୃତ୍ୟୁ ପରେ ମଧ୍ୟ ସେମାନେ ଆମର ପୂଜ୍ୟ। ଆମେ କେହି ବି ଦେବତାଙ୍କୁ ଦର୍ଶନ କରିନାହେଁ, କେବଳ ଯାହା ଅନୁଭବ କରୁଛେ। କିନ୍ତୁ ସାକ୍ଷାତ୍ ଈଶ୍ୱର ସଦୃଶ ପିତାମାତାଙ୍କୁ ଆମେ ଦର୍ଶନ କରିବାର ସୁଯୋଗ ପାଉଛେ। ତେଣୁ ଉପନିଷଦ କୁହନ୍ତି; ମାତୃ ଦେବୋ ଭବ। ପିତୃ ଦେବୋ ଭବ। ଅର୍ଥାତ୍ ମା' ଏବଂ ବାପା ଆମମାନଙ୍କ ପାଇଁ ଦେବତା ହୁଅନ୍ତୁ। ପରଲୋକ ଗମନ କରିଥିବା ପିତୃଲୋକଙ୍କର ସ୍ମୃତି, ଶାନ୍ତି ଏବଂ ସମ୍ମାନ ପାଇଁ ଏହି ପିତୃପକ୍ଷର ବ୍ୟବସ୍ଥା। ତିଥିଶ୍ରାଦ୍ଧ ବର୍ଷ ତମାମ କରାଯାଏ। କିନ୍ତୁ ମହାଳୟାଶ୍ରାଦ୍ଧ ବା ପିତୃପକ୍ଷଶ୍ରାଦ୍ଧ ବର୍ଷକେ ଥରେ କେବଳ ଅପରପକ୍ଷରେ ପାଳନ କରାଯାଏ। ଭାଦ୍ରବ ପୂର୍ଣ୍ଣିମା ପରଦିନ ଅର୍ଥାତ୍ ଆଶ୍ୱିନ ପ୍ରତିପଦା ତିଥିରୁ ଆରମ୍ଭ କରି ଆଶ୍ୱିନ ଅମାବାସ୍ୟା ପର୍ଯ୍ୟନ୍ତ ତିଥିକୁ ପିତୃପକ୍ଷ ବୋଲି କୁହାଯାଏ। ଏହା ଗୋଟିଏ ପକ୍ଷ ଅର୍ଥାତ୍ ପନ୍ଦର ଦିନର ଅବଧି। ତତ୍ପରେ ଆରମ୍ଭ ହୁଏ ଶାରଦୀୟ ନବଦିନାତ୍ମକ ପୂଜା। ଦୁର୍ଗାପୂଜା ପର ଅମାବାସ୍ୟା ହେଉଛି ଦୀପାବଳି ଉତ୍ସବ; ଯେଉଁଥିରେ ପୟାଶ୍ରାଦ୍ଧ କରାଯାଏ ଏବଂ ପିତୃକୁଳର ସପ୍ତ ପୁରୁଷଙ୍କ ସହିତ ମାତୃକୁଳର ତିନି ପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଏ। ପୌରାଣିକତାକୁ ଦୃଷ୍ଟି ଦେଲେ ପିତୃପୁରୁଷଙ୍କୁ ଶ୍ରଦ୍ଧାସୁମନ ସହିତ ପିତୃଲୋକଙ୍କ ଶାନ୍ତି ନିମନ୍ତେ ଏହା ଉଦ୍ଦିଷ୍ଟ। କିନ୍ତୁ ବାସ୍ତବରେ ଏହା ମଧ୍ୟରେ ଅନେକ ବୈଜ୍ଞାନିକତା ଲକ୍ଷ୍ୟ କରାଯାଏ। ଯେପରି କି ପରିବାରର ରକ୍ତଗତ ସମ୍ପର୍କକୁ ତର୍ଜମା କରି ମେଡିକାଲ ସାଇନ୍ସ ଅନେକ ସିଦ୍ଧାନ୍ତରେ ଉପନୀତ ହୋଇପାରିଛି; ଯାହାକୁ ବଂଶଗତ ରୋଗର ନିଦାନ ବୋଲି କୁହାଯାଉଛି। ସେହିପରି ମାନବୀୟ ପ୍ରକୃତିର ତର୍ଜମା କରିବା ପାଇଁ ପୂର୍ବପୁରୁଷଙ୍କ ବିଷୟରେ ଜ୍ଞାନର ଆବଶ୍ୟକତା ରହିଛି। ଯେପରି କି; ପୂର୍ବପୁରୁଷଙ୍କର ଗୁଣକୁ ଆଧାରକରି କେହି ନିର୍ଭୀକ ଯୋଦ୍ଧା ହେଉଛି ତ କେହି ଗାୟକ ହେଉଛି, କେହି ବିଦ୍ୱାନ ପଣ୍ଡିତ ହେଉଛି ତଥା କେହି ନୂତନ ଆବିଷ୍କାର କରୁଛି। ପିତୃପକ୍ଷର ଏକ ବିଶିଷ୍ଟ ସାଂସ୍କୃତିକ ମହତ୍ତ୍ୱ ମଧ୍ୟ ରହିଛି। ଶ୍ରାଦ୍ଧ ଦିବସରେ ସାହିପଡ଼ୋଶୀ ତଥା ବନ୍ଧୁବାନ୍ଧବ ନିଜର ସମସ୍ତ ଶତ୍ରୁତାକୁ ଭୁଲିଯାଇ ପିତୃଲୋକଙ୍କ ସମ୍ମାନ ଉଦ୍ଦେଶ୍ୟରେ ଏକତ୍ରିତ ହୁଅନ୍ତି। ଭୋଜିଭାତ ତଥା ପିତାମାତାଙ୍କର ସ୍ମୃତିଚାରଣରେ ଘରର ସଂସ୍କୃତି ସୁରକ୍ଷିତ ରହେ। ଏହା ସହିତ ପିତୃପକ୍ଷର ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ସିଦ୍ଧାନ୍ତ ମଧ୍ୟ ରହିଛି। ପ୍ରତ୍ୟେକଟି ପରିବାର ତା'ର ଇତିହାସକୁ



ଜାଣି ରଖିବାର ଏହା ଏକ ଉତ୍ତମ ମାର୍ଗ। ଶ୍ରାଦ୍ଧ ଯେ କେବଳ ପୁରୋହିତଙ୍କ ମୁଖରେ ମନ୍ତ୍ର ପଢ଼ି ପିତୃପୁରୁଷଙ୍କ ନାଁ ନେବା ତା' ନୁହେଁ ପରନ୍ତୁ ଏହି ଦିନ ଆମ୍ଭର ପୂର୍ବଜମାନଙ୍କର ସ୍ମୃତିଚାରଣ କରିବାର ଏକ ସ୍ୱର୍ଣ୍ଣିମ ଅବସର। ଯେଉଁଭଳି ଭାବରେ ମହାପୁରୁଷ ତଥା ସମାଜର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କର ମୃତ୍ୟୁର ଶହଶହ ବର୍ଷ ଧରି ତାଙ୍କର ଶ୍ରାଦ୍ଧ ଦିବସରେ ସେହି ବ୍ୟକ୍ତିଙ୍କର ସ୍ମୃତିଚାରଣ ହେଉଛି, ସେହିଭଳି ଆମ ଘରର ମହାନ୍ ପିତୃଲୋକମାନଙ୍କୁ ଯଥୋଚିତ ସ୍ମରଣ କରିବା ଆମ୍ଭର କର୍ତ୍ତବ୍ୟ। କାରଣ ଆମ୍ଭମାନଙ୍କର ଜନ୍ମ, ଆମ୍ଭର ଘରଦ୍ୱାର, ଜମିବାଡ଼ି, ସାମାଜିକ ପ୍ରତିଷ୍ଠା ସବୁକିଛି ସେହି ପିତୃଲୋକଙ୍କର ପରିଶ୍ରମର ମୂଲ୍ୟ। ତେଣୁ ଆମ ପାଇଁ ଆମ ଘରର ପିତୃଲୋକମାନେ କୌଣସି ମହାପୁରୁଷଙ୍କଠାରୁ କମ୍ ନୁହନ୍ତି।

ମହାଳୟା ଶବ୍ଦଟି ସଂସ୍କୃତ ଶବ୍ଦ ମହାଳୟଃ ରୁ ଆସିଅଛି। ମହାଳୟଃ ହେଉଛି ଦୁଇଟି ଶବ୍ଦର ସମାହାର। ଗୋଟିଏ ହେଲା 'ମହା' ଅର୍ଥାତ୍ ମହାନ। ଦ୍ୱିତୀୟଟି 'ଆଳୟ' ଅର୍ଥାତ୍ ନିବାସସ୍ଥାନ। ବିଶେଷତଃ ପିତୃ ଲୋକଙ୍କର ନିବାସସ୍ଥାନ ଯାହା ତୀର୍ଥ ସଦୃଶ, ତାକୁ ମହାନ୍ ଆଳୟ ବା ମହାଳୟ ବୋଲି କୁହାଯାଏ। ପିତୃପକ୍ଷର ପନ୍ଦର ଦିନ ପିତୃଲୋକମାନେ ପୃଥିବୀପୃଷ୍ଠକୁ ଆସନ୍ତି ବୋଲି ଶାସ୍ତ୍ରୀୟ ମତ। ତେଣୁ ଏହି ଦିନଗୁଡ଼ିକରେ ଶ୍ରଦ୍ଧା ଏବଂ ସମ୍ମାନର ସହିତ ତର୍ପଣ ତଥା ଗୋଟିଏ ଶୁଭ ଦିନରେ ପିତୃଲୋକଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦେବାର ବିଧାନ ରହିଛି। ବିଶେଷକରି ଘରର ମୁରବିମାନେ ଏହି ପନ୍ଦର ଦିନ ନିଜର ପିଲାମାନଙ୍କୁ ପୂର୍ବପୁରୁଷଙ୍କ ବିଷୟରେ ସ୍ମୃତିଚାରଣ କରାଇବା ଆବଶ୍ୟକ। କାରଣ ଆମେ ସମସ୍ତ ଭାରତୀୟ ଋଷିଙ୍କର ସନ୍ତାନସନ୍ତତି। ସମସ୍ତ ଭାରତୀୟଙ୍କର ଗୋତ୍ର ରହିଅଛି। ଯେଉଁ ବ୍ୟକ୍ତିର ଯେଉଁ ଗୋତ୍ର ସେ ସେହି ତପସ୍ୱୀ ଋଷିଙ୍କର ବଂଶଜ। ତେଣୁ ନିଜ ଗୋତ୍ରର ଋଷିଙ୍କର ସାଧନା ଏବଂ ଗୁଣାବଳୀ ବିଷୟରେ ଆମ୍ଭେମାନେ ଜାଣିବାର ଏହା ଏକ ପ୍ରକୃଷ୍ଟ ସମୟ। ଭାରତର ପ୍ରତ୍ୟେକ ବ୍ୟକ୍ତି ଏହି କ୍ରିୟାରେ ଆଗ୍ରହ ପ୍ରକାଶ କଲେ ଆମ ଦେଶର ଲୁକ୍କାୟିତ ଇତିହାସ ଉଦ୍ଭାସିତ ହେବା ସହିତ ପିତୃଲୋକଙ୍କର ଶ୍ରମ ସାର୍ଥକ ହେବ। ଥରେ ଆଗ୍ରହର ସହିତ ଅନ୍ୱେଷଣ ଆରମ୍ଭ କଲେ ଜାଣିହେବ ସେହି ନିରୀହ ପିତୃପୁରୁଷମାନଙ୍କ ତ୍ୟାଗ ହିଁ ଏକ ସ୍ୱର୍ଣ୍ଣିମ, ସୁନ୍ଦର ଭାରତକୁ ସୃଷ୍ଟି କରିଛି। ଆଜିର ବିକଶିତ ଭାରତ ହେଉଛି ଆମ୍ଭ ପିତୃଲୋକଙ୍କର ଯୁଗଯୁଗର ତପସ୍ୟାର ଅମୃତ ଫଳ।

ପ୍ରତ୍ୟେକ ମାନବର ତିନିଗୋଟି ଋଣ ରହିଥାଏ। ଯଥା ଦେବତା ଋଣ, ଋଷି ଋଣ ଏବଂ ପିତୃ ଋଣ। ଶ୍ରାଦ୍ଧ ଦ୍ୱାରା ପିତୃପୁରୁଷଙ୍କଠାରେ ଥିବା ଋଣ କିଛି ମାତ୍ରାରେ ପରିଶୋଧ ହୁଏ। ତେଣୁ ଶ୍ରାଦ୍ଧର ବୈଶିଷ୍ଟ୍ୟକୁ ନେଇ ଶାସ୍ତ୍ର କୁହନ୍ତି : ଶ୍ରାଦ୍ଧୋଦକଂ ତିଳୋଦକଂ ପିତୃଣାଂ ତୃପ୍ତି ହେତବେ। ଅର୍ଥାତ୍ ଶ୍ରାଦ୍ଧ ଏବଂ ତିଳୋଦକ ପ୍ରଭୃତି କର୍ମ ପିତୃପୁରୁଷଙ୍କର ତୃପ୍ତି ପାଇଁ କରାଯାଏ। ତେବେ ଶ୍ରାଦ୍ଧକୁ ଶ୍ରଦ୍ଧାର ସହିତ କରାଯିବା ଆବଶ୍ୟକ। ତେଣୁ ଶ୍ରଦ୍ଧୟା ପିତୃନ ଉଦ୍ଦିଶ୍ୟ ଯତ୍ କ୍ରୀୟତେ ତତ୍ ଶ୍ରାଦ୍ଧଂ ବୋଲି କୁହାଯାଏ। ଆସନ୍ତୁ ଆମେ ସମସ୍ତେ ମହାଳୟାର ପିତୃପକ୍ଷରେ ପିତୃଲୋକଙ୍କର ଶ୍ରାଦ୍ଧକୁ ସମ୍ମାନର ସହିତ ପାଳନ କରିବା ଏବଂ ଏହାର ବୈଜ୍ଞାନିକ, ସାଂସ୍କୃତିକ ତଥା ଐତିହାସିକ ଦିଗକୁ ଅନ୍ୱେଷଣ କରିବା।

ଅଧ୍ୟାପକ ତଥା ଉପନିର୍ଦ୍ଦେଶକ
ଦୂର ଶିକ୍ଷା ନିର୍ଦ୍ଦେଶାଳୟ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି (ଆ.ପ୍ର.)
ମୋ-୮୮୯୭୪୨୬୨୪୩

## ଏଇ ଭାରତରେ

କଦଳୀ ଉତ୍ପାଦନ ପରେ ଏହାର ଗଣ୍ଡିକୁ ଫିଙ୍ଗି ଦିଆଯାଉଥିବା ବେଳେ ଉତ୍ତର ପ୍ରଦେଶ ଲଖିମପୁର ଖେରିର ପୁନମ୍ ସେଥିରୁ ଫାଇବର ପ୍ରସ୍ତୁତ କରୁଛନ୍ତି। ସମୌସା ଗାଁର ପୁନମ୍ ଦେବୀ ସରସ୍ୱତୀ ସ୍ୱୟଂସହାୟକ ଗୋଷ୍ଠୀ ଗଠନ କରି ୨୭ ଜଣ ମହିଳାଙ୍କୁ ଏହି କାର୍ଯ୍ୟରେ ସାମିଲ କରିଛନ୍ତି। ପୁନମ୍ ସେହି ଗୋଷ୍ଠୀର ଅଧକ୍ଷା ରହିଛନ୍ତି। ଏବେ ସେହି ମହିଳାମାନେ ଦିନକୁ ୫୦୦ ଟଙ୍କା ରୋଜଗାର କରୁଛନ୍ତି। ସମୌସା ଗାଁର ଆଖପାଖରେ ପ୍ରାୟ ୧୦୦୦ ଏକର ଜମିରେ କଦଳୀ ଚାଷ ହେଉଛି। ଏଥିରୁ ବାହାରୁଥିବା କଦଳୀ ଗଣ୍ଡିକୁ ଏମାନେ ସଂଗ୍ରହ କରି ମେଶିନ ମାଧ୍ୟମରେ ଫାଇବର ପ୍ରସ୍ତୁତ କରି କେଜି ପ୍ରତି ୨୦୦୦ ଟଙ୍କାରେ ବିକ୍ରି କରୁଛନ୍ତି। ଫାଇବର ଉତ୍ପାଦନ କାର୍ଯ୍ୟରେ ପ୍ରାୟତଃ କଦଳୀ ଚାଷୀ ପରିବାରର ମହିଳାମାନେ ରହିଥିବାରୁ ସେମାନଙ୍କ ଆୟରେ କଦଳୀ ଚାଷ ପରେ କ୍ଷେତ୍ର ସଫା କରିବା ପାଇଁ ଏବଂ ଆବଶ୍ୟକ ଅନ୍ୟାନ୍ୟ ଖର୍ଚ୍ଚ ହୋଇପାରୁଛି। ଫଳରେ ଖେରି ଅଞ୍ଚଳରେ କଦଳୀ ଚାଷ ବଢ଼ିବା ସଙ୍ଗେ ସଙ୍ଗେ ପୁନମ୍‌ଙ୍କ ନେତୃତ୍ୱରେ ଫାଇବର ପ୍ରସ୍ତୁତି କାର୍ଯ୍ୟ ଅନ୍ୟ ଗାଁକୁ ସମ୍ପ୍ରସାରିତ ହୋଇପାରିଛି। ଏହି ଫାଇବରରୁ ପାପୋଛ, ବ୍ୟାଗ୍ ଓ ଅନ୍ୟାନ୍ୟ ସାମଗ୍ରୀ ତିଆରି କରାଯାଉଛି, ଯାହା ବିଘଟନଯୋଗ୍ୟ ଓ ପରିବେଶ ସହନୀୟ। ପ୍ରତିଦିନ ମହିଳାମାନେ ୩୫ରୁ ୪୦ କେଜି ଫାଇବର ତିଆରି କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ସେପ୍ଟେମ୍ବର ୧୯୯୭

- ବୋସ୍‌ନିଆର ଏକ ପାର୍ବତ୍ୟ ଇଲାକାରେ ଜାତିସଂଘର ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୨ ଜଣଙ୍କ ମୃତ୍ୟୁ।
- ନେପାଳରେ ବହୁଦଳୀୟ ସଂସଦୀୟ ରାଜନୀତିର ପ୍ରତିଷ୍ଠାତା ତଥା ବରିଷ୍ଠ ନେପାଳୀ ଡେମୋକ୍ରାଟିକ୍ ନେତା ଗଣେଶ ମାନସିଂହଙ୍କ ୮୪ ବର୍ଷ ବୟସରେ ଦେହାନ୍ତ।
- ଚିଟାଗଙ୍ଗ ପାର୍ବତ୍ୟ ଅଞ୍ଚଳକୁ ବ୍ୟାପକ ସ୍ୱାୟତ୍ତତା ପ୍ରଦାନ କରିବା ନେଇ ବାଂଲାଦେଶ ସରକାର ଓ ବିଦ୍ରୋହୀ ଉପଜାତି ନେତାଙ୍କ ମଧ୍ୟରେ ଶାନ୍ତି ରାଜିନାମା ସ୍ୱାକ୍ଷରିତ।

## su|do|ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | | | 7 |
| | | 2 | | | | 3 | | |
| | 1 | 4 | | 2 | | | | 9 |
| | 4 | | 9 | | | | 8 | |
| 7 | | | | | 4 | | | 1 |
| | | | 2 | 5 | | | | |
| | | | | 4 | | 5 | | |
| 9 | 2 | | | | | | 1 | |
| | | | 1 | | 9 | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 5 | 3 | 8 | 4 | 9 | 1 | 2 | 6 |
| 2 | 8 | 4 | 6 | 1 | 5 | 3 | 9 | 7 |
| 9 | 6 | 1 | 7 | 2 | 3 | 8 | 5 | 4 |
| 5 | 4 | 7 | 1 | 9 | 8 | 2 | 6 | 3 |
| 1 | 2 | 6 | 5 | 3 | 7 | 4 | 8 | 9 |
| 3 | 9 | 8 | 2 | 6 | 4 | 7 | 1 | 5 |
| 6 | 1 | 5 | 3 | 7 | 2 | 9 | 4 | 8 |
| 4 | 7 | 2 | 9 | 8 | 6 | 5 | 3 | 1 |
| 8 | 3 | 9 | 4 | 5 | 1 | 6 | 7 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ହାତୀମୃତ୍ୟୁର ପ୍ରତିକାର କରାଯାଉ

ମହାଶୟ,

ପ୍ରତିଦିନ ଦୁର୍ଘଟଣା ଓ ରୋଗରେ ପଡ଼ି ଅନେକ ହାତୀ ମୃତ୍ୟୁର ଶିକାର ହେଉଛନ୍ତି। ଶିକାରୀ ମଧ୍ୟ ହାତୀ ଶିକାର କରି ଦାନ୍ତ ଲୁଟି ନେଉଥିବାର ଦେଖାଯାଉଛି। ଜଙ୍ଗଲରେ ହାତୀ ଓ ଅନ୍ୟାନ୍ୟ ହିଂସ୍ରଜନ୍ତୁ ହ୍ରାସ ପାଇବା ଫଳରେ ଜଙ୍ଗଲ ସମ୍ପଦ ଚୋରି ହେବାରେ ଲାଗିଛି। ଶିକାରୀମାନେ ଜଙ୍ଗଲରେ ନିଆଁ ଲଗାଇ ପଶୁପକ୍ଷୀ ଶିକାର କରୁଛନ୍ତି। ସୀମିତ ଜଙ୍ଗଲ କର୍ମଚାରୀ ସୁରକ୍ଷା ଦେବାରେ ବିଫଳ ହେଉଛନ୍ତି। ଫଳରେ ଶିକାରୀମାନେ ଅନାୟାସରେ ପଶୁ ଶିକାର କରିବାର ସୁଯୋଗ ପାଉଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷ ସମେତ ଗତ ୩ ବର୍ଷରେ ୮୨ ହାତୀ ମରିଛନ୍ତି। ବିଗତ ୫ ବର୍ଷ ମଧ୍ୟରେ ୨୪୫ ହାତୀ ମୃତ୍ୟୁର ଶିକାର ହୋଇଛନ୍ତି। ବିଶେଷକରି ଟ୍ରେନ୍ ଧକ୍କା, ବିଦ୍ୟୁତ୍ ଆଘାତ, ବିଷକ୍ରିୟା ଶିକାର ଓ ପ୍ରାକୃତିକ ମୃତ୍ୟୁମାନ ହାତୀବଂଶ ଧ୍ୱଂସର କାରଣ ପାଲଟିଛି। ଜଙ୍ଗଲ ସଫା ହୋଇ ଯିବା ପରେ ହାତୀମାନେ ଗାଁମୁହାଁ ହେଉଛନ୍ତି। ଲୋକେ ଧନଜୀବନ ନେଇ ଚିନ୍ତିତ ହେଉଛନ୍ତି। ବିଷଧର ସାପ, ବଜ୍ରକାପ୍ତା ଓ ଅନ୍ୟାନ୍ୟ ପଶୁ ଧରି କେତେକ ବ୍ୟକ୍ତି ଚୋରାଚାଲାଣ କରୁଛନ୍ତି। କାଁ ଭାଁ ଧରପଗଡ଼ ହେଉଛି। ଜଙ୍ଗଲ କର୍ମଚାରୀଙ୍କ ସଲା ସୁତୁରାରେ କାଠ ଚୋରା କାରବାର ସହ ପଶୁ ସମ୍ପଦ ଚୋରା ଚାଲାଣ ହେବାର ନଜିର ରହିଛି। କିନ୍ତୁ ପ୍ରମାଣ ଅଭାବରୁ ଚୋରା ବେପାରୀ ଓ ଜଙ୍ଗଲ କର୍ମଚାରୀ ସହଜରେ ଖଲାସ ହୋଇଯାଉଛନ୍ତି। ସବୁଜ ଜଙ୍ଗଲ ସୃଷ୍ଟି ପାଇଁ ହେଲିକପ୍ଟରରେ ପୋଲ ମଞ୍ଜି ବୁଣାଯିବା ଉଚିତ।

– ନିର୍ମଳ ଚନ୍ଦ୍ର ସାମଲ, କୋକିଳା ଇନ୍‌କ୍ଲେଭ, ପୋଖରୀପୁଟ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ବେଗ ଆସେ ବେଢ଼ି ଛାୟା
ଏହି ପଥେ ରହେ ଆହା
ସବୁ ଶୋଭା ନିମେଷରେ ଗୁପତ
ଗୁପ୍ତଦୃଷ୍ଟା ନୋହେ କାହିଁ ଗୁପତ!
–(ଶରତ–ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଚାଇନାରେ ବସ୍ ଦୁର୍ଘଟଣା: ୨୭ ମୃତ**

ଚାଇନାର ଗୁଇଝୋଇ ପ୍ରଦେଶରେ ରବିବାର ଏକ ବସ୍ ଦୁର୍ଘଟଣାରେ ୨୭ ଯାତ୍ରୀଙ୍କ ମୃତ୍ୟୁ ଘଟିବା ସହ ୨୦ ଜଣ ଆହତ ହୋଇଛନ୍ତି। ଚଳିତ ବର୍ଷ ଚାଇନାରେ ଏହା ସବୁଠୁ ଘାତକ ଦୁର୍ଘଟଣା ବୋଲି କୁହାଯାଉଛି। ବିଭିନ୍ନ ସଂଖ୍ୟାଲଘୁ ସମ୍ପ୍ରଦାୟ ବସବାସ କରୁଥିବା ପାର୍ବତ୍ୟାଞ୍ଚଳର ଏକ ରାଜପଥରେ ଏହି ଦୁର୍ଘଟଣା ଘଟିଛି। କୋଭିଡ୍ କଟକଣା ଯୋଗୁ ଉକ୍ତ ପ୍ରଦେଶର ଅଧିକାଂଶ ରାସ୍ତାରେ ନିୟମିତ ଗାଡ଼ି ଚଳାଚଳ ବନ୍ଦ ରହିଥିବାବେଳେ ବିଳମ୍ବିତ ରାତିରେ ଯାତ୍ରୀବାହୀ ବସ୍ ପାହାଡ଼ିଆ ରାସ୍ତାରେ କ’ଣ ପାଇଁ ଯାଉଥିଲା ବୋଲି ସୋସିଆଲ ମିଡିଆ ୟୁଜର୍ସ ପ୍ରଶ୍ନ କରିଛନ୍ତି।

## ସଂକ୍ଷେପରେ

### ଧର୍ମାନ୍ତରୀକରଣ ନିରୋଧୀ ଆଇନରେ ୫ ବର୍ଷ ଜେଲ

**ଲକ୍ଷ୍ନୌ,୧୮।୯:** ଉତ୍ତରପ୍ରଦେଶ ବେଆଇନ ଧର୍ମାନ୍ତରୀକରଣ ନିରାକରଣ ଆଇନ, ୨୦୨୧ରେ ପ୍ରଥମ ଥର ଲାଗି ଜଣେ ୨୬ ବର୍ଷୀୟ କାଠମିସ୍ତ୍ରୀଙ୍କୁ ଦୋଷୀସାବ୍ୟସ୍ତ କରାଯାଇଛି। ଆମ୍ରୋହାର ଏକ ଅଦାଲତ ଶନିବାର ତାଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଗତବର୍ଷ ଡିସେମ୍ବରରେ ଏହି ନୂଆ ଆଇନ କାର୍ଯ୍ୟକାରୀ ହୋଇଥିଲା। ଆମ୍ରୋହାର ଅତିରିକ୍ତ ଜିଲା ଜଜ୍ (ପୋକ୍ସୋ କୋର୍ଟ) କପିଳା ରାଘବ ଅପରାଧୀ ଅଫଜଲଙ୍କୁ ୫ ବର୍ଷ ଜେଲଦଣ୍ଡ ସହ ୪୦,୦୦୦ ଟଙ୍କା ଜରିମାନା ଲଗାଇଛନ୍ତି। ଅନ୍ୟ ସମ୍ପ୍ରଦାୟର ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଅଫଜଲଙ୍କୁ ଆମ୍ରୋହା ପୋଲିସ ଗତବର୍ଷ ଏପ୍ରିଲ ୪ରେ ଦିଲ୍ଲୀରୁ ଗିରଫ କରିଥିଲା। ନାବାଳିକା ପରିବାରର ଅଭିଯୋଗକ୍ରମେ ଅଫଜଲଙ୍କ ନାଁରେ ଅପହରଣ ଏବଂ ଧର୍ମାନ୍ତରୀକରଣ ନିରୋଧୀ ଆଇନରେ ମାମଲା ରୁଜୁ ହୋଇଥିଲା।

### ୟେଦ୍ଦୁରପ୍ପାଙ୍କ ବିରୋଧରେ ଦୁର୍ନୀତି ମାମଲା ରୁଜୁ

**ବେଙ୍ଗାଲୁରୁ,୧୮।୯:** କର୍ଣ୍ଣାଟକର ଲୋକାୟୁକ୍ତ ପୋଲିସ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ବି.ଏସ୍. ୟେଦ୍ଦୁରପ୍ପା ଓ ତାଙ୍କ ପରିବାରର କେତେଜଣ ସଦସ୍ୟଙ୍କ ନାଁରେ ଦୁର୍ନୀତି ମାମଲା ରୁଜୁ କରିଛି।



ସ୍ୱତନ୍ତ୍ର ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ଏଭଳି ପଦକ୍ଷେପ ନିଆଯାଇଛି। ୟେଦ୍ଦୁରପ୍ପାଙ୍କ ପୁଅ ତଥା ଭାଜପା ରାଜ୍ୟ ଉପାଧ୍ୟକ୍ଷ ବି.ୱାଇ. ବିଜୟେନ୍ଦ୍ର ଏବଂ ନାତି ତଥା ତତ୍କାଳୀନ ବେଙ୍ଗାଲୁରୁ ଉନ୍ନୟନ ଆୟୋଗ (ବିଡିଏ) କମିଶନରଙ୍କ ବିରୋଧରେ ମଧ୍ୟ ଦୁର୍ନୀତି ନିବାରଣ ଆଇନ ଏବଂ ଆଇପିସିର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ବେଙ୍ଗାଲୁରୁର ବିଦରାହାଲ୍ଲି ଅନ୍ତର୍ଗତ କୋନାଦାସପୁରାରେ ବିଡିଏ ଆପାର୍ଟମେଣ୍ଟ ନିର୍ମାଣର ଠିକା ପାଇବା ପାଇଁ ୟେଦ୍ଦୁରପ୍ପାଙ୍କ ପରିବାର ଲାଞ୍ଚ ନେଇଥିଲେ ବୋଲି ସାମାଜିକ କର୍ମୀ ଟି.ଜେ. ଆବ୍ରାହାମ୍ ଅଭିଯୋଗ କରିଥିଲେ।

**ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା**

### କର୍ଣ୍ଣାଟକ କଂଗ୍ରେସ ନେତା ଗିରଫ

**ଧରୱାଡ଼,୧୮।୯(ପି.ଟି.):** କର୍ଣ୍ଣାଟକର ଧରୱାଡ଼ ଜିଲାରେ ରାଜ୍ୟ କଂଗ୍ରେସ ନେତା ମନୋଜ କାର୍ଜାଗୀ ତାଙ୍କ ସେଲୁନ୍‌ର ଜଣେ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଗିରଫ ହୋଇଛନ୍ତି। ସେଲୁନ୍‌ରେ ମହିଳା ଜଣକ ବିଉଟିସିଆନ୍ ଭାବେ କାର୍ଯ୍ୟ କରୁଥିଲେ। ଶନିବାର ମନୋଜ ଉକ୍ତ ସେଲୁନ୍‌କୁ ଆସି ଉକ୍ତ ମହିଳାଙ୍କୁ ଆଲିଙ୍ଗନ କରିବା



ମନୋଜ କାର୍ଜାଗୀ

ସହ ଚୁମ୍ବନ ଦେବାକୁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ମହିଳା ଜଣଙ୍କ ତାଙ୍କ ପୁରୁଷବନ୍ଧୁଙ୍କୁ ଜଣାଇବା ପରେ ସେ ତାଙ୍କ ସାଙ୍ଗମାନଙ୍କ ସହ ଘଟଣାସ୍ଥଳରେ ପହଞ୍ଚି କଂଗ୍ରେସ ନେତାଙ୍କୁ ମାଡ଼ ମାରିଥିଲେ। ଗିରଫ ପରେ ମନୋଜଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ମନୋଜ ଜଣେ ମନ୍ତ୍ରୀଙ୍କ ପୂର୍ବତନ ସହଯୋଗୀ। ସିଦ୍ଧରାମୈୟା ସରକାର ସମୟରେ ସେ ଉତ୍ତରପଶ୍ଚିମ କର୍ଣ୍ଣାଟକ ରାଜ୍ୟ ପରିବହନ ନିଗମର ନିର୍ଦ୍ଦେଶକ ଥିଲେ।

# ରୁଷିଆରେ ସୈନ୍ୟ ସଙ୍କଟ

## ଠିକା ନିଯୁକ୍ତି ପାଇଁ ପୁଟିନ୍‌ଙ୍କ ଅଭିଯାନ

**କିଭ୍/ମସ୍କୋ,୧୮।୯**



ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ୟୁକ୍ରେନ୍ ଦଖଲ ସ୍ୱପ୍ନ ଧୂଳିସାତ ହେବା ପରେ ତାଙ୍କ ଶକ୍ତିଶାଳୀ ସେନା କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ପକ୍ଷରୁ ମିଳୁଥିବା ସାମରିକ ସହାୟତାର ସଦୁପଯୋଗ କରି ୟୁକ୍ରେନ୍ ରୁଷୀୟ ପ୍ରତିପକ୍ଷକୁ ମୁହଁତୋଡ଼ ଜବାବ ଦେଉଛି। ଏଥିଯୋଗୁ ରୁଷିଆ ସଶସ୍ତ୍ର ବଳରେ ସୈନ୍ୟ ସଙ୍କଟ ଦେଖାଦେଇଛି। ଫଳରେ ପୁଟିନ୍ ଏହି ତଥାକଥିତ ‘ସ୍ୱତନ୍ତ୍ର ସାମରିକ ଅପରେଶନ’ ପାଇଁ ଠିକା ସୈନ୍ୟ ନିଯୁକ୍ତିକୁ ଗୁରୁତ୍ୱ ଦେଇଛନ୍ତି। ରୁଷିଆ ସେନା ଭଲ୍ୟୁଣ୍ଟିୟରଙ୍କୁ ଆକର୍ଷିତ କରିବା ପାଇଁ ଭ୍ରାମ୍ୟମାଣ ନିଯୁକ୍ତି ଟ୍ରକ୍ ବ୍ୟବହାର କରୁଛି। ୟୁକ୍ରେନ୍ ବିରୋଧରେ ଯୁଦ୍ଧ ଲଢ଼ିବା ପାଇଁ ସେମାନଙ୍କୁ ଜଣ ପିଛା ମାସିକ ୩ ହଜାର ଆମେରିକୀୟ ଡଲାର ଦିଆଯିବ ବୋଲି ଘୋଷଣା କରାଯାଇଛି। ଦେଶଭକ୍ତ ନାଗରିକମାନଙ୍କୁ ଠିକାରେ ୩ କିମ୍ବା ୬ ମାସ ପାଇଁ ସ୍ପେଶିଆଲ ମିଲିଟାରି ଅପରେଶନ ଲାଗି ତାଲିମ ଓ ନିଯୁକ୍ତି ଦିଆଯିବ ବୋଲି ମେଜର ସର୍ଗେଇ ଆର୍ଡାଶେଭ୍ କହିଛନ୍ତି। ରୁଷିଆ କିମ୍ବା ୟୁକ୍ରେନ୍ ନିଜ ସାମରିକ କ୍ଷୟକ୍ଷତିର ପ୍ରକୃତ ହିସାବ ଦେଉ ନ ଥିବାବେଳେ ଉଭୟ ପକ୍ଷର ବହୁ ଧନଜୀବନ ନଷ୍ଟ ହୋଇଥିବା ନେଇ ପାଶ୍ଚାତ୍ୟର ଗୋଇନ୍ଦା ସଂସ୍ଥାଗୁଡ଼ିକ ଆକଳନ କରିଛନ୍ତି। ମସ୍କୋ ନିଜ ସୈନ୍ୟଙ୍କ ମୃତ୍ୟୁସଂଖ୍ୟାକୁ ମାର୍ଚ୍ଚ ୨୫ ତାରିଖରୁ ଅପଡେଟ୍ କରିନାହିଁ। ସେତେବେଳେ ଏହି ସଂଖ୍ୟା ୧,୩୫୧ ଥିବାବେଳେ ଆହତ ସୈନ୍ୟଙ୍କ ସଂଖ୍ୟା ୩,୮୨୫ ରହିଥିଲା।

## ନିଜ ଦେଶ ବିରୋଧରେ ଲଢ଼ିଥିଲେ ରୁଷୀୟ ଯୁବତୀ



■ଲ୍ୟାଣ୍ଡ ମାଇନ୍ ବିସ୍ଫୋରଣରେ ନିହତ

■ଯୋଦ୍ଧାଙ୍କୁ ଶ୍ରଦ୍ଧାଞ୍ଜଳି ଦେଲା ୟୁକ୍ରେନ୍

ନିଜ ଦେଶ ବିରୋଧରେ ଲଢ଼େଇ କରି ପ୍ରାଣ ହରାଇଥିବା ରୁଷୀୟ ଯୁବତୀ ଓଲ୍‌ଗା ସିମୋନୋଭାଙ୍କୁ ଶୁକ୍ରବାର କିଭ୍‌ରେ ଶେଷ ସମ୍ମାନ ଜଣାଇଛନ୍ତି ୟୁକ୍ରେନ୍‌ବାସୀ। ଶେଷକୃତ୍ୟ ପୂର୍ବରୁ ତାଙ୍କ କଫିନ୍‌କୁ ଏକ ନୀଳ ଓ ହଳଦିଆ ରଙ୍ଗର ୟୁକ୍ରେନୀୟ ପତାକାରେ ଘୋଡ଼ାଇ ଦିଆଯାଇଥିଲା। ତା’ ଉପରେ ରଖାଯାଇଥିଲା ଏକ ସିଂହ କଣ୍ଢେଇ।

ଫେବୃୟାରୀ ୨୪ରେ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବାର କିଛିଦିନ ପୂର୍ବରୁ ସିମୋନୋଭା ଡୋନ୍‌ବାସ ଅଞ୍ଚଳରେ ଥିଲେ। ସେଠାରେ ରୁଷିଆ ସମର୍ଥିତ ବିଚ୍ଛିନ୍ନତାବାଦୀଙ୍କ ବିରୋଧରେ ଲଢୁଥିବା ୟୁକ୍ରେନୀୟ ସୈନ୍ୟଙ୍କୁ ସେ ଅନେକ ବର୍ଷ ଧରି ସେବା ପ୍ରଦାନ କରିଆସିଥିଲେ। ରୁଷିଆର ଚେଲ୍‌ୟାବିନ୍‌ସ୍କ ସହରରେ ଜନ୍ମିତ ସିମୋନୋଭାଙ୍କ ରୁଚି କ୍ରୀଡ଼ାରେ ରହିଥିବାବେଳେ ସେ ଉଭୟ ପର୍ବତାରୋହଣ ଓ କରାଟେରେ ଉତ୍କର୍ଷ ଲାଭ କରିଥିଲେ। ସିମୋନୋଭା ସବୁବେଳେ କହୁଥିଲେ, ରୁଷିଆ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ସେ ଗର୍ବିତ। କିନ୍ତୁ ଚେଚନ୍ୟାରେ ରୁଷିଆର ଯୁଦ୍ଧ ଏବଂ ୨୦୧୪ରେ ମସ୍କୋ ଦଖଲ କରିଥିବା ୟୁକ୍ରେନ୍‌ର ପୂର୍ବାଞ୍ଚଳସ୍ଥିତ ଡୋନ୍‌ବାସ୍ ରିଜିୟନ୍ ଓ କ୍ରିମିଆରେ ସାମରିକ କାର୍ଯ୍ୟାନୁଷ୍ଠାନ ବିଷୟରେ ପଢ଼ିବା ପରେ ନିଜ ଦେଶ ଉପରେ ସେ ଅସନ୍ତୁଷ୍ଟ ଥିଲେ। ନିଜ ଦେଶମାତୃକାର ଜାତୀୟ ପତାକାକୁ ଆଉ କେବେ ଉଡ଼ାଇବା ସୁଯୋଗ ମିଳିବ କି ନାହିଁ ସେନେଇ ତାଙ୍କ ମନରେ ସନ୍ଦେହ ଜାତ ହେବାରୁ ସିମୋନୋଭା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ, ଯାହାକି ତାଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିଥିଲା। ଡୋନ୍‌ବାସରେ ପ୍ରଥମେ ଜଣେ ଭଲ୍ୟୁଣ୍ଟିୟର, ପରେ ପାରାମେଡିକ୍ ଓ ଶେଷରେ ସଶସ୍ତ୍ର ବଳର ବିଧିବଦ୍ଧ ସଦସ୍ୟ ରୂପେ କିଭ୍ ପକ୍ଷରୁ ଲଢ଼ିବା ଉଦ୍ଦେଶ୍ୟରେ ସେ ୟୁକ୍ରେନ୍ ଯାତ୍ରା କରିଥିଲେ। ୨୦୧୭ରେ ସିମୋନୋଭାଙ୍କୁ ୟୁକ୍ରେନ୍ ନାଗରିକତ୍ୱ ପ୍ରଦାନ କରାଯାଇଥିଲା। ପରେ ସେ ସେନାରେ ସର୍ଜେଣ୍ଟ ପଦ ହାସଲ କରିଥିଲେ। ୩୪ ବର୍ଷୀୟା ସିମୋନୋଭା ଅବିବାହିତା ଥିଲେ। ନିକଟରେ ତାଙ୍କୁ ଖେରସୋନ ରିଜିୟନ୍‌ରେ ମୁତୟନ କରାଯାଇଥିଲା, ଯେଉଁଠି ୟୁକ୍ରେନୀୟ ସୈନ୍ୟ ରୁଷୀୟ ବଳ ବିରୋଧରେ ଜବାବୀ କାର୍ଯ୍ୟାନୁଷ୍ଠାନ ଚଳାଇଥିଲା। ସେପ୍ଟେମ୍ବର ୧୩ରେ ତାଙ୍କ ଗାଡ଼ି ଏକ ଲ୍ୟାଣ୍ଡ ମାଇନ୍‌କୁ ଧକ୍କା ଦେବା ପରେ ବିସ୍ଫୋରଣରେ ସିମୋନୋଭାଙ୍କ ମୃତ୍ୟୁ ଘଟିଥିଲା।

## ପିଏଫ୍‌ଆଇ ମାମଲା: ୪୦ ସ୍ଥାନରେ ଏନ୍‌ଆଇଏ ଚଢ଼ାଉ

**ନୂଆଦିଲ୍ଲୀ,୧୮।୯**

ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) କ୍ୟାଡର ମାମଲାରେ ନ୍ୟାଶନାଲ ଇନ୍‌ଭେଷ୍ଟିଗେଶନ ଏଜେନ୍ସି (ଏନ୍‌ଆଇଏ) ରବିବାର ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶର ୪୦ଟି ସ୍ଥାନରେ ଚଢ଼ାଉ କରିବା ସହ ୪ ଜଣଙ୍କୁ ଅଟକ ରଖିଛି। ତେଲଙ୍ଗାନାର ନିଜାମାବାଦ ଜିଲାର ୨୩ଟି ସ୍ଥାନ, ହାଇଦ୍ରାବାଦର ୪, ଜାଗିତ୍ୟାଲର ୭, ନିର୍ମାଲର ୨ ଏବଂ ଆଡିଲାବାଦ ଓ କରିମନଗର ଜିଲାର ଗୋଟିଏ ଲେଖାଏ ସ୍ଥାନରେ ଚଢ଼ାଉ ହୋଇଥିବାବେଳେ ଆନ୍ଧ୍ରପ୍ରଦେଶର ଦୁଇଟି ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଡିଜିଟାଲ ଉପକରଣ, ଦସ୍ତାବିଜ୍ ସମେତ କେତେକ ଆପରାଧିକ ଉପକରଣ ଏବଂ ନଗଦ ୮,୩୧,୫୦୦ ଟଙ୍କା ଜବତ ହୋଇଛି। ଏନ୍‌ଆଇଏ କହିବା ଅନୁଯାୟୀ ଅଭିଯୁକ୍ତମାନେ ପ୍ରଶିକ୍ଷଣ ଶିବିରର ଆୟୋଜନ କରି ଆତଙ୍କବାଦୀ କାର୍ଯ୍ୟ କରିବା ନିମନ୍ତେ ଯୁବକମାନଙ୍କୁ ତାଲିମ ଦେଉଥିଲେ ଏବଂ ଧର୍ମ ଆଧାରରେ ଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ବଢ଼ାଉଥିଲେ। ନିଜାମାବାଦ ଥାନା ପକ୍ଷରୁ ତଦନ୍ତ କରାଯାଇ ଅବଦୁଲ କାଦର, ଶେଖ୍ ସହାଦୁଲ୍ଲା, ମହମ୍ମଦ ଇମ୍ରାନ ଏବଂ ମହମ୍ମଦ ଅବଦୁଲ ମୋବିନ୍‌ଙ୍କୁ ଗିରଫ କରାଯାଇଥିଲା। ପରେ ଏନ୍‌ଆଇଏ ଉକ୍ତ ମାମଲାର ତଦନ୍ତ ଦାୟିତ୍ୱ ଗ୍ରହଣ କରିବା ସହ ଗତ ମାସ ୨୬ରେ ସାନି ମାମଲା ରୁଜୁ କରିଥିଲା। ଏନ୍‌ଆଇଏ ଏତଲା ଅନୁଯାୟୀ ଅବଦୁଲ କାଦରଙ୍କ ସହ ୨୬ ଅଭିଯୁକ୍ତ ଓ ଅନ୍ୟମାନେ ଭାରତ ସରକାରଙ୍କ ବିରୋଧରେ ଯୁଦ୍ଧ ପାଇଁ ଷଡ଼ଯନ୍ତ୍ର ଚଳାଇଥିଲେ। ଏଥିପାଇଁ ସେମାନେ ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ଗଠନ କରି ସେଥିରେ ସଦସ୍ୟମାନଙ୍କୁ ନିଯୁକ୍ତି ଦେବା ସହ ଆତଙ୍କବାଦୀ ତାଲିମ ଲାଗି କ୍ୟାମ୍ପ ଆୟୋଜନ କରୁଥିଲେ।

## ଅଣପାରମ୍ପରିକ ଅସ୍ତ୍ର ବ୍ୟବହାର କଲେ ଭୟାବହ ଯୁଦ୍ଧ ହେବ: ବାଇଡେନ୍

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରୁଷୀୟ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କୁ ୟୁକ୍ରେନ୍ ବିରୋଧରେ ଅଣପାରମ୍ପରିକ ଅସ୍ତ୍ରଶସ୍ତ୍ର ବ୍ୟବହାର ନ କରିବାକୁ ପରାମର୍ଶ ଦେଇଛନ୍ତି। ଆଣବିକ କିମ୍ବା ରାସାୟନିକ ଅସ୍ତ୍ର ବ୍ୟବହାର କଲେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଭଳି ଏହି ସଂଘର୍ଷ ମଧ୍ୟ ଭୟାବହ ହୋଇଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଗତ ସପ୍ତାହରେ ୟୁକ୍ରେନୀୟ ସୁରକ୍ଷା ବଳ ଉତ୍ତର-ପୂର୍ବାଞ୍ଚଳରୁ ରୁଷୀୟ ସୈନ୍ୟଙ୍କୁ ଘଉଡ଼ାଇଦେଇଥିଲେ। ଏହାକୁ ନେଇ ରୁଷିଆର ଜାତୀୟତାବାଦୀଙ୍କ ପକ୍ଷରୁ ପୁଟିନ୍‌ଙ୍କ ଉପରେ ଚାପ ବଢ଼ିବାରେ ଲାଗିଛି। ତେବେ ରୁଷିଆ ଉପରେ ଅଧିକ ଚାପ ବଢ଼ିଲେ ମସ୍କୋ ଅଣପାରମ୍ପରିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରିପାରେ ବୋଲି ପୁଟିନ୍ ଧମକ ଦେଇଥିଲେ।

# ମହାରାଣୀଙ୍କ ଶେଷକୃତ୍ୟ ଆଜି

**ଲଣ୍ଡନ,୧୮।୯**



୭ ଦଶନ୍ଧି ଧରି ବ୍ରିଟେନ ରାଜତନ୍ତ୍ରରେ ଶାସନ ମୁଖ୍ୟ ଥିବାରୁ ମହାରାଣୀ ଏଲିଜାବେଥ୍ ୨ୟ ଦେଶର ପ୍ରାୟ ସବୁପିଢିର ଲୋକଙ୍କ ନିକଟରେ ପରିଚିତ। ସୋମବାର ତାଙ୍କ ଶେଷକୃତ୍ୟ ସମ୍ପନ୍ନ କାର୍ଯ୍ୟକ୍ରମ ଥିବାବେଳେ ଏଥିରେ ଲକ୍ଷ ଲକ୍ଷ ଲୋକଙ୍କ ସମାଗମ ହେବ। ବିଶ୍ୱର ୫୦୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରନେତା, ରାଜତନ୍ତ୍ର ମୁଖ୍ୟ, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଏବଂ ଅନ୍ୟମାନେ ମଧ୍ୟ ଏଥିରେ ଯୋଗ ଦେଇ ରାଣୀଙ୍କୁ ଶେଷ ସମ୍ମାନ ଜଣାଇବେ। ଏଭଳି କାର୍ଯ୍ୟକ୍ରମରେ ଏତେସଂଖ୍ୟାରେ ବିଶ୍ୱନେତା ଓ ଜନସମାଗମ ଏକ ବିରଳ ଘଟଣା ହୋଇଥିବାରୁ ସେଠାରେ ସୁରକ୍ଷା ବଡ଼ ଚ୍ୟାଲେଞ୍ଜ ହେବ ବୋଲି ଲଣ୍ଡନ ମେୟର ସାଦିକ୍ ଖାନ୍ ଆଶଙ୍କା ବ୍ୟକ୍ତ କରିଛନ୍ତି।

ମନ୍ଦ ଉଦ୍ଦେଶ୍ୟ ଥିବା ଲୋକେ ଏହି ସମାଗମରେ ଅନ୍ୟକୁ କ୍ଷତି ପହଞ୍ଚାଇବା ଉଦ୍ୟମ କରିପାରନ୍ତି। ସୁରକ୍ଷାରେ ସାମାନ୍ୟ ତ୍ରୁଟି ବି କୌଣସି ବିଶ୍ୱ ନେତାଙ୍କୁ କ୍ଷତି ପହଞ୍ଚାଇପାରେ। ଭିଡ଼ର ସୁଯୋଗ ନେଇ ଆତଙ୍କବାଦୀ ଆକ୍ରମଣର ମଧ୍ୟ ଆଶଙ୍କା ରହିଛି। ତେଣୁ ବିନା କୌଣସି ବିଶୃଙ୍ଖଳାରେ ଏହା ସମ୍ପନ୍ନ ହେବା ଏକ ବଡ଼ ଆହ୍ୱାନ। ୧୦ ହଜାରରୁ ଊର୍ଦ୍ଧ୍ୱ ପୋଲିସ ଅଧିକାରୀଙ୍କୁ ସୁରକ୍ଷା ଦାୟିତ୍ୱ ଦିଆଯାଇଛି। ସଶସ୍ତ୍ର ବଳ ଓ ଶତାଧିକ ସ୍ୱେଚ୍ଛାସେବୀ ମଧ୍ୟ ମୁତୟନ ହୋଇଛନ୍ତି। ରିପୋର୍ଟ ଅନୁସାରେ ଶେଷକୃତ୍ୟ କାର୍ଯ୍ୟକ୍ରମରେ ସୁରକ୍ଷା ବ୍ୟବସ୍ଥା ପାଇଁ ପ୍ରାୟ ୫୯ କୋଟି ଟଙ୍କା ଖର୍ଚ୍ଚ ହେବ। ରାଜ ପରିବାର କାର୍ଯ୍ୟକ୍ରମ ଇତିହାସରେ ପ୍ରଥମ କରି କୌଣସି ସଦସ୍ୟଙ୍କ ଶେଷକୃତ୍ୟରେ ଏତେ ଅର୍ଥ ବ୍ୟୟ କରାଯାଉଛି। ପ୍ରାୟ ୧୦ ଲକ୍ଷ ଲୋକଙ୍କ ସମାଗମ ପାଇଁ ଲଣ୍ଡନ ପ୍ରସ୍ତୁତି କରିଛି। ଘରର ଛାତଗୁଡ଼ିକ ଉପରେ ସ୍ନାଇପର ରହିବେ। ରାସ୍ତାରେ ସ୍ନିଫର କୁକୁରଙ୍କୁ ଛଡ଼ାଯିବ। ଭିଡ଼ ନିୟନ୍ତ୍ରଣ ପାଇଁ ୨୨ କି.ମି ପର୍ଯ୍ୟନ୍ତ ବ୍ୟାରିକେଡ କରାଯାଇଛି।

### ଶ୍ରଦ୍ଧାଞ୍ଜଳି ଦେଲେ ରାଷ୍ଟ୍ରପତି

ବ୍ରିଟେନ ମହାରାଣୀ ଏଲିଜାବେଥ୍ ୨ୟଙ୍କ ଶେଷକୃତ୍ୟରେ ସାମିଲ ହେବା ପାଇଁ ଲଣ୍ଡନ ଗସ୍ତ କରିଥିବା ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୱେଷ୍ଟମିନଷ୍ଟର ହଲ୍‌ରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ମୁର୍ମୁ ଭାରତ ସରକାରଙ୍କ ପକ୍ଷରୁ ରବିବାର ଶୋକ ପୁସ୍ତକରେ ସ୍ୱାକ୍ଷର କରିଛନ୍ତି। କାର୍ଯ୍ୟକାରୀ ଉଚ୍ଚାୟୁକ୍ତ ସୁଜିତ୍ ଘୋଷ ମୁର୍ମୁଙ୍କ ସାଥୀରେ ଅଛନ୍ତି। ମହାରାଣୀଙ୍କ ଶେଷକୃତ୍ୟରେ ସାମିଲ ହେବାକୁ ଯାଇଥିବା ବିଶ୍ୱନେତାମାନେ ଲଣ୍ଡନର ଲାନ୍‌କାଷ୍ଟର ହାଉସ୍‌ରେ ଏହି ଶୋକ ପୁସ୍ତକରେ ସ୍ୱାକ୍ଷର କରୁଛନ୍ତି।



## ଇଣ୍ଟରପୋଲ୍ ସାଧାରଣ ସଭାର ଲୋଗୋ କୋଣାର୍କ ଚକ

**ନୂଆଦିଲ୍ଲୀ,୧୮।୯(ପି.ଟି.)**

ଇଣ୍ଟରପୋଲ୍‌ର ୯୦ତମ ସାଧାରଣ ସଭାରେ କୋଣାର୍କ ସୂର୍ଯ୍ୟମନ୍ଦିରର ରଥ ଚକ ପ୍ରେରଣାଦାୟୀ ଲୋଗୋ ହେବାକୁ ଯାଉଛି। ଅକ୍ଟୋବର ୧୮ରୁ ଆରମ୍ଭ ହେବାକୁ ଥିବା ଏହି ୩ ଦିନିଆ ଜେନେରାଲ ଆସେମ୍ବ୍ଲିରେ ୧୯୫ଟି ଦେଶର ଆଇନ ପ୍ରବର୍ତ୍ତନ ଅଧିକାରୀମାନେ ଯୋଗଦେବେ। ଏହାର ଆୟୋଜକ ଥିବା କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ନିକଟରେ ଲୋଗୋ ଉନ୍ମୋଚନ କରିଛି। ଉକ୍ତ ଲୋଗୋର କେନ୍ଦ୍ରସ୍ଥଳରେ କୋଣାର୍କ ଚକ ରହିଥିବାବେଳେ ଏହାର ଚତୁଃପାର୍ଶ୍ୱରେ ବୃତ୍ତାକାରରେ ତିନିରଙ୍ଗର ପତ୍ରଗୁଡ଼ିକର ଚିତ୍ର ରହିଛି। କୋଣାର୍କ ସୂର୍ଯ୍ୟମନ୍ଦିର ଏକ ରଥ ଆକୃତିର ହୋଇଥିବାବେଳେ ସେଥିରେ ୨୪ ଚକ ଓ ପ୍ରତି ଚକରେ ୧୬ଟି ଅର ରହିଛି। ଇଣ୍ଟରପୋଲ୍ ପ୍ରତ୍ୟହ ୨୪ ଘଣ୍ଟା କାର୍ଯ୍ୟ କରିବା ଲାଗି ଏହି ଲୋଗୋ ପ୍ରେରିତ କରିବ ବୋଲି କୁହାଯାଇଛି।

୧୯୯୭ରେ ଭାରତ ଇଣ୍ଟରପୋଲ୍ ସାଧାରଣ ସଭାର ଆୟୋଜନ କରିଥିଲା। ଏଥର ଦେଶ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ କରାଯାଉଥିବାରୁ ଇଣ୍ଟରପୋଲ୍ ସମ୍ମିଳନୀ ଆୟୋଜନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉଦ୍ୟମ କରିଥିଲେ। ଜେନେରାଲ ଆସେମ୍ବ୍ଲିରେ ମୁଖ୍ୟତଃ ଦୁର୍ନୀତି, ସାଇବର କ୍ରାଇମ୍, ଇଣ୍ଟରନେଟ୍‌ରେ ପ୍ରସାରିତ ଶିଶୁ ଯୌନ ଶୋଷଣ ଉପକରଣ, ନିରୁଦ୍ଦିଷ୍ଟ ବ୍ୟକ୍ତି, ଆତଙ୍କବାଦ ଉପରେ ଆଲୋଚନା କରାଯିବ। ଏହାବ୍ୟତୀତ ସାରା ବିଶ୍ୱର ବିଭିନ୍ନ ଦେଶରୁ ଦୁର୍ଦ୍ଧର୍ଷ ଅପରାଧୀମାନଙ୍କୁ ଧରିବାରେ ପୋଲିସ-ପୋଲିସ ମଧ୍ୟରେ ସମନ୍ୱୟ ବଢ଼ାଇବା ନିମନ୍ତେ ନୂଆ ପ୍ରଯୁକ୍ତି ଓ ବ୍ୟବସ୍ଥା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ।

# ଜାପାନ ଛୁଇଁଲା ‘ନାନ୍‌ମାଡୋଲ’

**ଟୋକିଓ,୧୮।୯**

■କ୍ୟୁଶୁରେ ଲ୍ୟାଣ୍ଡଫଲ୍ କଲା ଶକ୍ତିଶାଳୀ ଝଡ଼

■ପବନର ବେଗ ଘଣ୍ଟାପ୍ରତି ୨୩୪ କି.ମି. ରହିବ

■୪୦ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି

ଶକ୍ତିଶାଳୀ ଝଡ଼ ନାନ୍‌ମାଡୋଲ ରବିବାର ରାତିରେ ଦକ୍ଷିଣପଶ୍ଚିମ ଜାପାନର କ୍ୟୁଶୁ ଦ୍ୱୀପରେ ଲ୍ୟାଣ୍ଡଫଲ୍ କରିଛି। କାଗୋଶିମା ସହରରେ ବାତ୍ୟାର ଆଖି ଥିବାଯୋଗୁ ସେଠାରେ ବ୍ୟାପକ କ୍ଷୟକ୍ଷତି ହେବା ନେଇ ଜାପାନ ପାଣିପାଗ ଏଜେନ୍ସି (ଜେଏମ୍‌ଏ) ଆକଳନ କରିଛି। ତୀବ୍ରଗତିରେ ପବନ, ଭୀଷଣ ବର୍ଷା ଏବଂ ଏଥିଜନିତ ହେବାକୁ ଥିବା ଭୂସ୍ଖଳନରୁ ଧନଜୀବନ ସୁରକ୍ଷିତ ରଖିବା ପାଇଁ ପଦକ୍ଷେପ ନିଆଯାଇଛି। ପ୍ରଭାବିତ ହେବାକୁ ଥିବା ପ୍ରାୟ ୪୦ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି। ଝଡ଼ବେଳେ ଘଣ୍ଟା ପ୍ରତି ବେଗ ସର୍ବାଧିକ ୨୩୪ କିଲୋମିଟର ରହିପାରେ। ଏହା ପ୍ରଭାବରେ ଦକ୍ଷିଣପଶ୍ଚିମ କ୍ୟୁଶୁ ଅଞ୍ଚଳରେ ଗତ ୨୪ ଘଣ୍ଟା ଭିତରେ ୫୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି।

କ୍ୟୁଶୁରେ ଜେଏମ୍‌ଏ ପକ୍ଷରୁ ସ୍ୱତନ୍ତ୍ର ୱାର୍ନିଂ ଜାରି କରାଯାଇଛି। ଅନ୍ୟୁନ ୨୦ ହଜାର ଲୋକ କ୍ୟୁଶୁର କାଗୋଶିମା ଏବଂ ମିୟାଜାକି ଆଶ୍ରୟସ୍ଥଳରେ ମୁଣ୍ଡଗୁଞ୍ଜିଛନ୍ତି। ଦୀର୍ଘ ଦଶନ୍ଧି ପରେ ଜାପାନର କୌଣସି ଅଞ୍ଚଳରେ ପ୍ରଥମ ଥର ପାଇଁ ସ୍ପେଶାଲ ୱାର୍ନିଂ ଦିଆଯାଇଛି। ମଙ୍ଗଳବାର ସୁଦ୍ଧା ଝଡ଼ ଟୋକିଓରେ ପହଞ୍ଚିବ ବୋଲି ଜେଏମ୍‌ଏ ପୂର୍ବାନୁମାନ କରିଛି। ସୋମବାର ସୁଦ୍ଧା ୫୦ ସେ.ମି.ରୁ ଅଧିକ ବର୍ଷା ହୋଇପାରେ। ଏଥିଯୋଗୁ ବିଭିନ୍ନ ସ୍ଥାନରେ ବନ୍ୟା ଓ ଭୂସ୍ଖଳନ ଆଶଙ୍କା ରହିଛି। ଲୋକେ ବିଳମ୍ବ ନ କରି ତୁରନ୍ତ ବିପଦପୂର୍ଣ୍ଣ ସ୍ଥାନ ଛାଡ଼ିବାକୁ ସରକାରଙ୍କ ପକ୍ଷରୁ କୁହାଯାଇଛି। ଘରର ଦ୍ୱିତୀୟ କିମ୍ବା ଏହାର ଊର୍ଦ୍ଧ୍ୱ ମହଲାରେ ଆଶ୍ରୟ ନେବାକୁ ପରାମର୍ଶ ଦିଆଯାଇଛି। କ୍ୟୁଶୁ ସହରରେ ବାତ୍ୟାଜନିତ କ୍ଷୟକ୍ଷତି ଆରମ୍ଭ ହୋଇଯାଇଛି। ବିଦ୍ୟୁତ ଭିତ୍ତିଭୂମି ନଷ୍ଟ ହେବା ସହ ରବିବାର ରାତି ସୁଦ୍ଧା ପ୍ରାୟ ୨,୧୬,୪୫୦ ଘରେ ବିଜୁଳି ସଂଯୋଗ ବିଚ୍ଛିନ୍ନ ହୋଇଛି। ଶତାଧିକ ଘରୋଇ ବିମାନ ଉଡ଼ାଣ ବାତିଲ କରାଯାଇଛି। କ୍ୟୁଶୁ ଦ୍ୱୀପରେ ମଧ୍ୟ ରେଳ ଚଳାଚଳ ବନ୍ଦ କରାଯାଇଛି।

# ଭୂକମ୍ପରେ ଥରିଲା ତାଇୱାନ

**ତାଇପେଇ,୧୮।୯**

**ରାସ୍ତାରେ ଫସିଛନ୍ତି ୬ ଶହ**

ଦ୍ୱୀପଦେଶ ତାଇୱାନର ଦକ୍ଷିଣପୂର୍ବ ଭାଗରେ ରବିବାର ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ୬.୮ ରହିଥିବା ତାଇୱାନ ପାଣିପାଗ ବ୍ୟୁରୋ ପକ୍ଷରୁ କୁହାଯାଇଛି। ଏଥିଯୋଗୁ ୬ଟି ଟ୍ରେନ୍ ଲାଇନଚ୍ୟୁତ ହେବା ସହ କେତେକ କୋଠା କ୍ଷତିଗ୍ରସ୍ତ ହୋଇଛି। ପର୍ବତାଞ୍ଚଳ ଦେଇ ଯାଇଥିବା ରାସ୍ତାରେ ୬ଶହରୁ ଊର୍ଦ୍ଧ୍ୱ ଲୋକ ଫସିଛନ୍ତି।

ଶନିବାର ସନ୍ଧ୍ୟାରେ ଏଠାରେ ୬.୪ ତୀବ୍ରତାର ଭୂକମ୍ପ ହୋଇଥିବାବେଳେ ଟାଇଟଙ୍ଗ୍ ପ୍ରଦେଶ ଏହାର କେନ୍ଦ୍ରସ୍ଥଳ ଥିଲା। ସମାନ ସ୍ଥାନରେ ରବିବାର ଭୂମିକମ୍ପ ହୋଇଥିବା ପାଣିପାଗ ବ୍ୟୁରୋ ପକ୍ଷରୁ କୁହାଯାଇଛି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି। ଏକ ଦୋକାନ ଘର ଭୁସୁଡ଼ି ପଡ଼ିବାରୁ ତାହା ଭିତରେ ୪ ଜଣ ଫସି ରହିଥିଲେ। ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ପୂର୍ବ ତାଇୱାନର ଡୋଙ୍ଗଲି ଷ୍ଟେଶନରେ ୬ଟି ଟ୍ରେନ୍ ଲାଇନଚ୍ୟୁତ ହୋଇଥିବା ବେଳେ ଏଥିରେ କାହାରି କୌଣସି କ୍ଷତି ହୋଇ ନ ଥିବା ରେଳ ପ୍ରଶାସନ କହିଛି। ଚିକେ ଏବଂ ଲିଉଶିଶି ପାର୍ବତ୍ୟାଞ୍ଚଳରେ ରାସ୍ତା ବ୍ଲକ୍ ହୋଇଯିବା ଯୋଗୁ ୬ ଶହରୁ ଊର୍ଦ୍ଧ୍ୱ ସେଠାରେ ଫସି ରହିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ସଫା କାର୍ଯ୍ୟ ଚାଲିଛି। ରବିବାର ଭୂକମ୍ପ ପରେ ଆମେରିକାର ପ୍ରଶାନ୍ତ ମହାସାଗରୀୟ ସୁନାମି ସତର୍କତା କେନ୍ଦ୍ର ପ୍ରଥମେ ସୁନାମି ଆଲର୍ଟ ଜାରି କରିଥିଲା, ଯାହାକୁ ପରେ ହଟାଯାଇଥିଲା।



ଭୂମିକମ୍ପ ଯୋଗୁ ଡୋଙ୍ଗଲି ଷ୍ଟେଶନରେ ଏକ ଟ୍ରେନ୍ ଲାଇନଚ୍ୟୁତ ହୋଇଯାଇଛି।

୨୦୧୬ରେ ତାଇୱାନରେ ଭୂକମ୍ପ ଯୋଗୁ ଶତାଧିକ ଲୋକଙ୍କ ଜୀବନ ଯାଇଥିଲା। ୧୯୯୯ରେ ଏହି ସ୍ୱୟଂଶାସିତ ଦ୍ୱୀପରାଷ୍ଟ୍ର ଶକ୍ତିଶାଳୀ ଭୂକମ୍ପର ସାମ୍ନା କରିଥିଲା। ୭.୩ ତୀବ୍ରତା ଭୂମିକମ୍ପ ଯୋଗୁ ୨ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିଲା।

## ସଂକ୍ଷେପରେ

### ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

ବାଲେଶ୍ୱର ଅଫିସ,୧୮।୯- ବାଲେଶ୍ୱର ଜିଲା ଚାନ୍ଦିପୁର ରାସ୍ତାର ପଟାପୋଲ ଛକ ନିକଟରେ ରବିବାର ଅପରାହ୍ନ ୨ଟା ସମୟରେ ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ମୃତ ଯୁବକ ଜଣକ ହେଲେ ହିଡିଗାଁ ଅଞ୍ଚଳର ମହେନ୍ଦ୍ର ଦୁଆରି (୩୫)।

ସୂଚନା ଅନୁଯାୟୀ, ମହେନ୍ଦ୍ର ବାଲେଶ୍ୱରରୁ ଚାନ୍ଦିପୁର ହିଡିଗାଁ ନିଜ ଘରକୁ ଫେରୁଥିବା ବେଳେ ଚାନ୍ଦିପୁରରୁ ନୀଳକଣ୍ଠ ବାରିକ (୩୦) ତାଙ୍କ ବାପା କାର୍ତ୍ତିକ ବାରିକ (୫୦)ଙ୍କୁ ବାଇକ୍‌ରେ ବସାଇ ମୁଳାନଗର ଅଞ୍ଚଳକୁ ଫେରୁଥିଲେ। ପଟାପୋଲ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଗାଡ଼ିରୁ ସମସ୍ତେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ମହେନ୍ଦ୍ରଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ ଚାନ୍ଦିପୁର ଥାନା ପୋଲିସ ଓ ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ପୋଲିସ ବାଇକ୍ ଜବତ କରିବା ସହିତ ଏନେଇ ଥାନାରେ ଏକ ମାମଲା (ନଂ. ୮୭/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ରୂପ୍‌ସା,୧୮।୯(ଡି.ଏନ.ଏ.)- ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ପଣ୍ଡରୁଙ୍ଗି ଗ୍ରାମର ଜଣେ ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ପ୍ରଦୀପ କୁମାର ସେନାପତି (୪୮)। ଶନିବାର ରାତିରେ ସେ ଖାଇ ସାରି ଘରେ ଶୋଇଥିଲେ। ହଠାତ୍ ତାଙ୍କ ଛାତିରେ ଭୀଷଣ ଯନ୍ତ୍ରଣା ହେବାରୁ ସେ ଅସୁସ୍ଥ ହୋଇପଡ଼ିଥିଲେ। ପରିଶ୍ରା କରିବାକୁ ଯାଇ ସେ ଚିତ୍କାର କରି ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରିବା ବେଳକୁ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ମୃତ ପ୍ରଦୀପ ଜଣେ ପରୋପକାରୀ, ମିଷ୍ଟଭାଷୀ ଓ ଅତ୍ୟନ୍ତ ନମ୍ର ସ୍ୱଭାବର ବ୍ୟକ୍ତି ଭାବେ ଜଣାଶୁଣା ଥିଲେ।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ସୋର,୧୮।୯(ଡି.ଏନ୍.ଏ): ବାଲେଶ୍ୱର ଜିଲା ସୋର ଥାନା ଅଧୀନ ମଧୁସୂଦନପୁର ପଞ୍ଚାୟତ ଅଧୀନ ରଘୁନାଥପୁର ଗଞ୍ଜ ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଛି। ମୃତକ ହେଲେ ଗୟାଧର ବେହେରାଙ୍କ ପୁଅ ନିରଞ୍ଜନ। ଶନିବାର ସଂଜ୍ଞାହୀନ ଅବସ୍ଥାରେ ଆଗିରିଆ ଛକରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ ଯୋଗେ ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତାଙ୍କ କାନମୁଣ୍ଡରୁ ରକ୍ତ ବାହାରୁଥିବା ବେଳେ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ରବିବାର ଭୋର ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା ସେନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

### ବାମନଘାଟି ପ୍ରେସ୍ କ୍ଲବ୍ ଗଠିତ

ବିଶୋଇ/ ରାଇରଙ୍ଗପୁର,୧୮।୯(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ବାମନଘାଟୀ ଉପଖଣ୍ଡର ବିଶୋଇ, ବିଜାତଳା, କୁସୁମି, ରାଇରଙ୍ଗପୁର, ବହଲଦା, ଜାମଦା, ତିରିଂ ଏବଂ ରାଇରଙ୍ଗପୁର ମ୍ୟୁନିସିପାଲିଟିର ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ରାଇରଙ୍ଗପୁରର ପୂର୍ଣ୍ଣଚନ୍ଦ୍ର ଭବନ ପରିସରରେ 'ବାମନଘାଟୀ ପ୍ରେସ୍ କ୍ଲବ୍' ଗଠନ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ନାଗରିକ ସଂଘର ସଭାପତି ତଥା ଖବରଦାତା ରସାନନ୍ଦ ଲେଙ୍କା ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସମାଜସେବୀ ପାର୍ଥସାରଥୀ କବି ଯୋଗ ଦେଇଥିଲେ। ସଭାରେ ବରିଷ୍ଠ ଖବରଦାତା ଅକ୍ଷୟ ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ଖବରଦାତା ମେଘନାଦ ହେମ୍ବ୍ରମ ମଞ୍ଚ ପରିଚାଳନା କରିଥିଲେ। ସର୍ବସମ୍ମତିକ୍ରମେ ସଭାପତି ଭାବେ ମନୋରଞ୍ଜନ ତିରିଆଙ୍କୁ ମନୋନୀତ କରାଯାଇଥିଲା। ପ୍ରଭାସ ଦାସ ସମ୍ପାଦକ, ସୁବାସ ପାତ୍ର ଉପସଭାପତି, ବିନୟ ଗିରି ସହ ସମ୍ପାଦକ, ସ୍ମୃତିରଞ୍ଜନ ପାଲ କୋଷାଧ୍ୟକ୍ଷ ଭାବରେ ମନୋନୀତ ହୋଇଥିଲେ। ସେହିପରି ସାଂଗଠନିକ ସମ୍ପାଦକ ଭାବେ ଜ୍ୟୋତିରଞ୍ଜନ ବାରିକ, କାର୍ଯ୍ୟକାରିଣୀ ସଦସ୍ୟ ରାଜେନ୍ଦ୍ର ମହାନ୍ତ, ଶଙ୍କର ମହାନ୍ତ, ତ୍ରିଲୋଚନ ମହାନ୍ତ, ଦୟାନିଧି ମହାକୁଡ଼, ଧୀର୍ ସାହୁ, ସୁଜିତ୍ ଶତପଥୀ, ଅମିତ୍ ଦାସ ଏବଂ ମେଘନାଦ ହେମ୍ବ୍ରମ ବିଭିନ୍ନ ଅଞ୍ଚଳ ପାଇଁ ମନୋନୀତ ହୋଇଥିଲେ। ଖବରଦାତା ସେକ୍ ନୱାର ହୁସେନ୍ ଧନ୍ୟବାଦ ଅର୍ପଣ କରିଥିଲେ। ଦୀପକ ବେହେରା, ରୂପକ ମହାନ୍ତି, ଜିତେନ୍ଦ୍ର ଅଗ୍ରୱାଲ, ଚନ୍ଦ୍ରମୋହନ ଟୁଡୁ, ବିବେକାନନ୍ଦ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବୋରୱେଲ୍ ଖୋଳାକୁ ନେଇ ଉତ୍ତେଜନା

ନୀଳଗିରି,୧୮।୯(ସ୍ୱ.ପ୍ର.)


ଉତ୍ତ୍ୟକ୍ତ ଲୋକେ ବୋରୱେଲ୍ ଖୋଳାକୁ ବିରୋଧ କରୁଛନ୍ତି।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ୍ ଅଧୀନ ମହିସାପଟ୍ଟା ପଞ୍ଚାୟତରେ ବୋରୱେଲ୍ ଖୋଳା ସ୍ଥାନକୁ ନେଇ ବିବାଦ ଦେଖାଦେଇଛି। ପଞ୍ଚାୟତ ଅନ୍ତର୍ଗତ ଜାମ୍ବବଣିର ତଳସାହିରେ ବୋରୱେଲ୍ ଖୋଳିବା ପାଇଁ ମେଶିନ ପହଞ୍ଚି ଥିବା ବେଳେ ଉପର ସାହି ଲୋକ ଏହାକୁ ବିରୋଧ କରିଥିଲେ। ଫଳରେ ଗ୍ରାମରେ ଉତ୍ତେଜନା ପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଥିଲା।

ସୂଚନାଯୋଗ୍ୟ ଯେ, ନୀଳଗିରି ବ୍ଲକ୍ ମହିସାପଟ୍ଟା ପଞ୍ଚାୟତ ଜାମବଣି ଗାଁରେ ଦୀର୍ଘଦିନ ଧରି ପାନୀୟ ଜଳ ସମସ୍ୟା ଲାଗିରହିଛି। ଏ ନେଇ ବିଗତ ଦିନରେ ଗ୍ରାମବାସୀଙ୍କ ପକ୍ଷରୁ ରାସ୍ତାରୋକୋ ମଧ୍ୟ କରାଯାଇଥିଲା। ସମସ୍ୟାର ସମାଧାନ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ନୂତନ ବୋରୱେଲ୍ ଖୋଳିବା ପାଇଁ ଜାମ୍ବବଣିର ତଳ ସାହିରେ ରବିବାର ମେଶିନ ପହଞ୍ଚିଥିଲା। ଖନନ କାର୍ଯ୍ୟ କରୁଥିବା ବେଳେ ଉକ୍ତ ଗାଁର ଉପରସାହିର ଲୋକେ ଏହାକୁ ବିରୋଧ କରି ମେଶିନକୁ ଅଟକ ରଖିଥିଲେ। ଫଳରେ ଗ୍ରାମର ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିବା ବେଳେ ଖବରପାଇ ନୀଳଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଶେଷରେ ସ୍ଥାନୀୟ ସରପଞ୍ଚଙ୍କ ହସ୍ତକ୍ଷେପ ପରେ ଖନନ କାର୍ଯ୍ୟ ବନ୍ଦ କରି ମେଶିନକୁ ଫେରାଇ ଦିଆଯାଇଥିଲା। ପରେ ଉଭୟ ସାହିର ଲୋକଙ୍କୁ ନେଇ ଏକ ବୈଠକ ଡକାଯାଇ ଶାନ୍ତିପୂର୍ଣ୍ଣ ନିଷ୍ପତ୍ତି ପରେ ଖନନ କାର୍ଯ୍ୟ ଆରମ୍ଭ ହେବ ବୋଲି ସରପଞ୍ଚ ରବୀନ୍ଦ୍ର ସିଂ ସୂଚନା ଦେଇଛନ୍ତି।

## ବିଭିନ୍ନ ସ୍ଥାନରେ ଅହିଂସା ରଥକୁ ସ୍ୱାଗତ


ଚାନ୍ଦବାଲିଠାରେ ଅହିଂସା ରଥକୁ ସ୍ୱାଗତ କରାଯାଉଛି।

ଭଦ୍ରକ ଅଫିସ/ଚାନ୍ଦବାଲି, ୧୮।୯(ଡି.ଏନ.ଏ.)

ଭଦ୍ରକ ଜିଲାରେ ପରିକ୍ରମା କରୁଥିବା ଅହିଂସା ରଥକୁ ରବିବାର ଚାନ୍ଦବାଲି ଓ ତିହିଡ଼ି ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଛି। ଚାନ୍ଦବାଲିଠାରେ ରଥ ପହଞ୍ଚିବା ପରେ ଭଦ୍ରକ ଜିଲା ଯୋଜନା କମିଟି ସଭାପତି ତଥା ସ୍ଥାନୀୟ ବିଧାୟକ ଡ. ବ୍ୟୋମକେଶ ରାୟ, ବ୍ଲକ ଅଧ୍ୟକ୍ଷ ପ୍ରତିନିଧି ଚିତ୍ତରଞ୍ଜନ ସୂତାର, ଏନ୍‌ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ବ୍ଲକ ଉପାଧ୍ୟକ୍ଷ ସରୋଜ ବଳ, ବିଡିଓ ଜ୍ୟୋତି ବିକାଶ ଦାଶ, ଏନ୍‌ଏସି ନିର୍ବାହୀ ଅଧିକାରୀ ଭାଗୀରଥି ପ୍ରଧାନ ପ୍ରମୁଖ ସ୍ୱାଗତ ଜଣାଇଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ରାୟ ଅହିଂସା ରଥ ପରିକ୍ରମାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବ୍ଲକର ଶିବଦୁର୍ଗା ସରକାରୀ ଉଚ୍ଚ ବିଦ୍ୟାଳୟ, ପାଞ୍ଚପଡ଼ା, ମହୁଲିଆ ପଞ୍ଚାୟତ, ଚନ୍ଦନପୁର ଓ ଭାଟପଡ଼ାଠାରେ ରଥକୁ ସ୍ୱାଗତ କରାଯାଇଥିଲା। ସେହିପରି ତିହିଡ଼ିର ଗଦିଠାରେ ରଥ ପହଞ୍ଚିବା ପରେ ବିଡିଓ ବସନ୍ତ କୁମାର ସାହାଣୀ, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ ପ୍ରମୁଖ ସ୍ୱାଗତ କରିଥିଲେ। ଏହି ଅବସରରେ ପୀରହାଟ ବଜାରରେ ୯ ଶହ ମିଟର ଲମ୍ବ ବିଶିଷ୍ଟ ତ୍ରିରଙ୍ଗା ଧରି ସ୍କୁଲ ପିଲା ଓ ଗ୍ରାମବାସୀଙ୍କ ଦ୍ୱାରା ଶୋଭାଯାତ୍ରା କରାଯାଇଥିଲା। ତିହିଡ଼ି ରାସ୍ତାରେ ବିଭିନ୍ନ ସ୍ଥାନରେ ଘୋଡ଼ାନାଚ, ଢୋଲ, ଘଣ୍ଟ ବାଦ୍ୟ ସହ ସ୍ୱାଗତ କରାଯାଇଥିଲା। ସେହିପରି ଅନ୍ୟ ଏକ ରଥ ଗାନ୍ଧୀ ବାଳାଶ୍ରମରୁ ବାହାରି ଭଦ୍ରକ ଓ ଭଣ୍ଡାରିପୋଖରୀ ବ୍ଲକ ପରିକ୍ରମା କରିଥିଲା।

# ପରିବାରକୁ ଭେଟିଲା ଭାଜପା ମହିଳା ମୋର୍ଚ୍ଚା



ଡାକ୍ତରଖାନା ପରିସରରେ ଭାଜପା ମହିଳା ମୋର୍ଚ୍ଚା ଟିମ୍।

କେନ୍ଦୁଝର,୧୮।୯(ସ୍ୱ.ପ୍ର.)

**ଶିଶୁ ମୃତ୍ୟୁ ଘଟଣା**

କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚଳିତ ମାସ ତଥା ୧୮ ଦିନରେ ୧୩ଜଣ ଶିଶୁଙ୍କ ମୃତ୍ୟୁ ଘଟଣାକୁ ନେଇ ରବିବାର କେନ୍ଦୁଝର ଜିଲା ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ମମତା ସିଂଙ୍କ ନେତୃତ୍ୱରେ ଏକ ଟିମ୍ ଚିକିତ୍ସାଳୟ ସମ୍ମୁଖରେ ବସିଥିବା ମୃତ ଶିଶୁଙ୍କ ପରିବାରକୁ ଭେଟିଛି। ଶିଶୁଙ୍କ ପରିବାର ଲୋକେ ଅକ୍ସିଜେନ ଲଗାଇବାକୁ ମାତୃ ଓ ଶିଶୁ ବିଭାଗର ଅଧିକାରୀଙ୍କୁ ଅନୁରୋଧ କରିଥିଲେ ମଧ୍ୟ ଲଗାଯାଇ ନ ଥିବା କାରଣରୁ ଶିଶୁଙ୍କ ମୃତ୍ୟୁ ହେଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ଘଟଣା ପରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଦୋଷ, ଦୁର୍ବଳତା ଘଟଣା ସାମ୍ନାକୁ ଆସିଥିଲେ ମଧ୍ୟ, ଏକ ସମ୍ବେଦନଶୀଳ ଘଟଣାରେ ଏଯାଏ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେବା ଜିଲା ପ୍ରଶାସନର ପାରିବା ପଣିଆ ଉପରେ ପ୍ରଶ୍ନ ଉଠୁଛି ବୋଲି ଟିମ୍ କହିଛି। ଦୋଷୀ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ମହିଳା ମୋର୍ଚ୍ଚା ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦିଆଯାଇଛି। ଟିମ୍‌ରେ ଜିଲା ସଭାନେତ୍ରୀ ମମତା ସିଂଙ୍କ ସମେତ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ, ରାଜ୍ୟ ପଛୁଆବର୍ଗ ମୋର୍ଚ୍ଚା ଉପସଭାପତି ସାବିତ୍ରୀ ବିଶ୍ୱାଳ, ଭାଜପା ନେତ୍ରୀ ପ୍ରିୟଙ୍କା ସିଂହ, ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ବବିତା ରାମ, ମଞ୍ଜରୀ ମୁର୍ମୁ, ରଶ୍ମିତା ଦାଶ ପ୍ରମୁଖ ସାମିଲ ଥିଲେ।

## ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ସାରସକଣା,୧୮।୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ ଝାରପୋଖରିଆ ପଞ୍ଚାୟତ ବାଲିଆସାହିସ୍ଥିତ ଫୁଟ୍‌ବଲ ପଡ଼ିଆରେ ଇଣ୍ଡିପେଣ୍ଡେଣ୍ଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨୦ତମ ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଝାରପୋଖରିଆ ଥାନା ସବ୍ ଇନ୍‌ସପେକ୍ଟର ଅଶୋକ କୁମାର ପୋହି ଏହାକୁ ଉଦ୍‌ଘାଟନ କରିଛନ୍ତି। ସମ୍ମାନନୀୟ ଅତିଥି ଭାବେ ଝାରପୋଖରିଆ ସରପଞ୍ଚ ମାଳତୀ ସିଂ ମ୍ୟାଚ୍‌ର ଶୁଭାରମ୍ଭ କରିଥିଲେ। କାଞ୍ଜିଆ ଏବଂ କୁଳଡିହା ଟିମ୍ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ହୋଇଥିଲା।

ମୋଟ ୨୪ ଟିମ୍ ଏଥିରେ ଭାଗ ନେଇଛନ୍ତି। ମଙ୍ଗଳବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ବିଜେତା ପ୍ରଥମ ପୁରସ୍କାର ରାଶି ୧୦ ହଜାର, ଦ୍ୱିତୀୟ ୮ ହଜାର, ତୃତୀୟ ୫ ହଜାର ଓ ଚତୁର୍ଥ ୩ ହଜାର ରଖାଯାଇଛି। ସଭାପତି ରାଜେଶ ନାଏକ, ଉପସଭାପତି ରୋହିତ ସିଂ, ସମ୍ପାଦକ ମିଟୁ ନାଏକ, ସହ ସମ୍ପାଦକ ଗାନ୍ଧୀ ନାଏକ, ହାବୁ ଦାସଙ୍କ ସମେତ କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ବେରୋଜଗାର ଦିବସ ପାଳିଲା ଯୁବ କଂଗ୍ରେସ

ଭଦ୍ରକ ଅଫିସ,୧୮।୯

ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ସମୟରେ ବର୍ଷକୁ ୨ କୋଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହି ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି। ଗତ ୮ବର୍ଷର ଶାସନ କାଳରେ ବେରୋଜଗାର ବଢ଼ି ଚାଲିଛି ବୋଲି କହି ଯୁବ କଂଗ୍ରେସ କର୍ମୀମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏହାର ପ୍ରତିବାଦରେ ଅଖିଳ ଭାରତ ଯୁବ କଂଗ୍ରେସ ଆହ୍ୱାନରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନ୍ମ ଦିବସକୁ ବେରୋଜଗାର ଓ କଳା ଦିବସ ଭାବେ ପାଳନ କରାଯାଇଛି। ଭଦ୍ରକ ବାଇପାସ୍‌ଠାରେ ଜିଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ସୁବ୍ରତ ବେହେରାଙ୍କ ନେତୃତ୍ୱରେ କର୍ମୀମାନେ ଜୋତା ପଲିସ୍ କରିବା ସହ ପକୁଡ଼ି ଛାଣି ବିକିଥିଲେ। ଏଥିସହ ଭିକ୍ଷାବୃତ୍ତି କରିଥିଲେ। ପ୍ରାରମ୍ଭରେ କର୍ମୀମାନେ ଏକ ପଦଯାତ୍ରାରେ ଦଳୀୟ କାର୍ଯ୍ୟାଳୟଠାରୁ ବାହାରି ବାଇପାସ୍ ଠାରେ ପହଞ୍ଚିଥିଲେ। ନଫିସ ଖାନ, ଟୋନୀ ଅଲ୍ଲୀ, ରଜତ ମହାନ୍ତି, ସନାତନ ସେଠୀ, କୃପାସିନ୍ଧୁ ଦାସ, ପ୍ରେମାନନ୍ଦ ସିଂ, ସେକ୍ ସାହିଲ କାଦ୍ରୀ, ସେକ୍ କଲିମୁଦ୍ଦିନ, ଦୀପକ ବେହେରା ପମୁଖ ଏଥିରେ ସାମିଲ ଥିଲେ।



କଂଗ୍ରେସ କର୍ମୀମାନେ ପକୁଡ଼ି ଛାଣୁଛନ୍ତି।

# ହାତୀ ଆକ୍ରମଣରେ ୨ ମହିଳା ଗୁରୁତର

କେନ୍ଦୁଝର/ତେଲକୋଇ/ ଠାକୁରମୁଣ୍ଡା/,୧୮।୯ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ରବିବାର ଦନ୍ତା ହାତୀ ଆକ୍ରମଣରେ ୨ଜଣ ମହିଳା ଗୁରୁତର ହୋଇଛନ୍ତି। ସେମାନେ ହେଲେ କେନ୍ଦୁଝରର ତେଲକୋଇ ରେଞ୍ଜ ତେଲକୋଇ ବିଟ୍ ଅଧୀନ କନ୍ତଲେଇ ଗ୍ରାମର ସୋନୁ ମୁଖୀ (୬୫) ଏବଂ ମୟୂରଭଞ୍ଜ ଜିଲା ଶୁକ୍ରୁଲି ବ୍ଲକ୍ ଅଧୀନ ମାଜୁରା ସାହିର କାଜଲ ସିଂ ହାଁସଦା। ସୂଚନା ଅନୁଯାୟୀ, ସୋନୁ ରବିବାର ସକାଳେ ଶୌଚ ହେବାକୁ ପାଖ ଜଙ୍ଗଲକୁ ଯାଇଥିଲେ। ସେଠାରେ ଏକ ଗୋଠଛଡ଼ା ଦନ୍ତା ତାଙ୍କୁ ଶୁଣ୍ଢରେ ଧରି କଚାଡ଼ି ଦେବାରୁ ସେ ଛିଟିକି ପଡ଼ି ଗୁରୁତର ହୋଇଥିବା ଗ୍ରାମବାସୀ କହିଛନ୍ତି। ଲୋକେ ତାଙ୍କୁ ଉଦ୍ଧାର କରି ତେଲକୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷେ ହାତୀ ଦେଖି ଧାଇଁ ପଳାଉଥିବା ବେଳେ ବୃଦ୍ଧା ଜଣଙ୍କ ଆହତ ହୋଇଥିବା ଡିଏଫ୍‌ଓ ଏଚ୍.ଡି. ଧନରାଜ କହିଛନ୍ତି। ସେହିପରି କରଞ୍ଜିଆ ରେଞ୍ଜ ଅଞ୍ଚଳରେ ରବିବାର ପ୍ରାତଃ ଭ୍ରମଣ କରୁଥିବା କାଜଲଙ୍କୁ ରାସ୍ତାପାର୍ଶ୍ୱ କାଜୁ ଜଙ୍ଗଲ ଭିତରୁ ଏକ ଦନ୍ତା ଆସି ଆକ୍ରମଣ କରିଥିଲା। ତାଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କେନ୍ଦୁଝର ସଦର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଥାଉକି, କରଞ୍ଜିଆ ବନଖଣ୍ଡରେ କିଛିଦିନ ହେବ ୨୮ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି।

# ଭାଜପାର ଜିଲା ସାଙ୍ଗଠନିକ ବୈଠକ

ବାଲେଶ୍ୱର ଅଫିସ,୧୮।୯

ବାଲେଶ୍ୱର ଜିଲା ଭାଜପା କାର୍ଯ୍ୟାଳୟରେ ରବିବାର ଅପରାହ୍ନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରୁ ଗାନ୍ଧି ଜୟନ୍ତୀ ପର୍ଯ୍ୟନ୍ତ ଜିଲାରେ ଚାଲିଥିବା ସେବା ପକ୍ଷରେ ହେବାକୁ ଥିବା ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିର, ସ୍ୱଚ୍ଛତା ଅଭିଯାନ, ବୁଦ୍ଧିଜୀବୀ ସମ୍ମିଳନୀ, ପ୍ରଦର୍ଶନୀ, ଇତ୍ୟାଦି ବିଷୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଥିଲା।

ଆୟୋଜିତ ବୈଠକରେ ଜିଲା ସଭାପତି ଉମାକାନ୍ତ ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମର ସୂଚୀକୁ ତଦାରଖ କରିଥିଲେ। ଏଥିସହିତ ଦଳୀୟ ସମୀକ୍ଷା, ଆଗାମୀ ଯୋଜନା ଓ ସାଙ୍ଗଠନିକ ସଂରଚନା ଉପରେ ଆଲୋଚନା କରିଥିଲେ। ସର୍ବଭାରତୀୟ ସଭାପତି ଜଗତ ପ୍ରସାଦ ନଡ୍ଡାଙ୍କ ଆଗାମୀ ଓଡ଼ିଶା ଗସ୍ତ ସମୟରେ ଜିଲାର ସାଙ୍ଗଠନିକ ପ୍ରଦର୍ଶନ ଓ ଯୋଜନା ଉପରେ ରୂପରେଖ ପ୍ରସ୍ତୁତ କରାଯାଇଛି। କାର୍ଯ୍ୟକ୍ରମରେ ନିଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ମହାନ୍ତି, ରେମୁଣାର ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ଈଶ୍ୱର ବେହେରା ଓ ସୁନୀଲ କର, ଜିଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ବିଧାୟକ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ସତ୍ୟଜିତ ମିଶ୍ର, କରୁଣାକର ପଣ୍ଡା, ପ୍ରଦୀପ ପଣ୍ଡା, ଚିତ୍ତରଞ୍ଜନ ପଣ୍ଡା, ରାଜେଶ ମହାପାତ୍ର, କମଳା ବିନ୍ଧାଣି, ରେଣୁ ବିଶ୍ୱାଳ, ସମସ୍ତ ଜିଲା ପଦାଧିକାରୀ, ମଣ୍ଡଳ ସଭାପତି, ପ୍ରଭାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ବୈଠକରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା।

# ଉନ୍ମୋଚନ ହେଲା କେନ୍ଦ୍ରମନ୍ତ୍ରୀଙ୍କ ବାର୍ଷିକ ରିପୋର୍ଟ କାର୍ଡ


ବାର୍ଷିକ ରିପୋର୍ଟ କାର୍ଡ ଉନ୍ମୋଚନ ଅବସରରେ କେନ୍ଦ୍ରମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁ ଓ ଅନ୍ୟମାନେ।

ବାରିପଦା ଅଫିସ,୧୮।୯

ମୟୂରଭଞ୍ଜ ସଂସଦୀୟ କ୍ଷେତ୍ର ପରାମର୍ଶଦାତା କମିଟି ଆନୁକୂଲ୍ୟରେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁଙ୍କ ବାର୍ଷିକ ରିପୋର୍ଟ କାର୍ଡ ରବିବାର ଉନ୍ମୋଚିତ ହୋଇଛି। ମୟୂରଭଞ୍ଜ ଜିଲା (ପଶ୍ଚିମ) ସାଙ୍ଗଠନିକ ସଭାପତି ତଥା ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀଙ୍କ ପୌରୋହିତ୍ୟରେ ଆହୁତ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ୨୦୨୧-୨୨ ଆର୍ଥିକ ବର୍ଷରେ ସଂସଦୀୟ କ୍ଷେତ୍ରରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଛନ୍ତି।

ରାସଗୋବିନ୍ଦପୁରଠାରେ ଥିବା ବିମାନ ଅବତରଣ କେନ୍ଦ୍ରର ପୁନରୁଦ୍ଧାର ନିମନ୍ତେ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରି ଉଡ଼ାନ ଯୋଜନାରେ ସାମିଲ କରାଯାଇ ସମସ୍ତ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆବଶ୍ୟକ ନଥିପତ୍ର ଅପ୍‌ଲୋଡ ପରେ ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ। ସେହିପରି ବୁଡ଼ାମରା-ଚକୁଳିଆ ମଧ୍ୟରେ ପ୍ରସ୍ତାବିତ ନୂତନ ରେଳ ଲାଇନ ଖର୍ଚ୍ଚ ଆକଳନ କରାଯାଇଥିବା ବେଳେ ଝାଡ଼ଖଣ୍ଡ ସରକାର ଜମି ଯୋଗାଇଦେଲେ ଏହା ଖୁବଶୀଘ୍ର କାର୍ଯ୍ୟକାରୀ ହେବ। ବାଙ୍ଗିରିପୋଷି-ଗୋରୁମହିଷାଣି ମଧ୍ୟରେ ପ୍ରସ୍ତାବିତ ନୂତନ ରେଳଲାଇନ ନିର୍ମାଣ ବାବଦରେ ପ୍ରକଳ୍ପଟି ରେଳବାଇ ପରିଷଦ ଅଧୀନରେ ରହିଛି। ବାଦାମପାହାଡ଼-କେନ୍ଦୁଝର ନୂତନ ରେଳପଥ ନିମନ୍ତେ ରେଳମନ୍ତ୍ରୀଙ୍କ ସହ ଆଲୋଚନା କରି ବୈଷୟିକ ସର୍ବେକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ୨୦୨୩ରେ ୩ ପ୍ରକଳ୍ପର ଉଦ୍‌ଘାଟନ କରିବା ନେଇ ମନ୍ତ୍ରୀ ଟୁଡୁ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ୧୮ ଓ ୪୯ନଂ. ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ଆବଶ୍ୟକ ହେଉଥିବା ଗଳାପୋଲ, ଓଭରବ୍ରିଜ ଓ ଫୁଟବ୍ରିଜ କାର୍ଯ୍ୟ ପାଇଁ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରି କାର୍ଯ୍ୟକାରୀ କରାଯାଇଛି। ଏଥିପାଇଁ ଅତିରିକ୍ତ ବ୍ୟୟବରାଦ ପୂର୍ବକ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦ୍ୱାରଶୁଣୀ ଘାଟିରେ ବାରମ୍ବାର ଦୁର୍ଘଟଣା ହେଉଥିବା ବେଳେ ରାଜ୍ୟ ପରିବେଶ ଓ ଜଙ୍ଗଲ ସଚିବଙ୍କ ସହ ଆଲୋଚନା କରି ଏହାର ପ୍ରଶସ୍ତୀକରଣ ଓ ହାତୀମାନଙ୍କ ପାଇଁ ଗୁମ୍ଫା ରାସ୍ତାର କାର୍ଯ୍ୟ ଆରମ୍ଭ ଲାଗି ସରକାରୀ ସମ୍ମତି ପ୍ରକାଶ ପାଇଛି। ବିଶୋଇ ଦେଇ ଯାଇଥିବା ପ୍ରସ୍ତାବିତ ଯୋକା-ସାରସକଣା ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଆରମ୍ଭ ନିମନ୍ତେ ଜିଲାପାଳଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜିଲାରେ ୧୯ଟି ଏକଲବ୍ୟ ଆବାସିକ ସ୍କୁଲର ଶିଳାନ୍ୟାସ ଶେଷ ସହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଶିମିଳିପାଳ ଅଭୟାରଣ୍ୟର ଖିଚିଂ, ବରେହିପାଣି, ଦେବକୁଣ୍ଡ ଓ ଶମୀବୃକ୍ଷଠାରେ ରୋପୱେ ବ୍ୟବସ୍ଥା ସହ ପର୍ଯ୍ୟଟନ ସ୍ଥଳୀର ଉନ୍ନତୀକରଣ ନିମନ୍ତେ କେନ୍ଦ୍ରମନ୍ତ୍ରୀ ସବୁଜ ସଙ୍କେତ ଦେଇଛନ୍ତି। ସାନ୍ତାଳୀ ଭାଷାର ଲିପି ଅଲ୍‌ଚିକିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଜନ୍ମପୀଠ ଦାଣ୍ଡବୋଷ ଗ୍ରାମକୁ ଆଦର୍ଶ ଗ୍ରାମ ଭାବେ ଗ୍ରହଣ କରି ବିଶ୍ୱସ୍ତରୀୟ ତୀର୍ଥସ୍ଥଳୀ ଭାବେ ପ୍ରତିଷ୍ଠା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ମୟୂରଭଞ୍ଜ ଛଉ ନୃତ୍ୟର ପ୍ରଚାର ପ୍ରସାର ଏବଂ ଉନ୍ନତୀକରଣ ପାଇଁ ଝାଡ଼ଖଣ୍ଡରେ ଥିବା ଆଞ୍ଚଳିକ କାର୍ଯ୍ୟାଳୟର ଏକ ଶାଖା ବାରିପଦାଠାରେ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଜିଲାର ୨୬ ବ୍ଲକରେ ୨୬ଟି ରୋଗ ଚିହ୍ନଟ କେନ୍ଦ୍ର ଖୋଲିବାକୁ ଅର୍ଥ ମଞ୍ଜୁର କରାଯାଇଛି। ସମସ୍ତ ପୁରାତନ ଜଳାଶୟ ଏବଂ ବନ୍ଧକୁ ପୁନରୁଦ୍ଧାର, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲାରେ ଆଦିବାସୀ ବିଶ୍ୱବିଦ୍ୟାଳୟ ସ୍ଥାପନ ଓ ଜନଜାତି ସ୍ୱାଧୀନତା ସଂଗ୍ରାମୀ ସଂଗ୍ରହାଳୟ ଖୋଲାଯିବାକୁ ସର୍ବଦା ଚେଷ୍ଟା ଜାରି ରଖିଥିବା କେନ୍ଦ୍ରମନ୍ତ୍ରୀ ଟୁଡୁ ପ୍ରକାଶ କରିଛନ୍ତି। ଜିଲା(ପୂର୍ବ) ସଭାପତି କାନ୍ଦରା ସୋରେନ, ଉଦଳା ବିଧାୟକ ଭାସ୍କର ମଢେଇ, ସାରସକଣା ବିଧାୟକ ଡା. ବୁଢାନ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ବାର୍ଷିକ ରିପୋର୍ଟ କାର୍ଡକୁ ଉନ୍ମୋଚନ କରିଥିଲେ।

## ସଂକ୍ଷେପରେ

### ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା

ଭଣ୍ଡାରିପୋଖରୀ, ୧୮।୯ (ସ୍ୱ.ପ୍ର.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ଭଣ୍ଡାରିପୋଖରୀସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟଠାରେ କନିଷ୍ଠ ଯନ୍ତ୍ରୀ ସରୋଜ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେବଶିଳ୍ପୀଙ୍କ ଆରାଧନା କରାଯାଇଥିଲା। ସେହିପରି ମାଳଦା ଓ ଭଣ୍ଡାରିପୋଖରୀ ଅଟୋ ଷ୍ଟାଣ୍ଡ, ବାରିକପୁର ଚାଳକ ସଂଘଠାରେ ବିଶ୍ୱକର୍ମା ପୂଜା ପାଳନ କରାଯାଇଥିଲା। ଭଦ୍ରକ -ଚାନ୍ଦବାଲି ଟ୍ରେକର ମାଲିକ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜାରେ ସାଧାରଣ ସମ୍ପାଦକ ତଥା ଖବରଦାତା ରବି ନାରାୟଣ ଖିଲାର କର୍ତ୍ତା ଭାବେ ସଂକଳ୍ପ କରିଥିଲେ। ପୂଜକ ପଣ୍ଡିତ ବିଜୟ ବହଳି ରୀତିନୀତି ଅନୁଯାୟୀ ପୂଜା କରିଥିଲେ। ସୁରେନ୍ଦ୍ର ମୋହନ ରାୟ, କୋଷାଧକ୍ଷ ମାନସ ମହାନ୍ତି, ସେକ୍ ଅବଦୁଲ ରହିମ, ଫକୀର ଦାସ, ସନାତନ ସାହୁ, ଶରତ ପାଢ଼ୀ, କ୍ଷୀରୋଦ ବିଶ୍ୱାଳ, ବଣ୍ଟି ଦାସ, ମୁନା ବାରିକ, ଇମତାଜ ଖାନ ପ୍ରମୁଖ ସହଯୋଗ କରିଥିଲେ।

### ୮୫ ମହିଳାଙ୍କୁ ମିଳିଲା ଭତ୍ତା

ଖଇରା,୧୮।୯(ଡି.ଏନ.ଏ.)-ଖଇରା ବ୍ଲକରେ ସ୍ୱାମୀଙ୍କୁ ହରାଇ ମ୍ରିୟମାଣ ଅବସ୍ଥାରେ ଥିବା ୮୫ ମହିଳାଙ୍କୁ ଶୁକ୍ରବାର ବିଧବା ଭତ୍ତା ପ୍ରଦାନ କରାଯାଇଛି। ଏହି ଅବସରରେ ବ୍ଲକ ପରିସରରେ ଆୟୋଜିତ ଭତ୍ତା ବଣ୍ଟନ ଉତ୍ସବରେ ବିଡିଓ ପର୍ଶୁରାମ ପଣ୍ଡା ସଭାପତିତ୍ୱ କରିଥିଲେ। ସ୍ଥାନୀୟ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଉପାଧକ୍ଷ ଗଜେନ୍ଦ୍ର ପରିଡ଼ା, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ସଭ୍ୟ ମାନସ ଦାଶ,ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସାଲିମା ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭତ୍ତା ବଣ୍ଟନ କରିଥିଲେ।

### ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ମୋରଡ଼ା,୧୮।୯(ଡି.ଏନ.ଏ)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ାସ୍ଥିତ ରୁରାଲ ଏକାଡେମୀରେ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନବାଗତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନୁଷ୍ଠିତ ସଭାରେ ଏକାଡେମୀର ଅଧାପକ ସ୍ମାରକ ମାଜୀ, ଏସ. କେ. ସୁଦାମ, ଲକ୍ଷ୍ମୀଧର ଦାସ ଓ ଅଧାପିକା ହରିପ୍ରିୟା ଜେନା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନବାଗତ ଛାତ୍ରଛାତ୍ରୀମାନେ ଉତ୍ତମ ପାଠ ପଢ଼ି ପିତାମାତାଙ୍କ ସହିତ ଅଞ୍ଚଳର ସୁନାମ ରଖିବା ଲାଗି ଅଧାପିକା ଓ ଅଧାପକମାନେ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରୀଙ୍କ ଅଭିଭାବକମାନେ ମଧ ଯୋଗ ଦେଇଥିଲେ। ପିତରଞ୍ଜନ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ବାଲେଶ୍ୱର ଅଫିସ,୧୮।୯- ବାଲେଶ୍ୱର ଗୋପାଳଗାଁ ସ୍ଥିତ ସ୍ୱର୍ଗତ ଅନନ୍ତ ଚରଣ ମହାନ୍ତିଙ୍କ ସ୍ତ୍ରୀ ଅନଙ୍ଗ ମଞ୍ଜରୀ ମହାନ୍ତି (୯୬)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ସେବା କାର୍ଯ୍ୟରେ ଅନୁପ୍ରାଣିତ ହୋଇ କନିଷ୍ଠ ପୁତ୍ର ଲକ୍ଷ୍ମୀନାରାୟଣ ମହାନ୍ତି ଜିଲାରେ ବହୁ ସାମାଜିକ ଅନୁଷ୍ଠାନ ସହ ଯୋଡ଼ି ହୋଇ କାର୍ଯ୍ୟ କରିଆସୁଛନ୍ତି।



ତାଙ୍କର ଅକାଳ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ସମୟରେ ବଡ଼ପୁଅ ପ୍ରଦୀପ ମହାନ୍ତି, ବଡ଼ବୋହୁ ସୌଭାଗିନୀ ମହାନ୍ତି, ସାନବୋହୁ ରଶ୍ମିତା ମହାନ୍ତି, ଝିଅ ଜୟଲକ୍ଷ୍ମୀ ମହାନ୍ତି, ରାଜଲକ୍ଷ୍ମୀ ମହାନ୍ତି, ବନଲକ୍ଷ୍ମୀ ମହାନ୍ତିଙ୍କ ସହ ନାତିନାତୁଣୀ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ବଡ଼ନୁଆପୁରଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଶେଷକୃତ୍ୟ ସମୟରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ଶୁଭେନ୍ଦୁ ମଙ୍ଗରାଜ, ଭାଗବତ ସାହୁ, ସତ୍ୟଶିବ ସୁନ୍ଦର ଦାସ, କାର୍ତ୍ତିକ ଚନ୍ଦ୍ର ସାହୁ, ମନୋଜ ରାଉତ, ବିପ୍ଳବ ମହାନ୍ତି, ଦିଲ୍ଲୀପ କୁମାର ନାୟକ, ଅମରେନ୍ଦ୍ର ମହାନ୍ତି, ଯୁବଶିଳ୍ପୋଦ୍ୟୋଗୀ ସଂଗ୍ରାମ ଦାସ, କିଶୋର ଦାସ, ରାମ ନାରାୟଣ ଶତପଥୀଙ୍କ ସମେତ ସମାଜସେବୀ, ବୁଦ୍ଧିଜୀବୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ପାଣିରେ ପଡ଼ିଲା ୫ଲକ୍ଷ

## କାମରେ ଲାଗିଲାନି ଶବ ବ୍ୟବଚ୍ଛେଦ ଗୃହ

ବେତନଟୀ,୧୮।୯(ଡି.ଏନ.ଏ.)

ପ୍ରଶାସନର ଭୁଲ ନିଷ୍ପତ୍ତି ଯୋଗୁ ମୟୂରଭଞ୍ଜ ଜିଲା ବେତନଟୀଠାରେ ନିର୍ମାଣ ହୋଇଥିବା ଶବ ବ୍ୟବଚ୍ଛେଦ ଗୃହ କାମରେ ଲାଗି ପାରୁନି। ଏଥିଯୋଗୁ ସରକାରଙ୍କ ୫ ଲକ୍ଷ ଟଙ୍କା ପାଣିରେ ପଡ଼ିଥିବା ବେଳେ ପୁଣି ଏକ ଗୃହ ନିର୍ମାଣ ଚାଲିଛି।

ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ପ୍ରାୟ ୨ କି.ମି. ଦୂର ବେତନଟୀ –ମାଣତ୍ରୀ ରାସ୍ତାର ଶ୍ମଶାନ ନିକଟରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ହୋଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇ ଏହି ଗୃହକୁ ୨୦୧୨ ଅପ୍ରେଲ ମାସରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ହସ୍ତାନ୍ତର କରାଯାଇଥିଲା। ମାତ୍ର ଏହି ଗୃହ ନିର୍ମାଣ ସରିବା ପରେ ତତ୍କାଳୀନ ପ୍ରଶାସନିକ ଅଧିକାରୀମାନେ ଏହି ସ୍ଥାନ ଡାକ୍ତଖାନାଠାରୁ ଦୂର,ନିର୍ଜନ ସ୍ଥାନ




ଅବ୍ୟବହୃତ ହୋଇ ପଡ଼ିଥିବା ଶବ ବ୍ୟବଚ୍ଛେଦ ଗୃହ।

ତଥା ଶ୍ମଶାନ ନିକଟରେ ହୋଇଥିବାରୁ ସେଠାକୁ ଡାକ୍ତରମାନେ ଯିବେ ନାହିଁ ,ସେହି ଘରେ ଶବ ବ୍ୟବଚ୍ଛେଦ କରିପାରିବେ ନାହିଁ ବୋଲି କହିଥିଲେ। ତେବେ ପ୍ରଶାସନର ଭୁଲ ନିଷ୍ପତ୍ତି ପାଇଁ ନିର୍ମାଣରେ ଖର୍ଚ୍ଚ ହୋଇଥିବା ୫ଲକ୍ଷ ଟଙ୍କା ପାଣିରେ ପଡ଼ିଥିଲା। ଫଳରେ ଦୀର୍ଘ ୧୦ ବର୍ଷ ହେଲା ବେତନଟୀଠାରେ ଶବ ବ୍ୟବଚ୍ଛେଦ କାମ ଆରମ୍ଭ ହୋଇ ନ ପାରିବାରୁ ପୁନର୍ବାର ସ୍ଥାନୀୟ ଲୋକଙ୍କର ଦାବି ପରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନୂତନ ଭାବେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ଚାଲିଛି।

ସୂଚନାଯୋଗ୍ୟ, ମୟୂରଭଞ୍ଜ ଜିଲାରେ ୨୬ଟି ବ୍ଲକ ଥିବାବେଳେ ବାରିପଦା ସମେତ ମୋଟ ୪ଟି ଉପଖଣ୍ଡ କାର୍ଯ୍ୟାଳୟ ରହିଛି। ଏହି ୪ଟି ଉପଖଣ୍ଡରେ ଶବ ବ୍ୟବଚ୍ଛେଦ ହେଉଥିଲା ବେଳେ ଜିଲାର ୫ମ ଶବ ବ୍ୟବଚ୍ଛେଦ ଗୃହ ୨୦୧୨ପୂର୍ବରୁ ବେତନଟୀଠାରେ ନିର୍ମାଣ ଆରମ୍ଭ ହୋଇଥିଲା। ବେତନଟୀଠାରେ ଶବ ବ୍ୟବଚ୍ଛେଦ କାର୍ଯ୍ୟ ହେଲେ ବେତନଟୀ, ବୈଶିଙ୍ଗା, ବଡ଼ସାହି ଓ ମୋରଡ଼ା ଥାନା ଅଞ୍ଚଳର ଲୋକେ ବାରିପଦା ନ ଯାଇ ଅଧିକ ଖର୍ଚ୍ଚାନ୍ତରୁ ବଞ୍ଚିତ ହେବେ ବୋଲି ମତ ପ୍ରକାଶ ପାଇଛି।

## ମନ୍ଦିର,ପୋଖରୀ ସଫା କଲେ ଭାଜପା କର୍ମୀ



ଭାଜପା କର୍ମୀମାନେ ମନ୍ଦିର ପରିସରରେ ଅଳିଆ ଆବର୍ଜନା ସଫା କରୁଛନ୍ତି।

ଖଇରା,୧୮।୯(ଡି.ଏନ.ଏ.)

ଭାଜପା ଯୁବ ନେତା ତଥା ୫ନଂ. ଜୋନର ଭାଜପା ଜିଲା ପରିଷଦ ପ୍ରାର୍ଥୀ ଇଂ. ରାଜେଶ ମହାକୁଡଙ୍କ ନେତୃତ୍ୱରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅଚ୍ୟୁତିପୁରସ୍ଥିତ ମା' ରାଉତରାଣୀ ମନ୍ଦିର ପରିସର ଓ ଗାଁ ପୋଖରୀ ତୁଠକୁ ପରିଷ୍କାର ପରିଚ୍ଛନ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ମହେଶ୍ୱର ନାଥ, ମଣ୍ଡଳ ପ୍ରଭାରୀ ଅଜୟ ବେହେରା, ମଣ୍ଡଳ ସମ୍ପାଦକ ଲକ୍ଷ୍ମୀଧର ସାହୁ, ସ୍ଥାନୀୟ ସମିତିସଭ୍ୟା ସସ୍ମିତା ପଣ୍ଡା, ସୁରେନ୍ଦ୍ର ପ୍ରସାଦ ନାୟକ, ମାନସ କୁମାର ବେହେରା, ବିନୋଦ କୁମାର ପତି ପ୍ରମୁଖ ସହଯୋଗ କରିଥିଲେ। ପଞ୍ଚାୟତର ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ଗୋଷ୍ଠୀସଂଘର୍ଷ: ୯ ଆହତ, ୫ ଗୁରୁତର

### ଗିରଫ ଭୟରେ ରାମପଲ୍ଲୀ ଗାଁ ପୁରୁଷଶୂନ୍ୟ

ଚାନ୍ଦବାଲି, ୧୮।୯ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ରାମପଲ୍ଲୀ ଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଶନିବାର ବିଳମ୍ବିତ ରାତିରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ଉଭୟ ପକ୍ଷରୁ ୯ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଗୁରୁତରଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏନେଇ ଉଭୟ ପକ୍ଷରୁ ରବିବାର ଚାନ୍ଦବାଲି ଥାନାରେ ଅଭିଯୋଗ କରାଯାଇଥିବା ବେଳେ ଆଇଆଇସି କରୁଣାକର ରାଉତ ଓ ଏସ୍‌ଡିପିଓ ଦେବୀଶଙ୍କର ପ୍ରତାପ ଉକ୍ତ ଗାଁରେ ପହଞ୍ଚି ତଦନ୍ତ କରିଛନ୍ତି। ଏଥିସହ ଉକ୍ତ ଗାଁରେ ପୋଲିସ ମୁତୟନ କରାଯାଇଛି।

ସୂଚନା ଅନୁଯାୟୀ, ପୂର୍ବରୁ ଏକ ଗାଁ ରାସ୍ତାର ନିର୍ମାଣ କାମକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗିରହିଥିଲା। ଉକ୍ତ ବିବାଦ ସମାଧାନ ହୋଇ ନ ଥିବା ବେଳେ ଗାଁକୁ ଆଉ ଏକ କାମ ଆସିଥିବାରୁ ଏହାକୁ ନେଇ ଗୋଟିଏ ଗୋଷ୍ଠୀ ବିରୋଧ କରିଥିଲେ। ଶନିବାର ସନ୍ଧ୍ୟାରେ ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ପରେ ରାତି ପ୍ରାୟ ୧୨ଟା ବେଳେ ଗଣ୍ଡଗୋଳ ହୋଇଥିଲା। ବାଡ଼ି, ଠେଙ୍ଗା ଓ ଶାବଳ ଆକ୍ରମଣରେ ଆହତ ୯ଜଣଙ୍କ ମଧ୍ୟରେ ୪ଜଣ ମହିଳା ଅଛନ୍ତି। ସମସ୍ତ ଆହତଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ୫ ଗୁରୁତରଙ୍କୁ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୋଟିଏ ପକ୍ଷର ଜାନକୀ ଦାସଙ୍କ ଅଭିଯୋଗ କ୍ରମେ ପୋଲିସ ୨୦ଜଣଙ୍କ ନାଁରେ ଏକ ମାମଲା (ନଂ.୨୯୮/୨୨) ଏବଂ ଅପରପକ୍ଷରୁ ଝରଣା ଦାସଙ୍କ ଅଭିଯୋଗକୁ ଭିତ୍ତିକରି ୧୮ଜଣଙ୍କ ନାଁରେ ଅନ୍ୟ ଏକ ମାମଲା (ନଂ.୨୯୯/୨୨)ରୁଜୁ କରିଛି। ଏପଟେ ଗିରଫ ଭୟରେ ରାମପଲ୍ଲୀ ଗାଁ ପୁରୁଷଶୂନ୍ୟ ହୋଇଯାଇଛି।

## ବିପ୍ଳବୀ ଧରଣୀଧରଙ୍କ ଜୀବନୀ ଉପରେ ଗଳ୍ପ କଥନ

ସ୍ୱାଧୀନତାର ଅମୃତ ମହୋତ୍ସବ

ପାଟଣା,୧୮।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସରକାରୀ ଗୋପୀନାଥ ନାରାୟଣ ଉଚ୍ଚ ବିଦ୍ୟାଳୟରେ ରବିବାର ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ବିପ୍ଳବୀ ଧରଣୀଧର ନାୟକଙ୍କ ଜୀବନୀ ଆଧାରିତ ଗଳ୍ପ କଥନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷକ ପାର୍ଥ ସାରଥି ବେଜ୍ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ମୁଖ୍ୟ ବକ୍ତାଭାବେ ଏବି ଓ ସଚ୍ଚିଦାନନ୍ଦ ସେଠୀ ଯୋଗଦେଇ କେନ୍ଦୁଝରର ବିପ୍ଳବୀ ଧରଣୀଧର ନାୟକଙ୍କ ସଂଘର୍ଷମୟ ଜୀବନୀ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ନେତା ବୀରମୋହନ ଦ୍ୱିବେଦୀ, ପ୍ରମୋଦ ମହାନ୍ତ, ଜ୍ୟୋତିର୍ମୟୀ ତ୍ରିପାଠୀ ଓ ସନ୍ତୋଷ ନାଏକଙ୍କ ସହ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଗୋପୀନାଥ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୧୦୩ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୩ ଜଣ ଧରଣୀଧରଙ୍କ ଜୀବନୀ ଉପରେ ଗଳ୍ପ କଥନ କହି ପୁରସ୍କୃତ ହୋଇଥିଲେ।

## ଦୁର୍ଗାପୂଜା ଲାଗି ଶାନ୍ତି କମିଟି ବୈଠକ



ଶାନ୍ତି କମିଟି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ।

ବାଲେଶ୍ୱର ଅଫିସ, ୧୮।୯

ବାଲେଶ୍ୱରସ୍ଥିତ ଗାନ୍ଧି ସ୍ମୃତିଭବନ ପ୍ରେକ୍ଷାଳୟରେ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ଅଧକ୍ଷତାରେ ଶୁକ୍ରବାର ଦୁର୍ଗାପୂଜା ଶାନ୍ତିଶୃଙ୍ଖଳାରେ ପାଳନ ନେଇ ପ୍ରଶାସନ ଓ ପୂଜା କମିଟି ପକ୍ଷରୁ ଏକ ମିଳିତ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେଶ ପାଣିଗ୍ରାହୀ, ଉପଜିଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଲସେନ ଜଗଦ୍ଦେବ, ସହକାରୀ ଜିଲାପାଳ ସ୍ୱାଗତିକା ଦାସ, ଅନ୍ୟ ବିଭାଗୀୟ ଅଧିକାରୀ, ପୋଲିସ ଅଧିକାରୀ, ଟ୍ରାଫିକ ପୋଲିସ ଅଧିକାରୀ, ବିଦ୍ୟୁତ୍ ବିଭାଗୀୟ କର୍ମଚାରୀ, ପୂଜା କମିଟି କର୍ମକର୍ତ୍ତା ଯୋଗଦେଇଥିଲେ। ଜିଲାପାଳ ଶିନ୍ଦେ ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କୁ ବୈଠକରେ ସହମତି ଭିତ୍ତିରେ ନିଆଯାଇଥିବା ପୂଜା ପାଳନ ନିମନ୍ତେ ଅନୁରୋଧ କରିଥିଲେ।

କୋଭିଡ୍ ମହାମାରୀ ପାଇଁ ଗତ ଦୁଇବର୍ଷ ହେଲା ବିଧିରକ୍ଷା ପୂଜା ହୋଇଆସୁଥିଲା। ସହରରେ ପ୍ରାୟ ୧୫୦ ସ୍ଥାନରେ ପୂଜା ପାଳନ କରାଯାଉଛି। ବୈଠକରେ ନିଷ୍ପତ୍ତି ମୁତାବକ ପିଣ୍ଡି ସହ ମୂର୍ତ୍ତି ୧୨ ଫୁଟ୍‌ର ଅଧିକ ହେବ ନାହିଁ। ମେଡ଼ିକାଲ ଛକରୁ ପାଣିଟାଙ୍କି ଛକ ପର୍ଯ୍ୟନ୍ତ ଥିବା ସାଇଲେନ୍ସ ଜୋନ୍, ଡାକ୍ତରଖାନା, ବାଳାଶ୍ରମ ଓ ଶିକ୍ଷାୟତନ ନିକଟରେ ଡାକବାଜି ଯନ୍ତ୍ର ବ୍ୟବହାର ନିଷେଧ କରାଯାଇଛି। ଭସାଣି ଶୋଭାଯାତ୍ରା ନିମନ୍ତେ ଅନୁମତି ନିମିତ୍ତ ଆବେଦନ କରିବା ପାଇଁ ଆସନ୍ତା ୨୩ରୁ ୨୬ ତାରିଖ ସମୟ ଅବଧି ରଖାଯାଇଛି। ପୂଜାରେ ଶବ୍ଦ ୬୦ ଡେସିବିଲରୁ ଅଧିକ ହେବ ନାହିଁ ଏବଂ ଡିଜେର ବ୍ୟବହାର ହେବ ନାହିଁ। ଭସାଣି ଶୋଭାଯାତ୍ରାରେ ବାଣର ବ୍ୟବହାର ହେବ ନାହିଁ। ରାବଣ ପୋଡ଼ି ନବମୀ ଦିନ କରାଯିବ। ପୂଜା ପାଇଁ ଦଶହରା ଓ ଭସାଣି ଦୁଇଦିନ ସମସ୍ତ ମଦ ଦୋକାନ ବନ୍ଦ ରହିବ। ପୂଜା ପେଣ୍ଡାଲରେ କର୍ମକର୍ତ୍ତା ମହିଳା ଓ ପୁରୁଷମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରବେଶର ବ୍ୟବସ୍ଥା କରିବେ ଏବଂ ୨୦ଜଣ ସ୍ୱେଚ୍ଛାସେବୀ ନିୟୋଜିତ କରିବେ। ପୂଜା ପେଣ୍ଡାଲରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖିବେ। ବିଦ୍ୟୁତିକରଣ କରିବା ପାଇଁ ଠିକାଦାରଙ୍କ ମାଧମରେ କାର୍ଯ୍ୟ କରିବେ। ଯେଉଁମାନଙ୍କର ସ୍ଥାୟୀ ମିଟର ଥିବ ସେମାନେ ବିଲ୍ ଅନୁଯାୟୀ ଦେୟ ଦେବେ ଏବଂ ଅସ୍ଥାୟୀ ସଂଯୋଗ ଧାର୍ଯ୍ୟ ଦର ଅନୁଯାୟୀ କରାଯିବ। ବୀରାଷ୍ଟମୀ ଆଖଡ଼ା ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ହେବ ଏବଂ ସିନେମାଛକରେ ଦଶହରା ଆଖଡ଼ା ଅପରାହ୍ନ ୫ରୁ ରାତି ୧୦ଟା ପର୍ଯ୍ୟନ୍ତ ଚାଲିବ। ପୂଜାରେ କୌଣସି ତୀକ୍ଷ୍ଣ ଅସ୍ତ୍ରର ବ୍ୟବହାର ହେବ ନାହିଁ। ପୂଜା କମିଟି ସଭାପତି ଓ ସମ୍ପାଦକମାନେ ପେଣ୍ଡାଲ ନିକଟରେ ଉପସ୍ଥିତ ରହିବେ। ଭସାଣି ଶୋଭାଯାତ୍ରା ନିମନ୍ତେ ସର୍ବୋଚ୍ଚ ୪ଟି ସାଉଣ୍ଡବକ୍ସ ତଥା ୮ଟି ସ୍ପିକର ବ୍ୟବହାରକୁ ଅନୁମତି ମିଳିଛି। ଭସାଣି ନିମନ୍ତେ ୪ଟି ଅସ୍ଥାୟୀ ପୋଖରୀର ବ୍ୟବସ୍ଥା କରାଯିବ। ପୂଜା ପୂର୍ବରୁ ରାସ୍ତାଘାଟର ମରାମତି ନିମନ୍ତେ ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବ ବୋଲି ଜିଲାପାଳ ଶିନ୍ଦେ କହିଥିଲେ।

## ବାଳିକା ବର୍ଗରେ ଛାନୁଆ, ବାଳକ ବର୍ଗରେ ମହାବୀର ଉଚ୍ଚବିଦ୍ୟାଳୟ ଚାମ୍ପିୟନ



ଅତିଥିଙ୍କ ଗହଣରେ ଖେଳାଳି।

### ଖୋ-ଖୋ ପ୍ରତିଯୋଗିତା

ବାଲେଶ୍ୱର ଅଫିସ,୧୮।୯

ବାଲେଶ୍ୱର ଜିଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଖ୍ରୀଷ୍ଟିୟାନ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଉପକନିଷ୍ଠ (୧୪ ବର୍ଷରୁ କମ୍) ଖୋ–ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗୀତାରେ ୮ଟି ବାଳକ ଓ ୬ଟି ବାଳିକା ଦଳ ଅଂଶଗ୍ରହଣ କରିଥିଲେ।

ରବିବାର ଉଦ୍‌ଘାଟନୀ ଉତ୍ସବରେ ଜିଲା କ୍ରୀଡ଼ା ସଂଘର ଉପ–ସଭାପତି ବିରେନ୍ଦ୍ର କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଖ୍ରୀଷ୍ଟିୟାନ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ପୃଷ୍ଟି ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ସଂଘର ଖୋ–ଖୋ ଯୁଗ୍ମ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ନାୟକ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସଭାରେ ଜୁନିୟର ସମ୍ପାଦକ ଜଗଦିଶ ଚନ୍ଦ୍ର ବେହେରା, ନିମାଇ ଚରଣ ରାଉତରାୟ, ପ୍ରଦୀପ କୁମାର ଦାସ, ଚିତ୍ତରଞ୍ଜନ ପାଶା, କଳ୍ପଲତା ରଥ, ଜନ୍ମେଜୟ ଦେ, ଖୋ–ଖୋ କୋଚ୍ ମଳୟ ରଞ୍ଜନ ବେହେରା, ନିକଟରେ ଓଡ଼ିଶା ଜଗରନଟ୍ ଖେଳିଥିବା ଜଗନ୍ନାଥ ମୁର୍ମୁ, ଲିପୁନ ମୁଖି, ସିଦ୍ଧେଶ୍ୱର ଟୁଡୁ, ସୁକନାଥ ସିଂ ଓ ବହୁ କ୍ରୀଡ଼ା ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ଉପସ୍ଥିତ ହୋଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ବାଳିକା ବର୍ଗରେ ଛାନୁଆ ସରକାରୀ ଉଚ୍ଚବିଦ୍ୟାଳୟ ଚାମ୍ପିୟନ ହୋଇଥିଲା ବେଳେ ବାରବାଟୀ ଉଚ୍ଚବିଦ୍ୟାଳୟ ଓ ବଡ଼କିଆ ୟୁଜିୟୁପି ବିଦ୍ୟାଳୟର ମିଶ୍ରିତ ଦଳ ରନର୍ସଅପ୍ ହୋଇଥିଲେ। ବାଳକ ବର୍ଗରେ ମହାବୀର ଉଚ୍ଚବିଦ୍ୟାଳୟ ଚାମ୍ପିୟନ ଓ ମ୍ୟୁନିସିପାଲ ଉଚ୍ଚବିଦ୍ୟାଳୟ ରନର୍ସଅପ୍ ହୋଇଥିଲା। ଏହି ପ୍ରତିଯୋଗିତାରୁ ବାଳିକା ଓ ବାଳକ ଖେଳାଳୀ ଚୟନ କରାଯାଇଛି। ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇ ଜିଲା ତରଫରୁ ରାଜ୍ୟ ଉପକନିଷ୍ଠ ଖୋ–ଖୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ସୁଯୋଗ ଦିଆଯିବ। ପ୍ରତିଯୋଗିତାରେ କ୍ରୀଡ଼ା ସଂଘର ବରିଷ୍ଠ ସଭ୍ୟ ତଥା ଖ୍ରୀଷ୍ଟିୟାନ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଚିତ୍ତରଞ୍ଜନ ପାଶା ସହଯୋଗ କରିଥିଲେ। ଖେଳ ପରିଚାଳନାରେ ଖୋ–ଖୋ କୋଚ୍ ମଳୟ ରଞ୍ଜନ ବେହେରାଙ୍କ ସହିତ ଜଗନ୍ନାଥ ମୁର୍ମୁ, ଲିପୁନ ମୁଖୀ, ସିଦ୍ଧେଶ୍ୱର ଟୁଡୁ, ସୁକନାଥ ସିଂ, ତପନ ସିଂ ଓ ଦୀପକ ସିଂ ସହାୟତା କରିଥିଲେ।

## ବିଡିଓଙ୍କୁ ଭେଟିଲେ ୫ମ ଶ୍ରେଣୀ ଛାତ୍ର

ସ୍କୁଲକୁ ସଂଯୋଗ ରାସ୍ତା ଶୋଚନୀୟ

ଚାନ୍ଦବାଲି, ୧୮।୯ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ନଳଗୋହିରା ପଞ୍ଚାୟତ ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ବର୍ଷା ଯୋଗୁ ମାଟିରାସ୍ତାଟି କାଦୁଅରେ ଭର୍ତ୍ତି ହୋଇଛି। ସ୍କୁଲ ଯାଉଥିବା କୁନି ପିଲାମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହି ରାସ୍ତା ଦେଇ ସ୍କୁଲକୁ ଯାତାୟାତ ବେଳେ ପିଲାମାନଙ୍କ ଗୋଡ଼ ଖସି ଯାଉଥିବା ସହ ଏହାର ଉଭୟପାର୍ଶ୍ୱରେ ଥିବା ପୋଖରୀରେ ପଡ଼ିଯିବାର ଆଶଙ୍କା ରହିଛି। ଏଣୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଏଠାକୁ ଛାଡ଼ିବାକୁ ସୁରକ୍ଷିତ ମଣୁ ନାହାନ୍ତି। ଏଥିଯୋଗୁ ନୂଆଗାଁର ପିଲାମାନେ ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ସ୍କୁଲକୁ ଯାତାୟାତ ନିମନ୍ତେ ସ୍ଥାୟୀ ରାସ୍ତା ଯଥାଶୀଘ୍ର ନିର୍ମାଣ ପାଇଁ ଉକ୍ତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ପଞ୍ଚମ ଶ୍ରେଣୀ ଛାତ୍ର ଜୟ ପ୍ରକାଶ ରାଉତ ଶୁକ୍ରବାର ସ୍ୱଲିଖିତ ଦରଖାସ୍ତ ନେଇ ଚାନ୍ଦବାଲି ବିଡିଓଙ୍କୁ ଭେଟିଛନ୍ତି। ଉକ୍ତ ରାସ୍ତା ନିର୍ମାଣ ପାଇଁ ସେ ଅନୁରୋଧ କରିଛନ୍ତି। ଖୁବ୍‌ଶୀଘ୍ର ରାସ୍ତା ନିର୍ମାଣ ହେବ ବୋଲି ବିଡିଓ ଜ୍ୟୋତି ବିକାଶ ଦାଶ ପ୍ରତିଶ୍ରୁତି ଦେଇଛନ୍ତି। ନୂଆଗାଁ ଗ୍ରାମର ମନୋରଞ୍ଜନ ରାଉତ, ନିରଞ୍ଜନ ରାଉତ, ସୌମ୍ୟ ରଞ୍ଜନ ବିଶ୍ୱାଳ, ସୂର୍ଯ୍ୟ ପ୍ରକାଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ମରାମତି କଲେ ଗ୍ରାମବାସୀ

କେନ୍ଦୁଝର,୧୮।୯(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ଶରତ ଘାଟିରୁ ବ୍ରାହ୍ମଣୀ ଘାଟିଦେଇ କେନ୍ଦୁଝର ଜିଲା କେ.ବାଲିପାଳ ଓ ଘଷିପୁରା ଡାକ୍ତରଖାନାକୁ ସଂଯୋଗ କରୁଥିବା ବିପର୍ଯ୍ୟସ୍ତ ରାସ୍ତାକୁ କେ.ବାଲିପାଳ ଗ୍ରାମବାସୀ ମରାମତି କରିଛନ୍ତି। ପୂର୍ବରୁ ଗ୍ରାମବାସୀ ଉକ୍ତ ରାସ୍ତାରେ ମାଟି ପକାଇ ଯାତାୟାତ କରୁଥିବା ବେଳେ ଗତ ଲଘୁଚାପ ବର୍ଷାରେ ରାସ୍ତା ଧୋଇ ଯାଇଥିଲା।

ସୂଚନାଯୋଗ୍ୟ ଯେ, ୨୦୧୯ରେ



ଗ୍ରାମବାସୀ ରାସ୍ତା ମରାମତି କରୁଛନ୍ତି।

ଗ୍ରାମବାସୀ ବିନା ମଜୁରିରେ କାମ କରି ମାଟି ପକାଇ ଉକ୍ତ ରାସ୍ତା ନିର୍ମାଣ କରିଥିଲେ। ଚଳିତ ବର୍ଷ ଲଘୁଚାପ ବର୍ଷାରେ ସେହି ମାଟି ଧୋଇ ଯାଇଥିବାରୁ ସ୍ଥାନୀୟ ଲୋକେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ପ୍ରଶାସନ ରାସ୍ତା ମରାମତି ନ କରିବାରୁ ମାତୃ ସେବା ସଂଘ, କେ.ବାଲିପାଳ ଯୁବ ସମାଜ ବିନା ମଜୁରିରେ ମାଟି ପକାଇ ଯାତାୟାତ ପାଇଁ ସୁ–ବ୍ୟବସ୍ଥା କରିଛନ୍ତି। ପାହାଡ଼ିଆ ଓ ଜଙ୍ଗଲିଆ ରାସ୍ତା ହୋଇଥିଲେ ହେଁ ଏହାର ସ୍ଥାୟୀ ନିର୍ମାଣ ପ୍ରତି ଉଭୟ ଜିଲାର ନେତା ଓ ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି। ରାସ୍ତାର ଉନ୍ନତୀକରଣ ହେଲେ ଦୁଇ ଜିଲାର ଅଗମ୍ୟ ଅଞ୍ଚଳ ମଧ୍ୟରେ ଯୋଗାଯୋଗ ସ୍ଥାପନା ହେବା ସହ ଏକ ଗୁରୁତ୍ୱପୂର୍ଣ୍ଣ ବିକଳ୍ପ ରାସ୍ତା ଭାବେ ସହାୟକ ହେବ ବୋଲି ସ୍ଥାନୀୟ ବୁଦ୍ଧିରାମ ପୂର୍ତ୍ତି, ରାଉତ ହୋ ଓ ଗ୍ରାମବାସୀ କହିଛନ୍ତି।

ଧରିତ୍ରୀ
DHARITRI
Monday, September 19, 2022



## ସଂକ୍ଷେପରେ

### ଆଇଡିଏଫ୍‌ସି ଇଣ୍ଡେକ୍ସ ଫଣ୍ଡ୍ ଉନ୍ମୋଚିତ

**ନୂଆଦିଲ୍ଲୀ,୧୮।୯:** ଆଇଡିଏଫ୍‌ସି ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଏକ ଓପନ୍-ଏଣ୍ଡେଡ୍ ଇଣ୍ଡେକ୍ସ ସ୍କିମ୍ ଆଇଡିଏଫ୍‌ସି ନିଫ୍ଟି ୧୦୦ ଲୋ ଭୋଲାଟିଲିଟି ୩୦ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି, ଯେଉଁଥିରେ ନିଫ୍ଟି୧୦୦ ଲୋ ଭୋଲାଟିଲିଟି ୩୦ଇଣ୍ଡେକ୍ସକୁ ନକଲ କରୁଥିବା ଲାର୍ଜକ୍ୟାପ୍ ୟୁନିଭର୍ସରୁ ୩୦ଟି କମ୍ ଅସ୍ଥିର ଷ୍ଟକ୍ ସାମିଲ ରହିଛି। ଏହି ନୂଆ ଫଣ୍ଡ୍ ଅଫର୍ ଚଳିତ ମାସ ୨୩ ତାରିଖରେ ବନ୍ଦ ହେବ। ଲାଇସେନ୍ସ ପ୍ରାପ୍ତ ମ୍ୟୁଚୁଆଲ ଫଣ୍ଡ ଡିଷ୍ଟ୍ରିବ୍ୟୁଟର୍ ଓ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମଗୁଡିକ ମାଧ୍ୟମରେ ନିବେଶ କରାଯାଇପାରିବ ଏବଂ ସିଧାସଳଖ ଆଇଡିଏଫ୍‌ସି ଏମ୍ଏଫ୍ ୱେବ୍‌ସାଇଟ୍ ଲିଙ୍କ୍ ଜରିଆରେ ମଧ୍ୟ ନିବେଶ କରାଯାଇପାରିବ। ଏ ସମ୍ପର୍କରେ ଆଇଡିଏଫ୍‌ସି ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଭାରତୀୟମାନେ ସଞ୍ଚୟକାରୀରୁ ନିବେଶକ ଆଡକୁ ଅଗ୍ରସର ହେଉଥିବାରୁ ଷ୍ଟକ୍ ମାର୍କେଟ୍ ଅସ୍ଥିରତା ଅନେକ ନୂଆ ନିବେଶକଙ୍କ ପାଇଁ ଚିନ୍ତାର ବିଷୟ ହୋଇପାରେ ବୋଲି କପୁର ମତବ୍ୟକ୍ତ କରିଛନ୍ତି।

### 'ବୀର୍' ସ୍କିମ୍ ଆରମ୍ଭ କଲା ବଜାଜ ଆଲିଆଞ୍ଜ୍

**ନୂଆଦିଲ୍ଲୀ,୧୮।୯:** ଦେଶର ପ୍ରମୁଖ ଘରୋଇ ଜୀବନ ବୀମା କମ୍ପାନୀ ବଜାଜ ଆଲିଆଞ୍ଜ ପକ୍ଷରୁ ପ୍ରତିରକ୍ଷା ଓ କେନ୍ଦ୍ରୀୟ ସଶସ୍ତ୍ର ସେନା ବାହିନୀଙ୍କ ପାଇଁ ଏକ ଉତ୍ସର୍ଗୀକୃତ ଅଭିଯାନ 'ବୀର'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ସେମାନଙ୍କ ପରିବାରର ଆର୍ଥିକ ସୁରକ୍ଷାକୁ ନିଶ୍ଚିତ କରିବାରେ ବେଶ୍ ସହାୟକ ହେବ। ଏହି ନୂଆ ବ୍ୟବସାୟ ଚ୍ୟାନେଲ୍‌ର ଅଂଶ ଭାବେ କମ୍ପାନୀ ଦେଶର ସାହସୀ ସୈନିକମାନଙ୍କୁ ଅଭିନବ ଜୀବନ ବୀମା ସମାଧାନ ଓ ସ୍ୱତନ୍ତ୍ର ସେବା ପ୍ରଦାନ କରିବ। ଏ ସମ୍ପର୍କରେ ବଜାଜ ଆଲିଆଞ୍ଜର ବରିଷ୍ଠ ଅଧିକାରୀ ଅମିତ ଜୈସ୍ୱାଲ କହିଛନ୍ତି, ପ୍ରତିରକ୍ଷା ବଳ ହେଉଛି ଦେଶର ମେରୁଦଣ୍ଡ, କାରଣ ସେମାନେ ପ୍ରତିକୂଳ ପରିସ୍ଥିତିରେ ନିଜ ଜୀବନକୁ ବିପଦରେ ପକାଇ ଦେଶର ନାଗରିକମାନଙ୍କୁ ସୁରକ୍ଷା ଯୋଗାଇ ଦେଇଛନ୍ତି।

# ଅଗ୍ରିମ ଟିକସ ଆଦାୟ ୧୭% ବଢ଼ିଛି

ନୂଆଦିଲ୍ଲୀ,୧୮।୯



## ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ୨.୯୫ ଟ୍ରିଲିୟନ ଟଙ୍କା ସଂଗ୍ରହ

ଦେଶର ବିକାଶ ଓ ଅର୍ଥନୈତିକ କାର୍ଯ୍ୟକଳାପ ପାଇଁ ଟିକସ ଆଦାୟ ଏକ ପ୍ରମୁଖ ଅଂଶ ବା ଭୂମିକା ନିର୍ବାହ କରିଥାଏ। ବିଶେଷକରି ରବିବାର କେନ୍ଦ୍ରୀୟ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ୍ (ସିବିଡିଟି) ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ଏପ୍ରିଲ ୧ରୁ ସେପ୍ଟେମ୍ବର ୧୭ ମଧ୍ୟରେ ମିଳିତ ଅଗ୍ରିମ ଟିକସ ସଂଗ୍ରହ ପ୍ରଥମ ଏବଂ ଦ୍ୱିତୀୟ କିସ୍ତିରେ ୧୭% ବୃଦ୍ଧି ଘଟି ୨.୯୫ ଟ୍ରିଲିୟନ ଟଙ୍କା ଅତିକ୍ରମ କରିଛି। ଏପରି କି ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଏହାର ପରିମାଣ ୨.୫୨ ଟ୍ରିଲିୟନ ଟଙ୍କା ରହିଥିଲା। ସେହିଭଳି ସରକାରୀ ସୂତ୍ର ଅନୁଯାୟୀ, ଉଭୟ କର୍ପୋରେଶନ ଏବଂ ବ୍ୟକ୍ତିଗତ ଅଗ୍ରିମ ଟିକସ ସଂଗ୍ରହ ଗତବର୍ଷ ତୁଳନାରେ ୧୦.୧% ବୃଦ୍ଧି ପାଇ ୧,୯୨,୬୦୦ କୋଟିରେ ପହଞ୍ଚିଛି। ସେହିଭଳି ଗତ ଜୁଲାଇରୁ ସେପ୍ଟେମ୍ବର ମଧ୍ୟରେ କର୍ପୋରେଶନ ଆଡ୍‌ଭାନ୍ସ ଟ୍ୟାକ୍ସ ବୃଦ୍ଧି ପାଇ (ମୋପ୍ ଅପ୍) ୧,୪୯,୨୪୨ କୋଟିରେ ପହଞ୍ଚିଛି, ଯାହାକି ପୂର୍ବ ବର୍ଷ ତୁଳନାରେ ୧୦.୨% ବୋଲି କୁହାଯାଉଛି। ଗତବର୍ଷ ଏହା ୧,୩୫,୩୪୭ କୋଟି ଟଙ୍କା ଥିଲା। ଅପରପକ୍ଷରେ ଆଡ୍‌ଭାନ୍ସ ବ୍ୟକ୍ତିଗତ ଆୟକର ସଂଗ୍ରହ ୪୩,୩୫୮ କୋଟି ହୋଇଥିଲା ବେଳେ ତାହା ୯.୫% ବୃଦ୍ଧି ପାଇଛି, ଯାହା ଏକ ବର୍ଷ ପୂର୍ବେ ୩୯,୫୯୨ କୋଟି ଟଙ୍କା ଥିଲା। ବିଶେଷକରି ମହାମାରୀ ପରେ ଅର୍ଥନୈତିକ କାର୍ଯ୍ୟକଳାପର ପୁନରୁତ୍ଥାନ ପ୍ରକ୍ରିୟାଗୁଡ଼ିକର ସରଳୀକରଣ ଉପରେ ଧ୍ୟାନ ଦେବା ଏବଂ ଟେକ୍ନୋଲୋଜିର ପ୍ରଭାବଶାଳୀ ବ୍ୟବହାର ମାଧ୍ୟମରେ ଟିକସ ଆଦାୟ ଉପରେ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଫଳରେ ଆଡ୍‌ଭାନ୍ସ ଟ୍ୟାକ୍ସ ଆର୍ଥିକ ବର୍ଷ ଶେଷ ମଧ୍ୟରେ ୪ଟି କିସ୍ତିରେ ଆଦାୟ କରାଯାଏ। ଏପରି କି ଏହାକୁ ଅର୍ଥନୈତିକ ଭାବନାର ଏକ ସୂଚକ ଭାବେ ବିବେଚନା କରାଯାଏ। ପ୍ରଥମ କିସ୍ତି କିମ୍ବା ୧୫% ଅଗ୍ରିମ ଟିକସ ଜୁନ୍ ୧୫ ସୁଦ୍ଧା ଏବଂ ଦ୍ୱିତୀୟଟି ସେପ୍ଟେମ୍ବର ୧୫ ସୁଦ୍ଧା (୩୦%) ଓ ତୃତୀୟଟି ଡିସେମ୍ବର ୧୫ ସୁଦ୍ଧା (୩୦%) ଏବଂ ବକେୟା ରାଶିଗୁଡ଼ିକ ମାର୍ଚ୍ଚ ୧୫ ସୁଦ୍ଧା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଚଳିତ ଆର୍ଥିକ ବର୍ଷ ପାଇଁ ନେଟ୍ ପ୍ରତ୍ୟକ୍ଷ ଟିକସ ସଂଗ୍ରହ (ଫେରସ୍ତର ନେଟ୍) ୨୩% ବୃଦ୍ଧି ହୋଇ ଏପ୍ରିଲ ୧ରୁ ସେପ୍ଟେମ୍ବର ୧୭ ମଧ୍ୟରେ ୭ ଟ୍ରିଲିୟନରୁ ଅଧିକ ହୋଇଛି।

# ଏଚ୍ଏମ୍ଏସ୍ଆଇ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା ଅଭିଯାନ




ନୂଆଦିଲ୍ଲୀ,୧୮।୯

ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍ଏମ୍ଏସ୍ଆଇ) ପକ୍ଷରୁ ପୁନଃ ଆରମ୍ଭ କରାଯାଇଥିବା ସଡ଼କ ସୁରକ୍ଷା ସଚେତନତା ଅଭିଯାନ ନିକଟରେ ଅନୁଗୋଳ ଜିଲାରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଜିଲାର ପ୍ରମୁଖ ଶିକ୍ଷାନୁଷ୍ଠାନ ଆରଆଇଏମଆଇଟିଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୩୦୦୦ରୁ ଅଧିକ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ ଯୋଗ ଦେଇଥିଲେ।

ଏ ସମ୍ପର୍କରେ ଏଚଏମ୍ଏସ୍ଆଇର ଅପରେଟିଂ ଅଫିସର (ବ୍ରାଣ୍ଡ ଓ କମ୍ୟୁନିକେଶନ) ପ୍ରଭୁ ନାଗରାଜ କହିଛନ୍ତି, ସଡ଼କ ସୁରକ୍ଷା ମାନସିକତା ବିକାଶ କରିବା ଲାଗି ସଡ଼କ ସୁରକ୍ଷା ଶିକ୍ଷା ଗୁରୁତ୍ୱପୂର୍ଣ୍ଣ। ସଡ଼କରେ ଏକ ସୁରକ୍ଷିତ ଭାରତ ଗଠନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରିବା ଜାରି ରଖି ଆମେ ଆମର କ୍ଷେତ୍ର ଭିତ୍ତିକ ସୁରକ୍ଷା ତାଲିମ–ଜାତୀୟ ସଡ଼କ ସୁରକ୍ଷା ସଚେତନତା ଅଭଯାନକୁ ପୁନର୍ବାର ଚାଲୁ କରିଛୁ।

# ଷଡ଼ଯନ୍ତ୍ର ବିରୋଧରେ ଖୁଲାସା କଲେ ରାମଦେବ

ନୂଆଦିଲ୍ଲୀ,୧୮।୯




ଦେଶର ପ୍ରମୁଖ ସାମାଜିକ ପ୍ରତିଷ୍ଠାନ ପତଞ୍ଜଳିର ସଫଳତାକୁ ସହ୍ୟ ନ କରି ପାରି କିଛି ମିଷ୍ଟଭାଷୀ ଏବଂ କ୍ଷଣ ପ୍ରକୃତିର ସଂସ୍ଥା ଓ ବ୍ୟକ୍ତିବିଶେଷ ପତଞ୍ଜଳି ଆୟୁର୍ବେଦର ଉତ୍ପାଦ ସମ୍ପର୍କରେ ନାନା ପ୍ରକାରର ଅପପ୍ରଚାର ବିଭିନ୍ନ ପ୍ଲାଟଫର୍ମରେ କରୁଥିବା ପ୍ରତିଷ୍ଠାନର ନଜରକୁ ଆସିଛି। ବିଶେଷକରି ପତଞ୍ଜଳି ଆୟୁର୍ବେଦର ଖାଦ୍ୟ ଓ ଔଷଧୀୟ ଉତ୍ପାଦଗୁଡିକ ସମ୍ପର୍କରେ ମିଥ୍ୟା ସୂଚନା ପ୍ରଚାର କରୁଛନ୍ତି। ଏ ସମ୍ପର୍କରେ ପତଞ୍ଜଳିର ପ୍ରତିଷ୍ଠାତା ଯୋଗଗୁରୁ ସ୍ୱାମୀ ରାମଦେବ ନିକଟରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରି ଅପପ୍ରଚାର ଓ ମିଥ୍ୟା ସୂଚନା ବିଷୟରେ ସରକାରୀ ପ୍ରମାଣ ପତ୍ର ସହ ପ୍ରତିଟି ଉତ୍ପାଦ ଓ ସାମଗ୍ରୀର ଗୁଣବତ୍ତା ସମ୍ପର୍କରେ ବିସ୍ତୃତ ସୂଚନା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ପ୍ରଦାନ କରିଥିଲେ। ଏପରିକି ଗତ ୫୦ ବର୍ଷ ମଧ୍ୟରେ ସ୍ୱାମୀ ରାମଦେବ ଏଭଳି କିଛି କାର୍ଯ୍ୟ କରି ନ ଥିବା ବେଳେ ତାଙ୍କର ପ୍ରତିଷ୍ଠା ଓ ମାନସମ୍ମାନରେ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଅନେକ ଲୋକ ଅନେକ ମତ ଦେଉଛନ୍ତି। ହେଲେ ସମାଜର କ୍ଷତି କଲା ଭଳି କୌଣସି କାର୍ଯ୍ୟ ନା ରାମଦେବ ଅଥବା ପତଞ୍ଜଳି ପକ୍ଷରୁ କରାଯାଇଛି ସେ ନେଇ ରାମଦେବ ବିସ୍ତୃତ ମତ ଉପସ୍ଥାପନ କରିଥିଲେ। ସେହିପରି ଗତ କିଛି ବର୍ଷ ହେବ ପତଞ୍ଜଳିର ସଫଳତାକୁ ଅନ୍ୟମାନେ ସହ୍ୟ କରୁ ପାରୁନଥିବା ବିଭିନ୍ନ ସୂତ୍ରରୁ ଜଣାପଡିଥିବା ପତଞ୍ଜଳି ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ ସ୍ୱାମୀ ରାମଦେବ ଯୋଗ, ଆୟୁର୍ବେଦ, ଭାରତୀୟ ଶିକ୍ଷା ଏବଂ ଚିକିତ୍ସା କ୍ଷେତ୍ରରେ ଅନେକ ବୈପ୍ଳବିକ ପରିବର୍ତ୍ତନ ସହ ଏକ ଆନ୍ଦୋଳନ ମଧ୍ୟ ସୃଷ୍ଟି କରିପାରିଛନ୍ତି।

## ଅକ୍ଟୋବର ପହିଲାରୁ କାର୍ଡ ଟୋକନାଇଜେଶନ

ନୂଆଦିଲ୍ଲୀ,୧୮।୯

ବିଗତ କିଛି ବର୍ଷ ହେବ ଭାରତରେ ସାଇବର ଠକେଇ ଏବଂ ଅପରାଧ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଏହାକୁ ନଜରରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଛି। ଉକ୍ତ ବିଜ୍ଞପ୍ତି ଅନୁଯାୟୀ ଚଳିତ ବର୍ଷ ଅକ୍ଟୋବର ପହିଲାରୁ ସାରା ଦେଶରେ କାର୍ଡ ଟୋକନାଇଜେଶନ ବା ଟୋକନ ବ୍ୟବସ୍ଥା ଆରମ୍ଭ ହେବାକୁ ଯାଉଛି ବୋଲି ଆରବିଆଇ ପକ୍ଷରୁ ଘୋଷଣା କରାଯାଇଛି। ସେହିଭଳି ଏହି ନୂଆ ବ୍ୟବସ୍ଥା ଆରମ୍ଭ ହେଲେ ଗ୍ରାହକଙ୍କ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡର ଅପବ୍ୟବହାରକୁ ରୋକାଯାଇ ପାରିବ। ଫଳରେ ଭବିଷ୍ୟତର ପେମେଣ୍ଟ ପାଇଁ ଅନେକ କାର୍ଡଧାରୀ ସେମାନଙ୍କ କାର୍ଡ ଡାଟାକୁ ମର୍ଚ୍ଚାଣ୍ଟ ୱେବସାଇଟରେ ସେଭ୍ କରି ରଖିପାରିବେ ବୋଲି କୁହାଯାଉଛି।

## ସ୍ୱାସ୍ଥ୍ୟଭିତ୍ତିକ ପ୍ଲାଟଫର୍ମ ଅଲିଭ ରିଡ୍‌ଲେର ଶୁଭାରମ୍ଭ

ଭୁବନେଶ୍ୱର,୧୮।୯

ବର୍ତ୍ତମାନ ସମୟରେ ଉଭୟ ଶାରୀରିକ ବିକାଶ ଓ ମାନସିକ ଶାନ୍ତି ପାଇଁ ପ୍ରତ୍ୟେକ ବ୍ୟକ୍ତି ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି। ଏପରିକି କିଏ ଜିମ୍ ଯାଇ ବ୍ୟାୟାମ କରୁଛି ତ କିଏ ଯୋଗ ଓ ପ୍ରାଣାୟାମ ଆଦି କରୁଛନ୍ତି। ହେଲେ ଗୋଟିଏ ଛାତ ତଳେ ଏ ତମାମ ସମସ୍ୟାର ସମାଧାନ ପାଇଁ ନିକଟରେ ସ୍ୱାସ୍ଥ୍ୟଭିତ୍ତିକ ପ୍ଲାଟଫର୍ମ ଅଲିଭରିଡଲେର ଶୁଭାରମ୍ଭ କରାଯାଇଛି। ବିଶେଷକରି ଭିନ୍ନ ଚିନ୍ତାଧାରା ଏବଂ ଏଭଳି ଏକ ଅଭିନବ ପ୍ଲାଟଫର୍ମକୁ ନେଇ ପୂର୍ବତନ କ୍ରିକେଟର ତଥା ଷ୍ଟାର୍ଟଅପର ସୌରଜିତ ପ୍ରଧାନୀ ଚର୍ଚ୍ଚାରେ ରହିଛନ୍ତି। ସେହିଭଳି ଓଡ଼ିଶାରେ ଏହା ପ୍ରଥମ ସ୍ୱାସ୍ଥ୍ୟ ଭିତ୍ତିକ ପ୍ଲାଟଫର୍ମ ଅଟେ, ଯେଉଁଥିରେ କ୍ରୀଡ଼ା, ସ୍ୱାସ୍ଥ୍ୟ ସହ ମାନସିକ ବିକାଶ ସମ୍ପର୍କରେ ଅନେକ ପ୍ରକାରର ସେବା ଓ ସୁବିଧା ମିଳିପାରିବ। ପ୍ରଥମେ ଏହା ଚେସ୍ ଓ କ୍ରିକେଟ ଭଳି କ୍ରୀଡାକୁ ଫୋକସ କରୁଛି। ପରବର୍ତ୍ତୀ ସମୟରେ ଏହା ଅନ୍ୟାନ୍ୟ କ୍ରୀଡ଼ା ଉପରେ ମଧ୍ୟ କାମ କରିବ। ଏପରିକି ଏହା ସହ ଶିଶୁ ଅବସ୍ଥାରୁ ମାନସିକ ପ୍ରଶିକ୍ଷଣ ଦେବ। ଫଳରେ ଶୈଶବରୁ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଓ ଖେଳକୁଦ ସହ ବିଶ୍ୱସ୍ତରୀୟ ଯୋଗ ପ୍ରଶିକ୍ଷଣ ମାଧ୍ୟମରେ ମାନସିକ ଓ ଶାରୀରିକ ବିକାଶ କରାଯାଇପାରିବ। ସେହିପରି ଏହାର ଅଭିଜ୍ଞ ପ୍ରଶିକ୍ଷକମାନେ ଉକ୍ତ ପ୍ଲାଟଫର୍ମ ଜରିଆରେ ସବୁ ବର୍ଗଙ୍କୁ ଟ୍ରେନିଂ ଦେବେ ବୋଲି ସୌରଜିତ ମତବ୍ୟକ୍ତ କରିଛନ୍ତି। ଅପରପକ୍ଷରେ କଷ୍ଟମାଇଜ୍ ଡାଏଟ ପ୍ଲାନ, ପ୍ରୋଟିନ ଓ କ୍ୟାଲୋରୀ କଣ୍ଟ୍ରୋଲ ସହ କାର୍ବୋହାଇଡ୍ରେଟ ଓ ଫାଇବର ସନ୍ତୁଳନ ଶାରୀରିକ ଗଠନ ଓ ବିକାଶ ଉପରେ ଏକ ସ୍ୱତନ୍ତ୍ର ଡ୍ରାଇଭ 'ଟ୍ରେନ୍ ଦି ଟ୍ରେନର୍ସ'ନାମରେ ଏକ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିଛି, ଯେଉଁଥିରେ ପ୍ରଶିକ୍ଷଣ ସହ ପ୍ରମାଣପତ୍ର ମଧ୍ୟ ଦିଆଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ଫୁର୍‌ସତ୍

# ୬୦ ବର୍ଷୀୟ ସ୍ପାଇଡର୍ ମ୍ୟାନ୍

ପ୍ୟାରିସ୍





ବିଶାଳ ଟାୱାର ଚଢ଼ିବାର ସ୍ୱପ୍ନକୁ ବୃଦ୍ଧ ବୟସରେ ଫ୍ରାନ୍ସର ଆଲେନ ରବର୍ଟ ନାମକ ଜଣେ ବ୍ୟକ୍ତି ସାକାର କରିଛନ୍ତି। ଶନିବାର ପ୍ୟାରିସ୍‌ରେ ସେ ଏକାକୀ ୪୮ ମହଲା ବିଶିଷ୍ଟ ବିଲ୍ଡିଂ ଚଢ଼ି ରେକର୍ଡ କରିଛନ୍ତି। ରବର୍ଟ ନାଲି ରଙ୍ଗର ଡ୍ରେସ୍ ପିନ୍ଧି ୬୧୩ ଫୁଟ ଉଚ୍ଚତା ବିଶିଷ୍ଟ ବିଲ୍ଡିଂର ୧୮୭ ମିଟର ଉଚ୍ଚତା ପର୍ଯ୍ୟନ୍ତ ଚଢ଼ିଥିଲେ। ଏହି ବିଲ୍ଡିଂଟି ଫ୍ରାନ୍ସର ଲା ଡିଫେନ୍ସ ବିଜ୍‌ନେସ୍ ଡିଷ୍ଟ୍ରିକ୍ଟରେ ଅବସ୍ଥିତ। ଆସନ୍ତା ମାସରେ ରବର୍ଟ ୬୦ ବର୍ଷରେ ପଦାର୍ପଣ କରିବେ। ବୟସ ମାତ୍ର ଏକ ସଂଖ୍ୟା। ଫ୍ରାନ୍ସରେ ଚାକିରିରୁ ଅବସର ନେବା ବୟସ ୬୦ ହୋଇଥିବାବେଳେ ତାଙ୍କୁ ଯେତେବେଳେ ୬୦ ବର୍ଷ ବୟସ ହେବ ସେତେବେଳେ ସେ ନଭଶ୍ଚୁମ୍ବି ଅଟ୍ଟାଳିକା ଚଢ଼ି ରେକର୍ଡ କରିବା ପାଇଁ ନିଷ୍ପତ୍ତି ନେଇଥିବା କହିଛନ୍ତି। ଏହାବ୍ୟତୀତ ଆଲେନ ବିଶ୍ୱର ବହୁ ଅଟ୍ଟାଳିକା ମାନ ଚଢ଼ିଛନ୍ତି। ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ଲୋକଙ୍କୁ ସଚେତନ କରିବା ପାଇଁ ସେ ଏ ପ୍ରକାର ଟାକ୍ସ କରୁଥିବା ମଧ୍ୟ ପ୍ରକାଶ କରିଛନ୍ତି। ୧୯୭୫ ମସିହାରୁ ସେ ବିରାଟ ବିଲ୍ଡିଂ ସବୁ ଚଢ଼ିବା ଆରମ୍ଭ କରିଥିଲେ। ଫ୍ରାନ୍ସର ଦକ୍ଷିଣାଞ୍ଚଳରେ ଥିବା ଭାଲେନ୍ସରେ ରବର୍ଟ ଏ ନେଇ ପ୍ରଶିକ୍ଷଣ ନେଇଛନ୍ତି। ୧୯୭୭ରେ ସେ ଏକାକୀ ବିଶାଳ ଟାୱାର ଚଢ଼ିବା ଆରମ୍ଭ କରିଥିଲେ। ଦୁବାଇର ସବୁଠାରୁ ଉଚ୍ଚତମ ବିଲ୍ଡିଂ ବୁର୍ଜ୍ ଖଲିଫା, ଇଫିଲ୍ ଟାୱାର ଚଢ଼ିବା ସହ ବର୍ତ୍ତମାନ ସୁଦ୍ଧା ସେ ୧୫୦ରୁ ଊର୍ଦ୍ଧ୍ୱ ଟାୱାର ଚଢ଼ିଥିବା କୁହାଯାଉଛି। ପ୍ରଶାସନର ବିନା ଅନୁମତିରେ ବିଶାଳକାୟ ଟାୱାର ସବୁ ଚଢ଼ିବା ବେଆଇନ କାର୍ଯ୍ୟ ଅଧୀନରେ ଆସୁଥିବାବେଳେ ଏନେଇ ବହୁବାର ତାଙ୍କୁ ଗିରଫ ହେବାକୁ ପଡ଼ିଛି।

## କଙ୍ଗନାଙ୍କ ମନ କ୍ୟାରେକ୍ଟରରେ



**ମୁମ୍ବାଇ:** ବିବାଦୀୟ ମନ୍ତବ୍ୟ ପାଇଁ କଙ୍ଗନା ରଣାୱତ ସବୁବେଳେ ଚର୍ଚ୍ଚାରେ ରୁହନ୍ତି। ବର୍ତ୍ତମାନ ସମୟରେ ସେ ଫିଲ୍ମ 'ବ୍ରହ୍ମାସ୍ତ୍ର' ଓ ଏହାର ମେକର୍ସଙ୍କୁ ଖୁବ୍ ସମାଲୋଚନା କରିବାରେ ଲାଗିଛନ୍ତି। ନାୟିକା ଜଣକ ନିଜର ଆଗାମୀ ଚଳଚ୍ଚିତ୍ର 'ଏମର୍ଜେନ୍ସି' କାମରେ ବ୍ୟସ୍ତ ଅଛନ୍ତି । ଏଥିରେ ସେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଭୂମିକାରେ ନଜରକୁ ଆସିବେ। ନିକଟରେ ଏହାର ଟିଜର ମଧ୍ୟ ରିଲିଜ ହୋଇଥିଲା। ସୋସିଆଲ ମିଡ଼ିଆରେ ଶୁଟିଂ ସେଟ୍‌ର ଫଟୋ ଶେୟାର କରି ଅଭିନେତ୍ରୀ କହିଛନ୍ତି ଯେ, ଶୁଟିଂରୁ ବିରତି ନେଇ ଅନେକ କଥା ଚିନ୍ତା କରୁଛି। ଯେତେବେଳେ ଜଣେ କଳାକାର ଏକ ଚରିତ୍ରରେ ଭିତରେ ବୁଡ଼ି ରୁହେ ସେତେବେଳେ କଳାକାରଠାରେ ଅନେକ ପରିବର୍ତ୍ତନ ଦେଖାଯାଏ। ଫିଲ୍ମଟି ଆଗାମୀ ବର୍ଷ ରିଲିଜ୍ ହେବ। କଙ୍ଗନା ନିଜେ ଫିଲ୍ମର ନିର୍ଦ୍ଦେଶନା ଭାର ସମ୍ଭାଳିଥିବାବେଳେ ପ୍ରଯୋଜନା ଦାୟିତ୍ୱରେ କଙ୍ଗନାଙ୍କ ସହ ରେଣୁ ପିତ୍ତି ଥିବା କୁହାଯାଉଛି। ଏହାପୂର୍ବରୁ ବଲିଉଡ୍ କୁଇନ୍ କଙ୍ଗନା ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟ ଲଳିତାଙ୍କ ଜୀବନୀ ଉପରେ ଆଧାରିତ ଫିଲ୍ମ 'ଥଲାଇଭି'ରେ ନଜରକୁ ଆସିଥିଲେ। ଏହା ୨୦୨୧ରେ ମୁକ୍ତିଲାଭ କରିଥିଲା।

# ଉଲ୍‌କାପିଣ୍ଡରେ ଜଳ




## ପୃଥିବୀ ଜଳସହ ସାମଞ୍ଜସ୍ୟ ରହିଛି

ଲଣ୍ଡନ

ବିଶେଷଜ୍ଞମାନେ ଉଲ୍‌କାପିଣ୍ଡ ଖଣ୍ଡରୁ ଜଳର ସନ୍ଧାନ କରିଛନ୍ତି। ଗତବର୍ଷ ଫେବୃୟାରୀରେ ବ୍ରିଟେନ୍‌ର ଗ୍ଲୋସେଷ୍ଟରସିର ଟାଉନ୍‌ର ସଡ଼କରେ ଏହି ଉଲ୍‌କାପିଣ୍ଡର କିଛି ଅଂଶ ପଡ଼ିଥିଲା। ତେବେ ଏହି ଉଲ୍‌କାପିଣ୍ଡରୁ ଜଳ କେଉଁଠାରୁ ଆସିଲା ସେ ନେଇ ବିଶେଷଜ୍ଞ ଟିମ୍‌ର ଅଧ୍ୟୟନ ଜାରି ରହିଛି। ନାଚୁରାଲ ହିଷ୍ଟ୍ରି ମ୍ୟୁଜ୍ରପ୍ଲାନେଟାରି ମ୍ୟାଟେରିଆଲ ଗ୍ରୁପ୍‌ର ବିଶେଷଜ୍ଞ ଆଶଲି କିଙ୍ଗ କହିଛନ୍ତି, ଉଲ୍‌କାପିଣ୍ଡର ୧୨% ଭାଗରେ ଜଳର ଅବସ୍ଥିତି ରହିଛି। ଉଲ୍‌କାପିଣ୍ଡରୁ ମିଳିଥିବା ଜଳ ଏବଂ ପୃଥିବୀରେ ଥିବା ଜଳ ମଧ୍ୟରେ ଖୁବ୍ ବେଶୀ ସାମଞ୍ଜସ୍ୟ ରହିଛି। ବୃହସ୍ପତି ନିକଟରେ ଉତ୍ପନ୍ନ ହୋଇଥିବା ଉଲ୍‌କାପିଣ୍ଡର ଏହା ଅଂଶବିଶେଷ। ୪.୬ ବିଲିୟନ୍ ବର୍ଷ ତଳେ ଏହା ତିଆରି ହୋଇଥିବାବେଳେ ପୃଥିବୀ ପୃଷ୍ଠକୁ ଆସିବା ଲାଗି ଏହି ଉଲ୍‌କାପିଣ୍ଡକୁ ୧ ଲକ୍ଷ ବର୍ଷ ସମୟ ଲାଗିଥିବା ବିଶେଷଜ୍ଞ କହିଛନ୍ତି।

## କୁଏଟ୍‌ରେ 'ଥ୍ୟାଙ୍କ ଗଡ୍' ବ୍ୟାନ୍




**ମୁମ୍ବାଇ:** ଦେଶ ଛଡ଼ା ଏବେ ବିଦେଶରେ ଥ୍ୟାଙ୍କ୍‌ଗଡ୍‌କୁ ନେଇ ଅଡୁଆ ବଢ଼ିଛି। କୁଏଟ୍‌ରେ ସିଦ୍ଧାର୍ଥ ମାଲହୋତ୍ରା ଓ ଅଜୟ ଦେବଗନଙ୍କ ଏହି ଫିଲ୍ମକୁ ବ୍ୟାନ କରି ଦିଆଯାଇଛି । କୁଏଟ୍ ସେନସର ବୋର୍ଡ 'ଥ୍ୟାଙ୍କ ଗଡ ' ମୁଭିକୁ ଅନୁମତି ପ୍ରଦାନ କରୁ ନାହିଁ । ତେଣୁ ଏବେ ଏହି ମୁଭି କୁଏଟ୍‌ରେ ରିଲିଜ ହେବା ସମ୍ଭାବନା କମିଛି । ଜୟ ଦେବଗନ ଓ ସିଦ୍ଧାର୍ଥ ମାଲହୋତ୍ରାଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'ଥ୍ୟାଙ୍କ ଗଡ' ରିଲିଜ ପୂର୍ବରୁ ବିବାଦ ଘେରକୁ ଚାଲି ଆସିଛି । ଫିଲ୍ମକୁ ସୋସିଆଲ ମିଡିଆରେ ଖୁବ ବିରୋଧ କରାଯାଉଛି । ଚଳଚ୍ଚିତ୍ରଟି ହିନ୍ଦୁ ଧର୍ମୀୟ ଭାବନାକୁ ଆଘାତ ଦେଉଥିବା ଅଭିଯୋଗରେ କୋର୍ଟରେ ଅଭିନେତା ଅଜୟ ଦେବଗନ ଓ ସିଦ୍ଧାର୍ଥ ମାଲହୋତ୍ରାଙ୍କ ବିରୋଧରେ ମାମଲା କରାଯାଇଛି। ଅନ୍ୟପକ୍ଷେ ଏପଟେ କର୍ଣାଟକରେ ମଧ୍ୟ ଏ ବର୍ଷ 'ଥ୍ୟାଙ୍କ ଗଡ୍'କୁ ନେଇ ବରୋଧ କରାଯାଉଛି । ହିନ୍ଦୁ ଜନଜାଗୃତି ସମିତି ରାଜ୍ୟରେ ଫିଲ୍ମକୁ ବ୍ୟାନ କରିବାକୁ ଅପିଲ କରିଛି । ଏହି ମୁଭିର ଟ୍ରେଲର ସେପ୍ଟେମ୍ବର ୯ରେ ରିଲିଜ ହୋଇଥିଲା।

## ଟ୍ରକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଯୋଡ଼ା,(ଡି.ଏନ.ଏ.)-କେନ୍ଦୁଝର ଜିଲା ଯୋଡ଼ା ଥାନା ଅଧୀନ ଯୋଡ଼ା ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟ ନିକଟରେ ରବିବାର ରାତିରେ ଟ୍ରକ୍ ଧକ୍କାରେ ଟୋଲଗେଟ୍ ଅଞ୍ଚଳର ଆନିଶ ମୁଣ୍ଡା(୨୨)ଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣା ପରେ ଉତ୍ତେଜିତ ଲୋକେ ଟ୍ରକ ଚାଳକଙ୍କୁ ମାଡ଼ ମାରିବାରୁ ସେ ଗୁରୁତର ଅବସ୍ଥାରେ ଯୋଡ଼ା ସ୍ଥିତ ଟାଟା ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି।

# ବିଦ୍ୟାଳୟ ପାଚେରି ଭୁଶୁଡ଼ିଲା

ବାହାନଗା,୧୮।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ଗ୍ରାମର ଥିବା ୫-ଟି ଉଚ୍ଚ ବିଦ୍ୟାଳୟର ପାଚେରି ଭୁଶୁଡ଼ି ପଡ଼ିଛି। ଠିକାଦାରଙ୍କ ଖାମଖିଆଲି ମନୋଭାବରୁ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଏହି ପାଚେରି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମ୍ୟଉନ୍ନୟନ ବିଭାଗ ଦ୍ୱାରା ୮ ବର୍ଷ ତଳେ ଉକ୍ତ ପାଚେରି ନିର୍ମାଣ ହୋଇଥିଲା। ତେବେ ବିଦ୍ୟାଳୟର ଉତ୍ତର ପାର୍ଶ୍ୱ ତଥା ବିଦ୍ୟାଳୟ ସାମ୍ନାରେ ଥିବା ଗେଟ୍ ପାଖରୁ କିଛି ଦୂର ପର୍ଯ୍ୟନ୍ତ


ଭୁଶୁଡ଼ି ପଡ଼ିଥିବା ବିଦ୍ୟାଳୟ ପାଚେରି।

ପାଚେରିକୁ ଲଗାଇ ଠିକାଦାର ବାଲି,ମେଟାଲ ଓ ଚିପ୍ସ ଆଦି ଜମା କରିଥିବାରୁ ବର୍ଷା ସମୟରେ ପାଚେରିଟି ଭାରସାମ୍ୟ ସହି ନ ପାରି ଭୁଶୁଡ଼ି ପଡ଼ିଥିବା ଗ୍ରାମବାସୀ କହିଛନ୍ତି। ଏନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ବିଦ୍ୟାଳୟ ପାଚେରି କଡ଼ରେ ଠିକାଦାର ବେଆଇନ ଭାବେ ବାଲି, ଚିପସ୍ ଆଦି ଜମା କରିଥିବା ସମ୍ପର୍କରେ ଗ୍ରାମବାସୀ ପୂର୍ବରୁ ସ୍ଥାନୀୟ ତହସିଲଦାରଙ୍କୁ ଜଣାଇଥିଲେ ମଧ୍ୟ ତହସିଲଦାର କିଛି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ପାଚେରି ଭୁଶୁଡ଼ି ପଡ଼ିଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଘର ଭାଙ୍ଗିବା ସହ ହତ୍ୟା ଧମକ ନେଇ ଅଭିଯୋଗ

ସାରସକଣା,୧୮।୯(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ବାଗବୁଡ଼ା ଗ୍ରାମର ୩ ବ୍ୟକ୍ତିଙ୍କ ଘର ଭାଙ୍ଗି ଦିଆଯାଇଛି। ଏଥିସହ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଥିବା ନେଇ ଶନିବାର ରାତିରେ ଥାନାରେ ଅଭିଯୋଗ ହୋଇଛି। ଗ୍ରାମର ପର୍ଶୁରାମ ମହାନ୍ତ, ଗୁରୁଶିବ ମାଝୀ ଓ ଈଶ୍ୱର ମହାନ୍ତ ଅଭିଯୋଗ କରିଛନ୍ତି ଯେ, ଶନିବାର ଦିନ ବେଳେ ସେମାନେ ଘରେ ନ ଥିବା ସମୟରେ ଗ୍ରାମର ତିନିଜଣ ବ୍ୟକ୍ତି ସେମାନଙ୍କ ଘର ଭାଙ୍ଗି ଦେଇଛନ୍ତି। ଏପରିକି ଘରେ ଉପସ୍ଥିତ ଥିବା ପରିବାର ଲୋକଙ୍କଠାରୁ ମୋବାଇଲ ଛଡ଼ାଇ ନେଇ ହତ୍ୟା ଧମକ ମଧ୍ୟ ଦେଇଛନ୍ତି। ଏନେଇ ଏକ ମାମଲା (ନଂ.୨୧୧/୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଏଏସ୍ଆଇ ରମେଶ ଚନ୍ଦ୍ର ମାଝୀ କହିଛନ୍ତି।

### କପୁଣ୍ଡିରେ ଭାଗବତ ଜନ୍ମ ଉତ୍ସବ

ପାଟଣା,୧୮।୯(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ଥାନା କପୁଣ୍ଡି ଗ୍ରାମର ମା' ତାରିଣୀଙ୍କ ପୀଠରେ ଭାଗବତ ଜନ୍ମ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଇନ୍ଦୁ ପୂର୍ଣ୍ଣିମାରୁ ଆରମ୍ଭ ହୋଇଥିବା ଉତ୍ସବ ସପ୍ତାହେ ଧରି ଅନୁଷ୍ଠିତ ହୋଇଥିଲା। ପୁରୋହିତ ରାମଚନ୍ଦ୍ର ଦାଶ ନୀତିକାନ୍ତିରେ ପୂଜାର୍ଚ୍ଚନା କରିଥିଲେ। ଶୁକ୍ରବାର ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ଗ୍ରାମର ପ୍ରହ୍ଲାଦ ରଣା, କିଶୋର ଚନ୍ଦ୍ର ପୃଷ୍ଟି, କେଶବ ଚନ୍ଦ୍ର ପୃଷ୍ଟି ସଂଯୋଜନା କରିଥିବା ବେଳେ ପ୍ରତ୍ୟେକ ଦିନ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। କନକଲତା ପୃଷ୍ଟି, ପ୍ରେମଲତା ବେହେରା, ମନ୍ଦଦରୀ ବିଶୋଇ, ଭାଗବତ ପାଠ କରିଥିଲେ। ଗ୍ରାମବାସୀ ଅନିରୁଦ୍ଧ ବିଶୋଇ, ଧନେଶ୍ୱର ବିଶୋଇ, କିରଣ ବେହେରା, ସିରିଶ ବିଶୋଇ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ରଙ୍ଗାପାଟ ଆଞ୍ଚଳିକ କୃଷି ସଂଗଠନର ବୈଠକ

କେନ୍ଦୁଝର,୧୮।୯(ସ୍ୱ.ପ୍ର.)-ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ଓସ୍ତପଙ୍ଗା ଅଙ୍ଗନୱାଡ଼ି କେନ୍ଦ୍ରରେ ରଙ୍ଗାପାଟ ଆଞ୍ଚଳିକ କୃଷି ସଂଗଠନର ବ୍ଲକସ୍ତରୀୟ ଚାଷୀ ସଂଗଠନ ଗଠବନ୍ଧନ ବୈଠକ କୀର୍ତି ଅନୁଷ୍ଠାନ ତରଫରୁ ଅନୁଷ୍ଠିତ ହୋଇଯାଇଛି। ସଭାରେ ୬ପଞ୍ଚାୟତର ୧୭ ଗ୍ରାମରୁ ୬୮ ମହିଳା ଓ ପୁରୁଷ ଚାଷୀ ସାମିଲ ହୋଇ ଆଲୋଚନା କରିଥିଲେ। ସଂଗଠନର ସମ୍ପାଦକ ଦୁଷ୍କର ବାରିକ କୃଷି ସମ୍ପର୍କିତ ବିଭିନ୍ନ ସୂଚନା ପ୍ରଦାନ କରିଥିଲେ। ବିଶେଷ କରି ଚାଷର ବର୍ତ୍ତମାନ ସ୍ଥିତି, ପାଣିପାଗ ପରିବର୍ତ୍ତନର ପ୍ରଭାବ, ଦେଶୀ ବିହନ, ଦେଶୀ ଧାନ, ଜୈବିକ ଖତ, କୀଟନାଶକ ଔଷଧ ଆଦିର ଉପକାରିତା ଓ ବ୍ୟବହାର ବିଷୟରେ ଆଲୋଚନା ହୋଇଥିଲା। ବର୍ତ୍ତମାନ ପ୍ରତିକୂଳ ପରିସ୍ଥିତିରେ କିପରି କମ ଖର୍ଚ୍ଚରେ ଓ ବିଷମୁକ୍ତ ଫସଲ ଅମଳ କରିହେବ ସେ ବିଷୟରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଯୋଜକ ରୋହିତ ମିଶ୍ର, ରାଜେଶ ସ୍ୱାଇଁ, ପ୍ରତିମା ପାଣିଗ୍ରାହୀ, ତଥା ରଙ୍ଗାପାଟ ଆଞ୍ଚଳିକ କୃଷି ସଂଗଠନର ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ।

### ନୂତନ ଏସ୍‌ଡିପିଓଙ୍କ ଯୋଗଦାନ



ରାଇରଙ୍ଗପୁର,୧୮।୯(ଡି.ଏନ୍.ଏ)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁରରେ ନୂତନ ଏସ୍‌ଡିପିଓ ଭାବେ ଗୋକୁଳାନନ୍ଦ ସାହୁ ରବିବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ଏହା ପୂର୍ବରୁ ସୁନ୍ଦରଗଡ଼ ଜିଲ୍ଲା କ୍ରାଇମ୍ ଡିଏସ୍‌ପି ଭାବେ କାର୍ଯ୍ୟ କରୁଥିଲେ। କାର୍ଯ୍ୟଭାର ଗ୍ରହଣ ପରେ ରାଇରଙ୍ଗପୁରର ବିଭିନ୍ନ ଥାନାରେ ଆଇନଶୃଙ୍ଖଳା ଉପରେ ପଦକ୍ଷେପ ନେବେ ବୋଲି କହିଛନ୍ତି। ରାଇରଙ୍ଗପୁର ଏସ୍‌ଡିପିଓ ରତିକାନ୍ତ ଗିରିଙ୍କ ଭୁବନେଶ୍ୱର ସ୍ଥିତି ଗୋଇନ୍ଦା ବିଭାଗ ଡିଏସ୍‌ପି ଭାବେ ସ୍ଥାନାନ୍ତରିତ ହୋଇଛି।

# ସାଧାରଣ ନିର୍ବାଚନରେ ବିକଳ୍ପ ସାଜିବ ଏଏପି

## ଦଳର ଜିଲାସ୍ତରୀୟ ସମାବେଶ

ବାରିପଦା ଅଫିସ,୧୮।୯

ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ସମସ୍ତ ରାଜନୈତିକ ଦଳର ବିକଳ୍ପ ଭାବେ ଆମ୍ ଆଦମୀ ପାର୍ଟି(ଏଏପି) ଉଭା ହେବ। ରବିବାର ଦଳ ପକ୍ଷରୁ ବାରିପଦାଠାରେ ଅନୁଷ୍ଠିତ ଏକ ଜିଲାସ୍ତରୀୟ ସମାବେଶରେ ରାଜ୍ୟ ସଙ୍ଗଠନର ପର୍ଯ୍ୟବେକ୍ଷକ ଜୟସୂର୍ଯ୍ୟ କାନୁନ୍‌ଗୋ ଏହା ପ୍ରକାଶ କରିଛନ୍ତି। ରାଜ୍ୟ ତଥା ମୟୂରଭଞ୍ଜ ଜିଲାରେ ଆଗାମୀ ନିର୍ବାଚନରେ ବିରାଟ ପରିବର୍ତ୍ତନ ହେବ ବୋଲି ମତବ୍ୟକ୍ତ କରିଛନ୍ତି। ଅଧ୍ୟାପକ ଗୋପବନ୍ଧୁ ଓ ଚନ୍ଦନ କିସ୍କୁଙ୍କ ତତ୍ତ୍ୱାବଧାନରେ ସମାବେଶରେ ଜିଲାରେ ଦୁର୍ବଳ ରାଜନୈତିକ ନେତୃତ୍ୱକୁ ହଟାଇ ଏକ ସଶକ୍ତ ଓ ପାରଦର୍ଶୀ ରାଜନୈତିକ ଶକ୍ତିର ଅଭ୍ୟୁଦୟ କେବଳ ଆମ୍ ଆଦମୀ ପାର୍ଟି ମାଧ୍ୟମରେ ସମ୍ଭବ ହୋଇପାରିବ ବୋଲି ଉପସ୍ଥିତି ବକ୍ତାମାନେ କହିଛନ୍ତି। ମୁକ୍ତ ଗୁଣାତ୍ମକ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ହେଉଛି ପାର୍ଟିର ସଙ୍କଳ୍ପ। ଏହା ସହିତ ପ୍ରତି ହିତାଧିକାରୀଙ୍କୁ ମାଗଣାରେ ୨ଶହ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଦେୟ ଛାଡ଼, ସମସ୍ତଙ୍କ ଘରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ବେକାର ଯୁବତୀ ଯୁବକଙ୍କୁ କର୍ମନିଯୁକ୍ତି ସହିତ ଭ୍ରଷ୍ଟାଚାର ମୁକ୍ତ ଶାସନ ଓ ପ୍ରଶାସନ ବ୍ୟବସ୍ଥା ଉପରେ ପ୍ରାଥମିକତା ଦିଆଯିବ। ପର୍ଯ୍ୟଟନସ୍ଥଳୀର ବିକାଶ, ଖଣିଜ ସମ୍ପଦର ଉପଯୋଗ, ଶିଳ୍ପାୟନ ଉପରେ ଗୁରୁତ୍ୱ, ବୈଜ୍ଞାନିକ କୃଷି ଓ କୃଷି ଭିତ୍ତିକ ଉଦ୍ୟୋଗୀକରଣ ମାଧ୍ୟମରେ ଜିଲାକୁ ଆଗେଇ ନେବା ସହିତ ବେକାରିସମସ୍ୟାର ସମାଧାନ କରାଯାଇପାରିବ ବୋଲି ଉପସ୍ଥିତ ବକ୍ତାମାନେ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶରତ ଚନ୍ଦ୍ର ମହାନ୍ତ, ଚାନ୍ଦରାୟ ହାଁସଦା, କର୍ମୀ ମନୋଜ ମହାନ୍ତ, ବାଦଲ ହେମ୍ବ୍ରମ, ଶିବାଜୀ ମହାନ୍ତଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ଥିଲେ। ଶେଷରେ ମିଶ୍ରଣ ପର୍ବରେ ବିଭିନ୍ନ ଦଳର କାର୍ଯ୍ୟକର୍ତ୍ତା ଆପ୍‌ରେ ସାମିଲ ହୋଇଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ଲାଗି ପ୍ରସ୍ତୁତି

ଖଇରା, ୧୮।୯(ଡି.ଏନ.ଏ.)

ଖଇରା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ ଲାଗି ପ୍ରସ୍ତୁତି ବୈଠକ ଶୁକ୍ରବାର ବାଲେଶ୍ୱର ଜିଲା ଅଧୀନ ଖଇରାଠାରେ ମଞ୍ଚ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶରତ କୁମାର ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକ ପ୍ରାରମ୍ଭରେ ଦିବଂଗତ ଶିକ୍ଷକ କୈଳାସ ଚନ୍ଦ୍ର ଜେନା, ଖଇରା ବଜାର ବ୍ୟବସାୟୀ ସୁଦର୍ଶନ ବାରିକ ଓ ରାଣୀ ଏଲିଜାବେଥଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସମ୍ପାଦକ ମୁକ୍ତିକାନ୍ତ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଅକ୍ଟୋବର ୧ ତାରିଖ ବରିଷ୍ଠ ନାବରିକ ଦିବସରେ ମଞ୍ଚର ବାର୍ଷିକୋତ୍ସବ ଶିକ୍ଷକ ସଂଘ ଭବନରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ମୁଖପତ୍ର ବର୍ଷଆନ ପ୍ରସ୍ତୁତି ସମ୍ପର୍କରେ ବସନ୍ତ କୁମାର ଖିଲାର ଆଲୋଚନା କରିଥିଲେ। କୋହିନୁର ହୀରା ଭାରତକୁ ଫେରାଇ ଆଣିବାକୁ ଜଗନ୍ନାଥ ସେନା ଉଠାଇଥିବା ଦାବିକୁ ମଞ୍ଚର ସଦସ୍ୟମାନେ ସମର୍ଥନ ଜଣାଇଥିଲେ। ବୁଦ୍ଧିରାମ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।


ଆରଡ଼ି ଆଖଣ୍ଡଳମଣି ମନ୍ଦିର ବେଢ଼ାରେ ଥିବା ପାର୍ଶ୍ୱଦେବୀ ଜୟଦୁର୍ଗାଙ୍କ ବଗଳାମୁଖୀ ବେଶ।

## ମା' ଭୂଧାରଚଣ୍ଡୀଙ୍କ ପୀଠରେ ଷୋଡ଼ଶ ଉପଚାର ପୂଜା

ନୀଳଗିରି,୧୮।୯(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରି ସଜନାଗଡ଼ର ପ୍ରତିଷ୍ଠିତ ଦେବୀ ମା' ଭୂଧାରଚଣ୍ଡୀଙ୍କ ପୀଠରେ ଚାଲିଛି ଷୋଡ଼ଶ ଉପଚାର ପୂଜା। ଗତ ଶନିବାର ମୂଳାଷ୍ଟମୀଠାରୁ ଆରମ୍ଭ ହୋଇଥିବା ଏହି ଶାରଦୀୟ ପାର୍ବଣ ପୂଜା ମହାଷ୍ଟମୀ ପର୍ଯ୍ୟନ୍ତ ୧୬ଦିନ ଚାଲିବ। ଷୋଳ ପୂଜା ପାଇଁ ଦେବୀଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି। ପ୍ରତ୍ୟେକ ଦିନ ସ୍ୱତନ୍ତ୍ର ନୀତିକାନ୍ତି ସହ ମା' ବିଭିନ୍ନ ବେଶରେ ସୁସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥାନ୍ତି। ମା'ଙ୍କୁ ବିଭିନ୍ନ ବେଶରେ ପ୍ରତିଦିନ ସୁବାସିତ ଜଳରେ ହଳଦୀ, ଚୁଆ, ଅଗୁର, ଶ୍ରୀ କର୍ପୂର, ଚନ୍ଦନ ପ୍ରଭୃତି ପକାଯାଇ ମନ୍ତ୍ରପାଠ ଦ୍ୱାରା ଶୋଧନ କରି ସହସ୍ର କୁମ୍ଭାଭିଷେକ ଜଳରେ ମା'ଙ୍କୁ ସ୍ନାନ ଓ ସୁସଜ୍ଜିତ କରାଯାଇଥାଏ। ମୁଖ୍ୟ ପୂଜକ ଭାବେ ବିଜୟ ପଣ୍ଡା ପୂଜା ପରିଚାଳନା କରିଥାନ୍ତି। ଏହି ସମୟରେ ମା'ଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁଙ୍କ ମନୋସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମା' ଭୂଧାରଚଣ୍ଡୀ ମହିଷାସୁରକୁ ବଧ କରିବାକୁ ବ୍ରହ୍ମାକୁଣ୍ଡରୁ ଜାତ ହୋଇଥିବା ବିଶ୍ୱାସ ଥିବାରୁ, ଏହି ପରମ୍ପରାରେ ପ୍ରତ୍ୟେକ ବର୍ଷ ପୂଜାବିଧି ହୋଇ ଆସୁଛି। ଅକ୍ଟୋବର ୧ରେ ମହାସପ୍ତମୀ ପୂଜା ଓ ୨ରେ ଅଷ୍ଟମୀ ପୂଜା ସହ ୩ ରେ ନବମୀ ପୂଜା ସନ୍ଧ୍ୟାରେ ନୀଳଗିରି ରାଜା ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ପୂଜକ ମାଧ୍ୟମରେ ପୂର୍ଣ୍ଣାହୁତି କରିଥାନ୍ତି। ୪ ତାରିଖ ଦଶହରାରେ ମା' ଭୂଧାରଚଣ୍ଡୀ ଶାରଦୀୟ ପାର୍ବଣ ଘଟକୁ ବିସର୍ଜନ ଦେବାପରେ ପୂଜାରୀ ଘଟକୁ ମୁଣ୍ଡରେ ମୁଣ୍ଡାଇ ବାଜା ଢୋଲ ମହୁରି ବଜାଇ ମା'ଙ୍କ ସର୍ଦ୍ଦାର ଚକ୍ରଧର ଦାସ ଓ କିଛି ଶ୍ରଦ୍ଧାଳୁ ସଜନାଗଡ଼ ପୀଠରୁ ବାହାରି ନୀଳଗିରି ରାଜବାଟୀ ସ୍ଥିତ କନକଦୁର୍ଗା ମନ୍ଦିରରେ ପହଞ୍ଚାଇଥାନ୍ତି।


ମା' ଭୂଧାରଚଣ୍ଡୀଙ୍କ ପୀଠ।

# ରୋଗୀଙ୍କୁ ଦରମା ଦାନ କଲେ ପ୍ରଧାନଶିକ୍ଷକ

ଧୂଷୁରୀ, ୧୮।୯

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଗୋବିନ୍ଦପୁର ପଞ୍ଚାୟତର ନବକିଶୋର ନାଥଙ୍କ ପୁଅ ଚିତ୍ତରଞ୍ଜନ (୩୧) କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଅଛନ୍ତି। ଏ ସମ୍ପର୍କରେ ଜାଣିବାକୁ ପାଇ ଧାମନଗର ଏନ୍‌ଏସି ଅନ୍ତର୍ଗତ ତାଳପଦା ଅଞ୍ଚଳବାସୀ ତଥା ମହେନ୍ଦ୍ର ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ହେମେନ୍ଦ୍ର ନାଥ ମହାନ୍ତି (୪୮) ଶନିବାର ପୂର୍ବାହ୍ନରେ ଚିତ୍ତରଞ୍ଜନଙ୍କ ଘରେ ପହଞ୍ଚି ତାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ଚିତ୍ତରଞ୍ଜନଙ୍କୁ ସହାୟତା ପୂର୍ବକ ଦୁଇ ଦିନର ଦରମା ସେ ପ୍ରଦାନ କରିଛନ୍ତି।

ସେହିପରି ଏହି ବ୍ଲକର ରାଧାବଲ୍ଲଭପୁର ପଞ୍ଚାୟତ ବନ୍ଧଟିଆ ଗ୍ରାମର ମହେନ୍ଦ୍ର ପାଢ଼ୀ(୭୫) କର୍କଟ ରୋଗରେ ପୀଡ଼ିତ। ସେ ଶଯ୍ୟାଶାୟୀ ଥିବାବେଳେ ପ୍ରଧାନଶିକ୍ଷକ ମହାନ୍ତି ତାଙ୍କ ବାସଭବନରେ ପହଞ୍ଚି ଆଶ୍ୱାସନା ଦେବା ସହ ଖାଦ୍ୟ ସାମଗ୍ରୀ ଯୋଗାଇ ଦେଇଛନ୍ତି। ଜଣେ ସ୍ନେହୀ, ପରୋପକାରୀ, ସହୃଦୟ ବ୍ୟକ୍ତି ଭାବେ ପରିଚିତ ପ୍ରଧାନଶିକ୍ଷକ ମହାନ୍ତିଙ୍କ ଏତାଦୃଶ ଜନକଲ୍ୟାଣ କାର୍ଯ୍ୟକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।


ମହେନ୍ଦ୍ର ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନଶିକ୍ଷକ ହେମେନ୍ଦ୍ର ନାଥ ମହାନ୍ତି କିଡ୍‌ନୀ ରୋଗରେ ପୀଡ଼ିତ ଚିତ୍ତରଞ୍ଜନ ନାଥଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

# ବିଦ୍ୟୁତ୍ କର୍ମଚାରୀଙ୍କ ସମସ୍ୟା ନେଇ ବୈଠକ

ଭଦ୍ରକ ଅଫିସ, ୧୮।୯

ଭଦ୍ରକ ସୀତାରାମ କଲ୍ୟାଣ ମଣ୍ଡପଠାରେ କଳିଙ୍ଗ ବିଦ୍ୟୁତ୍ କର୍ମଚାରୀ ସଂଘ ପକ୍ଷରୁ ଜିଲାର ଆଉଟସୋର୍ସ ଓ ଠିକା କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଟେକ୍ନିକାଲ କର୍ମଚାରୀଙ୍କ ଦରମାଗତ ସମସ୍ୟା, ସର୍ବନିମ୍ନ ଇନିସିଆଲ ଦରମା ୨୯,୨୦୦ ଟଙ୍କା, କ୍ୟାଡର ପୁନର୍ଗଠନ ଆଦି ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା। ନିୟମିତ କର୍ମଚାରୀ, ଠିକା କର୍ମଚାରୀ ଓ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ରଖିବାକୁ ସଂଘ ସବୁବେଳେ ଗୁରୁତ୍ୱ ଦେଇ ଆସିଛି ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ଶୁଭେନ୍ଦୁ ବେହେରାଙ୍କୁ ସଭାପତି ଭାବେ ପରବର୍ତ୍ତୀ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପ୍ରଭାକର ପ୍ରଧାନ, ବସନ୍ତ ମହାନ୍ତି, ସତ୍ୟବ୍ରତ ପଣ୍ଡା, ଜୟଗୋପାଳ ବାରିକ, ମାନସ ରଞ୍ଜନ ବେହେରା, ଜିତେନ୍ଦ୍ର ଜେନା, ପାର୍ଥସାରଥୀ ଭୂୟାଁ, ଜିତେନ୍ଦ୍ର କୁମାର ମହାନ୍ତି, ସୁମିତ କୁମାର ମହାପାତ୍ର, ସତ୍ୟପ୍ରକାଶ ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ସ୍କୁଲ୍ ଖେଳପଡ଼ିଆରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପ୍ରସଙ୍ଗ ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା

ବାଲିଆପାଳ, ୧୮।୯(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ସୁବର୍ଣ୍ଣରେଖା ହାଇସ୍କୁଲ ଖେଳପଡ଼ିଆରେ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ଜମି ହସ୍ତାନ୍ତର କରାଯାଇଛି। ଯାହାକୁ ନେଇ ଲାଗିରହିଥିବା ବିବାଦ ପୁଣି ତେଜିବାରେ ଲାଗିଛି। ଏହାର ପ୍ରତିବାଦ କରି ସୂଚନା ଅଧିକାର ଅଭିଯାନ ବାଲିଆପାଳ ଶାଖା ପକ୍ଷରୁ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ରୁଜୁ କରାଯାଇଛି।

ଏହି ହାଇସ୍କୁଲ ଖେଳପଡ଼ିଆକୁ ମଡେଲ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପରିବହନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଖେଳପଡ଼ିଆରେ ବସ୍‌ଷ୍ଟାଣ୍ଡ ନିର୍ମାଣକୁ ବିରୋଧ କରି ବାଲିଆପାଳବାସୀ କୋର୍ଟରେ ମକଦ୍ଦମା ରୁଜୁ କରିଥିବା ବେଳେ ତାହା ଏବେ ବିଚାରାଧୀନ ରହିଛି। ଅନ୍ୟପକ୍ଷେ ସୂଚନା ଅଧିକାର ଅଭିଯାନ ପକ୍ଷରୁ ସାବକ ଖତିଆନରେ ଖେଳପଡ଼ିଆ ଓ ପୁରୁଣା ବସ୍‌ଷ୍ଟାଣ୍ଡକୁ ମାପ କରାଯାଇ ଜବରଦଖଲକାରୀଙ୍କୁ ଉଚ୍ଛେଦ କରି ପୁରୁଣା ବସ୍‌ଷ୍ଟାଣ୍ଡରେ ନୂଆ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବାଲିଆପାଳ ତହସିଲଦାର, ଜିଲାପାଳ, ଉପଜିଲାପାଳ, ରାଜସ୍ୱ କମିଶନର ଓ ରାଜସ୍ୱ ସଚିବଙ୍କୁ ଲିଖିତ ଦରଖାସ୍ତ ଦେଇଥିଲେ। ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ସୂଚନା ଅଧିକାର ଅଭିଯାନ ସଦସ୍ୟଙ୍କ ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ସମ୍ବଳିତ ମାମଲା (ଡବ୍ଲୁପିସି ୨୩୨୭୪/୨୦୨୨)ରୁଜୁ ହୋଇଥିବା ବାଲିଆପାଳ ଶାଖା ସଭାପତି ଅନୁଜ ମହାପାତ୍ର କହିଛନ୍ତି।

# ପୋଲ ସଂଯୋଗ ରାସ୍ତା ଭୁଶୁଡ଼ିଲା

ସୋର, ୧୮।୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ ନନ୍ଦିଗାଁ ପଞ୍ଚାୟତ ଗଞ୍ଜ -ଗୁହାଳଡିହି ଗ୍ରାମ ରାସ୍ତାରେ ନୂଆବନ୍ଧ ନଦୀ ଉପରେ ଥିବା ୪୦ ଫୁଟ୍ ଦୈର୍ଘ୍ୟ ୧୦ ଫୁଟ୍ ଓସାର ପୋଲକୁ ସଂଯୋଗ କରୁଥିବା ରାସ୍ତା ଏବେ ଲଘୁଚାପଜନିତ ଲଗାଣ ବର୍ଷାରେ ଭୁଶୁଡି ପଡିଛି। ଫଳରେ ଦୁଇଟି ପଞ୍ଚାୟତ ଅଧୀନ ୧୨ ଗ୍ରାମର ଲୋକେ ଯାତାୟାତ ପାଇଁ ହଇରାଣ ହେଉଛନ୍ତି। ବ୍ଲକ ତତ୍ତ୍ୱାବଧାନରେ ୧୯୯୦ରେ ନିର୍ମିତ ଏହି ଗୁରୁତ୍ୱପୂର୍ଣ୍ଣ ରାସ୍ତା ୧୯୯୯ ମହାବାତ୍ୟାରେ ଭୁଶୁଡି ପଡିଥିଲା। ସେବେଠାରୁ ବାଉଁଶ ପୋଲ କରି ସ୍ଥାନୀୟ ଲୋକେ କଷ୍ଟେମଷ୍ଟେ ଯାତାୟାତ କରୁଥିବା ବେଳେ ୨୦୦୨ରେ ଏହି ପୋଲ ନିର୍ମାଣ ପରେ ଲୋକଙ୍କ ଯାତାୟାତ ସମସ୍ୟା ହଟିଥିଲା। ଚଳିତ ଲଘୁଚାପ ବର୍ଷାରେ ଏହି ପୋଲ ମୁହଁ ଭୁଷୁଡି ପଡିବାରୁ ସ୍ଥାନୀୟ ଲୋକଙ୍କ ସହାୟତାରେ ବାଲି ବସ୍ତା ପକାଇ କାମଚଳା ସଂଯୋଗ ରାସ୍ତା ହୋଇଥିଲା। ଏବେ ପୁଣି ସେହି ରାସ୍ତାକୁ ପୋଲ ତଳ ପ୍ରଖରସ୍ରୋତ ଭସାଇ ନେଇଥିବାରୁ ବିପଦସଂକୁଳ ଅବସ୍ଥାରେ କେବଳ ପାଦଚଲା ରାସ୍ତାଟିଏ ହୋଇଛି। ଯାନବାହନ ଦୂରର କଥା ରିକ୍ସାଟିଏ ଯିବା ସମ୍ଭବ ହେଉନି। ଏହି ରାସ୍ତା ଭୁଶୁଡି ପଡିଥିବାରୁ ପ୍ରଖର ନଦୀସ୍ରୋତ ଏବେ ପୋଲ ପାଇଁ ବିପଦ ହୋଇଛି। ସଂଯୋଗ ରାସ୍ତା ତୁରନ୍ତ ମରାମତି ନ ହେଲେ ନଦୀଗାଁ ଓ ମଧୁସୂଦନପୁର ପଞ୍ଚାୟତ ଅଧୀନ ଗଞ୍ଜ, ଗୁହାଳଡିହି ସମେତ ଖଜୁରିଡିହା, ମଧୁ, କୁରୁଣିଆ, ନହରପଦା, କୁଶଗଡ଼ିଆ, ବାଇନଣ୍ଡା ଓ ଅଗିରିଆ ଗ୍ରାମର ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପ୍ରଶାସନକୁ ଚେତାବନୀ ଦେଇଛନ୍ତି।

# ସୁବର୍ଣ୍ଣରେଖା ଗୋବରଘଟା ସେତୁ ପାଇଁ ଜିଲାପାଳଙ୍କ ସମୀକ୍ଷା

ଜଳେଶ୍ୱର, ୧୮।୯(ଡି.ଏନ.ଏ.)

ଜଳେଶ୍ୱର-ରାଇବଣିଆ ସିଧାସଳଖ ସଂଯୋଗୀକରଣ ପାଇଁ ଗୋବରଘଟା-ଦକ୍ଷିଣପ୍ରହରାଜପୁରଠାରେ ସୁବର୍ଣ୍ଣରେଖା ନଦୀରେ ଏକ ସେତୁ ନିର୍ମାଣ ଲାଗି ଜିଲାପାଳ ଶୁକ୍ରବାର ସମୀକ୍ଷା କରିଛନ୍ତି । ଦୀର୍ଘଦିନରୁ ଏହି ପ୍ରସ୍ତାବକୁ ଭାରତ ସରକାରଙ୍କ ଅନ୍ତର୍ଦେଶୀୟ ଜଳପଥ ବିଭାଗର ସ୍ୱୀକୃତି ମିଳି ନ ଥିବାରୁ ଏହି କାର୍ଯ୍ୟ ଆରମ୍ଭ ହୋଇ ନ ଥିଲା ।

ଜଳେଶ୍ୱର ବ୍ଲକ ସହିତ ରାଇବଣିଆକୁ ସଂଯୋଗ ଲାଗି ସୁବର୍ଣ୍ଣରେଖା ନଦୀ ବାଧକ ସୃଷ୍ଟି କରିଥାଏ। ସିଧାସଳଖ ଯାତାୟାତ ଲାଗି ଗୋବରଘଟା-ଦକ୍ଷିଣ ପ୍ରହରାଜପୁର ସଂଯୋଗୀକରଣ ଲାଗି ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ ପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଫଳରେ ସେଠାରେ ଏକ ୬୬୦ ମିଟର ଲମ୍ବ ସେତୁ ନିର୍ମାଣ ସହିତ ଅଢେଇ କି.ମି.ର ଆପ୍ରୋଚ୍ ରୋଡ ପାଇଁ ୧୪୦କୋଟି ଟଙ୍କା ମଞ୍ଜୁର ହୋଇଥିବା ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ କହିଛନ୍ତି। ଗୋବରଘଟା ପଟେ ୪.୫ ଓ ଦକ୍ଷିଣ ପ୍ରହରାଜପୁର ପଟେ ୯.୫ ଏକର ସ୍ଥାନ ୧୫ଦିନ ଅଧିଗ୍ରହଣ କରିବାକୁ ଜଳେଶ୍ୱର ତହସିଲଦାର ସ୍ମୃତିରଞ୍ଜନ ମଲ୍ଲିକଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ପୋଲ ନିର୍ମାଣ ହେଲେ ଜଳେଶ୍ୱରରୁ ରାଇବଣିଆ ସିଧାସଳଖ ଯାତାୟାତ ସମ୍ଭବ ହେବା ସହିତ ପଶ୍ଚିମ ମେଦନୀପୁର ଜିଲାକୁ ରାସ୍ତା ଫିଟିପାରିବ । ଭାରତ ସରକାରଙ୍କ ପୋର୍ଟ ଓ ସିପିଂ ବିଭାଗର ଅର୍ନ୍ତଦେଶୀୟ ଜଳପଥ ଶାଖା ଏନେଇ ସ୍ୱୀକୃତି ପ୍ରଦାନ କରିଥିବା କୁହାଯାଇଛି । ଖରାଦିନ ପୂର୍ବରୁ ପୋଲ କାର୍ଯ୍ୟ ଆରମ୍ଭ କରିବାକୁ ଜିଲାପାଳ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଆଲୋକ ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜଳେଶ୍ୱର ଲକ୍ଷ୍ମଣନାଥ ରାସ୍ତାର ପୁରୁଣା ତନଖି ଫାଟକ ନିକଟରେ ଏହି ରାସ୍ତାକୁ ସଂଯୋଗ କରାଯିବ ବୋଲି ଜଣାଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ମୀନତି କର, ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ଇଂ. ଅଶୋକ କୁମାର ପଣ୍ଡା, କନିଷ୍ଠଯନ୍ତ୍ରୀ ଇଂ. ସୁନୀଲ କୁମାର ଦାସ, ସାମାଜିକ କର୍ମୀ ଚନ୍ଦନ କର ଓ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଲୋକଙ୍କୁ ଘାରିଛି ଡେଙ୍ଗୁ ଭୟ

ଧାମନଗର,୧୮।୯(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକର ଆନନ୍ଦପୁର ପଞ୍ଚାୟତରେ ଡେଙ୍ଗୁ ଭୟାବହତାକୁ ନେଇ ସ୍ଥାନୀୟ ଲୋକେ ଚିନ୍ତାରେ ରହିଛନ୍ତି। ରକ୍ତ ନମୁନାରେ ଡେଙ୍ଗୁ ଚିହ୍ନଟ ହେବା ପରେ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖାଯାଇଛି। ଏନେଇ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୌଣସି ସଚେତନତା ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ମାନଲାପୁର ଗ୍ରାମର ଜଣେ ମହିଳା ଗତ ସୋମବାର ଜ୍ୱରରେ ପୀଡ଼ିତ ହୋଇ ଯାଜପୁର ଜିଲା ଚିକିତ୍ସାଳୟରେ ଚିକିତ୍ସିତ ହୋଇଥିଲେ। ସେଠାରେ ତାଙ୍କ ରକ୍ତ ନମୁନା ସଂଗ୍ରହ ପରେ ଡେଙ୍ଗୁ ପଜିଟିଭ୍ ବାହାରିଥିଲା। ପରେ ଚିକିତ୍ସା ପାଇଁ ତାଙ୍କୁ କଟକ ଜଗତପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ମଧ୍ୟ ପିଜିଟିଭ୍ ବାହାରିଥିଲା। ଜ୍ୱର ଭଲ ନ ହେବା ସାଙ୍ଗକୁ ଅନ୍ୟ ରୋଗ ବାହାରି ଶନିବାର ଭୋର ସମୟରେ ତାଙ୍କର ମୃତ୍ୟୁ ଘଟିଛି।

ସେହିପରି ଉତେଇପୁର ଗ୍ରାମର ଜଣେ ମହିଳା ଯାଜପୁର ଜିଲା ଚିକିତ୍ସାଳୟରେ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇ ଏବେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମାନଲାପୁର ଗ୍ରାମର ଜଣେ ମହିଳା ଯାଜପୁରରେ ଡେଙ୍ଗୁ ପଜିଟିଭ୍ ଚିହ୍ନଟ ହୋଇ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏପରିକି ଦୁଇ ଗ୍ରାମର ଆଉ ୩ ଜଣଙ୍କର ଜ୍ୱର ନ ଛାଡ଼ିବାରୁ ଚିକିତ୍ସା ପାଇଁ ରବିବାର ଯାଜପୁର ଡାକ୍ତରଖାନାକୁ ଯାଇଛନ୍ତି। ଏହିଭଳି ଗ୍ରାମରେ ବହୁ ଲୋକଙ୍କୁ ଜ୍ୱର ହୋଇଥିଲେ ମଧ୍ୟ ଭୟରେ ଡାକ୍ତରଖାନା ଯାଉନାହାନ୍ତି। ଗ୍ରାମର ଯୁବକମାନେ ଅଡିଓ କ୍ଲିପ୍ ଜରିଆରେ ଲୋକଙ୍କୁ ଡେଙ୍ଗୁ ସମ୍ପର୍କରେ ସଚେତନ କରାଉଛନ୍ତି। ଏନେଇ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଉକ୍ତ ଗ୍ରାମରେ କୌଣସି ସଚେତନତା କରାଯାଇ ନ ଥିବା ବେଳେ ଡାକ୍ତରୀ ଟିମ୍ ମଧ୍ୟ ପହଞ୍ଚି ନ ଥିବା କୁହାଯାଇଛି। ଏ ସମ୍ପର୍କରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର କହିଛନ୍ତି, ଉକ୍ତ ଗ୍ରାମରେ ବର୍ତ୍ତମାନ ସ୍ଥିତି ସ୍ଥିର ରହିଛି। ସୋମବାର ଏକ ମେଡିକାଲ ଟିମ୍ ସେଠାକୁ ଯାଇ ସଚେତନ କରାଇବା କାର୍ଯ୍ୟକ୍ରମ ରହିଛି।

# ଆହାନଙ୍କୁ ବ୍ରୋଞ୍ଜ ପଦକ



ଭୁବନେଶ୍ୱର, ୧୮।୯ (କ୍ରୀଡ଼ା ପ୍ରତିନିଧି): କାଜାଖସ୍ତାନର ନୁର ସୁଲତାନଠାରେ ଅନୁଷ୍ଠିତ ଆଇଟିଏଫ୍ ୧୨ ବର୍ଷରୁ କମ୍ ଟିମ୍ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଭାରତୀୟ ଦଳର ସଦସ୍ୟା ଭାବେ ଓଡ଼ିଶାର ଆହାନ ମଧ୍ୟ ଏହି ଗୌରବର ଅଧିକାରୀ ହୋଇ ରାଜ୍ୟକୁ ଗର୍ବିତ କରିଛନ୍ତି। ପ୍ରତିଯୋଗିତାରେ ଆହାନଙ୍କ ପ୍ରଦର୍ଶନ ଚମତ୍କାର ରହିଥିଲା। ସେ ଥାଇଲାଣ୍ଡକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଦେଶର ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ବିଜୟ ହାସଲ କରିଥିଲେ। ରାଜ୍ୟର ପ୍ରତିଷ୍ଠିତ କୋଚ୍ ଅଜୟ ନିଶଙ୍କଙ୍କ ଅଧୀନରେ କୋଚିଂ ନେଇ ଆହାନ କ୍ୟାରିୟରକୁ ଆଗକୁ ବଢ଼ାଇଛନ୍ତି।

# ଦଣ୍ଡପତି, ଲକ୍ଷ୍ମୀପ୍ରିୟାଙ୍କୁ ରୌପ୍ୟ

ଭୁବନେଶ୍ୱର, ୧୮।୯ (କ୍ରୀଡ଼ା ପ୍ରତିନିଧି)

ଭୋପାଳର ତାନ୍ତିଆ ଟୋପେ ଷ୍ଟାଡିୟମରେ ଚାଲିଥିବା ୧୭ତମ ଜାତୀୟ ୟୁଥ୍ (୧୮ ବର୍ଷରୁ କମ୍) ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ରବିବାର ଓଡ଼ିଶାର ଦଣ୍ଡପତି ଜୟରାମ ଓ ଲକ୍ଷ୍ମୀପ୍ରିୟା କିଷାନ ରୌପ୍ୟ ପଦକ ହାସଲ କରଛନ୍ତି।

**ଜାତୀୟ ୟୁଥ୍ ଆଥଲେଟିକ୍ସ**



ଦଣ୍ଡପତି ଜୟରାମ



ଲକ୍ଷ୍ମୀପ୍ରିୟା କିଷାନ

ବାଳକ ୧୦୦ ମିଟର ରେସ୍‌କୁ ୧୦.୯୧ ସେକେଣ୍ଡରେ ଅତିକ୍ରମ କରି ଦଣ୍ଡପତି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। କେରଳର ଆଶଲିନ ଆଲେକ୍‌ଜାଣ୍ଡର (୧୦.୮୭ ସେକେଣ୍ଡ) ସ୍ୱର୍ଣ୍ଣ ଓ ପଶ୍ଚିମବଙ୍ଗର ଅଲମାସ କବିର (୧୦.୯୨) ବ୍ରୋଞ୍ଜ ପଦକ ପାଇଥିଲେ। ସେହିପରି ବାଳିକା ୮୦୦ ମିଟର ରେସ୍‌ରେ ଲକ୍ଷ୍ମୀପ୍ରିୟା ୨:୧୬.୪୮ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ଲାଭ କରିଥିଲେ। ଏହି ଇଭେଣ୍ଟରେ ଝାଡ଼ଖଣ୍ଡର ଆଶାକିରଣ ବାର୍ଲା (୨:୮.୪୫) ଓ ହରିୟାଣାର ଆଶା (୨:୧୬.୬୦) ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ପାଇଥିଲେ। ଲଙ୍ଗ୍‌ଜମ୍ପ ଇଭେଣ୍ଟରେ ଯମୁନା ଟୁଡି ଓ ସବିତା ଟପ୍ପୋ ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନରେ ରହିଥିଲେ। ବାଳକ ୮୦୦ ମିଟରରେ ପଙ୍କଜ ମଣ୍ଡଳ ୮ମ ସ୍ଥାନ ପାଇଥିଲେ। ଦ୍ୱିତୀୟ ଦିବସ ଶେଷସୁଦ୍ଧା ଓଡ଼ିଶା ମୋଟ ୧ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ହାସଲ କରିଛି। ସୋମବାର ପ୍ରତିଯୋଗିତାର ଶେଷ ଦିବସ।

# ଉତ୍ତରାଞ୍ଚଳକୁ ୬୪୫ ରନ୍‌ରେ ହରାଇଲା ଦକ୍ଷିଣାଞ୍ଚଳ

କୋଏମ୍ବାଟୁର, ୧୮।୯ (ପି.ଟି.)

**ଦୁଲୀପ ଟ୍ରଫି**

ବାମହାତୀ ରକ୍ଷଣଶୀଳ ସ୍ପିନର ଆର. ସାଇ କିଶୋରଙ୍କ ପ୍ରଥମ ୧୦ ଉଇକେଟ ସଫଳତା ସହାୟତାରେ ଦକ୍ଷିଣାଞ୍ଚଳ ୬୪୫ ରନ୍‌ରେ ଉତ୍ତରାଞ୍ଚଳକୁ ପରାସ୍ତ କରିଛି। ଏହି ବିଜୟ ଦ୍ୱାରା ଦଳ ବୁଧବାରଠାରୁ ଆରମ୍ଭ ହେବାକୁଥିବା ଦୁଲୀପ ଟ୍ରଫି ଫାଇନାଲରେ ପଶ୍ଚିମାଞ୍ଚଳକୁ ଭେଟିବ। ପଶ୍ଚିମାଞ୍ଚଳ ସେମିଫାଇନାଲରେ କେନ୍ଦ୍ରାଞ୍ଚଳକୁ ୨୭୯ରନରେ ପରାସ୍ତ କରିଛି। ଫାଇନାଲ ମ୍ୟାଚ ସେପ୍ଟେମ୍ବର ୨୧ରେ କୋଏମ୍ବାଟୁର୍‌ରେ ଖେଳାଯିବ। ଏହା ୫ ଦିନିଆ ବିଶିଷ୍ଟ ହେବ।

ଦକ୍ଷିଣାଞ୍ଚଳ ବନାମ ଉତ୍ତରାଞ୍ଚଳ ମ୍ୟାଚ୍‌ରେ ବିଜୟୀ ଦଳର ବ୍ୟାଟରମାନଙ୍କ ବିଶେଷ ଭୂମିକା ରହିଥିଲା। ଦକ୍ଷିଣାଞ୍ଚଳ ପ୍ରଥମ ଇନିଂସରେ ବିଶାଳ ସ୍କୋର ୬୩୦/୮ କରିଥିଲା। ଓପ୍‌ନର ରୋହନ କୁନ୍ନୁମାଲ, ଅଧିନାୟକ ହନୁମା ବିହାରୀ ଓ ରିକି ଭୁଇ ଶତକ ହାସଲ କରିଥିଲେ। ସାଇ କିଶୋର (୭/୭୦)ଙ୍କ ଚମତ୍କାର ବୋଲିଂ ଯୋଗୁ ଉତ୍ତରାଞ୍ଚଳ ୨୦୭ରେ ଅଲ୍‌ଆଉଟ ହୋଇଯାଇଥିଲା। ଦକ୍ଷିଣାଞ୍ଚଳ ଫଲୋଅନ ନ ଦେଇ ୩୧୬/୪ ସ୍କୋରରେ ଏହାର ଦ୍ୱିତୀୟ ଇନିଂସ ଘୋଷଣା କରିଥିଲା। ଫଳରେ ଉତ୍ତରାଞ୍ଚଳ ପାଇଁ ୭୪୦ ରନ୍‌ର ଅସମ୍ଭବ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମ୍ୟାଚ୍‌ର ଅନ୍ତିମ ଦିବସରେ ଉତ୍ତରାଞ୍ଚଳ ୩୦.୪ ଓଭରରେ ୯୪ ରନ କରି ଅଲ୍‌ଆଉଟ ହୋଇଯାଇଥିଲା। ସାଇ କିଶୋର (୩/୨୮), ଅଫ୍-ସ୍ପିନର କ୍ରିଷ୍ଣାପ୍ପା ଗୌତମ (୩/୫୦) ଓ ତନୟ ତ୍ୟାଗରାଜନ (୩/୧୨) ଚମତ୍କାର ବୋଲିଂ କରି ଉତ୍ତରାଞ୍ଚଳର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ବ୍ୟାଟିଂକୁ ସୁହାଉଥିବା ଏହି ପିଚ୍‌ରେ ହିରୋ ସାଜିଥିଲେ ସାଇ କିଶୋର। ସେ ମ୍ୟାଚ୍‌ରେ ୩୯ ଓଭର ବୋଲିଂ କରି ୯୮ ରନ୍ ବିନିମୟରେ ୧୦ ଉଇକେଟ ଅକ୍ତିଆର କରିଥିଲେ। ଓପ୍‌ନର ୟାଶ୍ ଧୂଲ (୫୮ ବଲ୍‌ରୁ ୫୯ ରନ୍)ଙ୍କୁ ଛାଡ଼ିଦେଲେ ଅନ୍ୟ ବ୍ୟାଟରମାନଙ୍କୁ ସେ ଅଡୁଆରେ ପକାଇଥିଲେ। ଉତ୍ତରାଞ୍ଚଳର ୮ ଜଣ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଅନ୍‌ଫିଟ ରହିଥିବା ନବଦୀପ ସିଂ ବ୍ୟାଟିଂ କରିବାକୁ ଆସି ନ ଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣାଞ୍ଚଳ : ୬୩୦/୮ ଘୋଷଣା ଓ ୩୧୬/୪ ଘୋଷଣା।
ଉତ୍ତରାଞ୍ଚଳ: ୨୦୭ ଓ ୩୦.୪ ଓଭରରେ ୯୪/ଅଲଆଉଟ (ୟାଶ୍ ଧୂଲ-୫୯, ଆର୍. ସାଇ କିଶୋର ୩/୨୮, କେ.ଗୋଥାମ-୩/୫୦, ତନୟ ତ୍ୟାଗରାଜନ-୩/୧୨)।
ଦକ୍ଷିଣାଞ୍ଚଳ ୬୪୫ ରନ୍‌ରେ ବିଜୟୀ।

## ମୁଲାନୀଙ୍କୁ ୫ ଉଇକେଟ

ରଣଜୀ ଟ୍ରଫିର ସର୍ବାଧିକ ଉଇକେଟ ହାସଲକାରୀ ବୋଲର ବାମହାତୀ ସ୍ପିନର ଶାମ୍ସ ମୁଲାନୀ ତାଙ୍କ ଫର୍ମ ଜାରି ରଖି ୭୨ ରନ୍‌ରେ ୫ ଉଇକେଟ ହାସଲ କରିବାରୁ ଅନ୍ୟ ସେମିଫାଇନାଲଟିରେ ପଶ୍ଚିମାଞ୍ଚଳ କେନ୍ଦ୍ରାଞ୍ଚଳକୁ ସହଜରେ ହରାଇ ଦେଇଥିଲା। ୫୦୧ ରନ୍‌ର ବିଜୟଲକ୍ଷ୍ୟ ପିଛା କରି କେନ୍ଦ୍ରାଞ୍ଚଳ ଏହାର ଦ୍ୱିତୀୟ ଇନିଂସ୍‌ରେ ୫୭ ଓଭର ଖେଳି ୨୨୧ ରନ୍‌ରେ ଅଲଆଉଟ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ପଶ୍ଚିମାଞ୍ଚଳ : ୨୫୭ ଓ ୩୭୧
କେନ୍ଦ୍ରାଞ୍ଚଳ : ୧୨୮ ଓ ୫୭.୧ ଓଭରରେ ୨୨୧ ( ରିଙ୍କୁ ସିଂ ୬୫, ଶାମ୍ସ ମୁଲାନୀ-୫/୭୨)।
ପଶ୍ଚିମାଞ୍ଚଳ ୨୭୯ ରନ୍‌ରେ ବିଜୟୀ।

# ଭାରତ ଏ’ ଟେଷ୍ଟ ସିରିଜ୍ ବିଜୟୀ

ବେଙ୍ଗାଲୁରୁ, ୧୮।୯ (ପି.ଟି.)


ନ୍ୟୁଜିଲାଣ୍ଡ ଏ’ ବିପକ୍ଷ ତୃତୀୟ ତଥା ଅନ୍ତିମ ‘ଅନ୍‌ଅଫିସିଆଲ ଟେଷ୍ଟ’କୁ ଭାରତ ଏ’ ୧୧୩ ରନ୍‌ରେ ଜିତିନେଇଛି। ବାମହାତୀ ସ୍ପିନର ସୌରଭ କୁମାର ୫ ଉଇକେଟ ଅକ୍ତିଆର କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରବିବାର ବିଜୟ ସହିତ ଦଳ ସିରିଜ୍ ୧-୦ରେ ବିଜୟୀ ହୋଇଛି। ନ୍ୟୁଜିଲାଣ୍ଡ ପାଇଁ ୪୧୬ ରନ୍‌ର ବିଜୟଲକ୍ଷ୍ୟ ହାସଲ ସହଜ ନ ଥିଲା। ଡ୍ର’ ରଖିବା ଲାଗି ପ୍ରୟାସ ଚଳାଇଥିବା ବେଳେ ୫୦ରୁ କମ୍ ରନ୍ ଭିତରେ ଏହାର ୫ ଉଇକେଟ ହରାଇଥିଲା। ଦଳ ୮୫.୨ ଓଭରରେ ୩୦୨ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ସୌରଭ ୨୭.୨ ଓଭର ବୋଲିଂ କରି ୧୦୩ ରନ୍ ବିନିମୟରେ ୫ ଉଇକେଟ ଅକ୍ତିଆର କରିଥିଲେ। ପ୍ରଥମ ଇନିଂସରେ ସେ ୪ ଉଇକେଟ ହାସଲ କରିଥିଲେ। ମ୍ୟାଚ୍‌ରେ ସେ ମୋଟ ୯ ଉଇକେଟ ହାସଲ କରିଥିଲେ। କୌତୂହଳର ବିଷୟ ସୌରଭଙ୍କ ଦ୍ୱାରା ଆଉଟ ହୋଇଥିବା ସମସ୍ତ ବ୍ୟାଟର ଲେଗ୍ ବିଫୋର ହୋଇଥିଲେ। ସିରିଜ୍‌ରେ ଆଶାନୁରୂପ ବ୍ୟାଟିଂ କରିପାରି ନ ଥିବା ସର୍ଫରାଜ ଖାଁ (୨/୪୮) କିନ୍ତୁ ବୋଲିଂରେ କିଛି କମାଲ ଦେଖାଇଥିଲେ। ସେ ତାଙ୍କ ଲେଗ୍ ବ୍ରେକ୍‌ରେ ସିନିୟର ଅନ୍ତର୍ଜାତୀୟ ଖେଳାଳି ମାର୍କ ଚାପମ୍ୟାନ (୪୫)ଙ୍କୁ ଆଉଟ କରିଦେଇଥିଲେ, ଯିଏକି ଶତକ ହାସଲକାରୀ ଜୋ କାର୍ଟର (୧୧୧)ଙ୍କ ସହ ଚତୁର୍ଥ ଉଇକେଟରେ ୮୨ ରନ୍‌ର ପାର୍ଟନରଶିପ୍ କରିଥିଲେ। ଏହି ଯୋଡ଼ି ରନ୍ ସଂଗ୍ରହ ଉପରେ ଗୁରୁତ୍ୱ ନ ଦେଇ ୨୦ ଓଭର କ୍ରିଜ୍‌ରେ ମହଜୁଦ ରହିଥିଲେ। ଫଳରେ ଗେମ୍ ଅନ୍ତିମ ଦିବସ ଖେଳ ଦ୍ୱିତୀୟ ସେସନକୁ ଚାଲିଯାଇଥିଲା। ସେତେବେଳେ ନ୍ୟୁଜିଲାଣ୍ଡ ୧୯୭/୩ ସ୍କୋରରେ ସୁବିଧାଜନକ ସ୍ଥିତିରେ ରହିଥିଲା। ଚାପମ୍ୟାନ ସର୍ଫରାଜଙ୍କ ବଲରେ ମୁକେଶ କୁମାରଙ୍କ ଦ୍ୱାରା କ୍ୟାଚ୍‌ଆଉଟ ହୋଇଥିଲେ। ତାଙ୍କର ପରବର୍ତ୍ତୀ ଶିକାର ହୋଇଥିଲେ ରବର୍ଟ ଓ’ଡୋନେଲ। ନ୍ୟୁଜିଲାଣ୍ଡ ଏ’ର ସ୍କୋର ଏକଦା ୨୨୨/୫ ରହିଥିବା ବେଳେ ଆଉ ୨ ଘଣ୍ଟା ଖେଳ ବାକି ରହିଥିଲା। ଶେଷରେ ଦଳ ୩୦୨ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଭାରତ ଏ’ ପ୍ରଥମ ଇନିଂସ: ୨୯୩। ନ୍ୟୁଜିଲାଣ୍ଡ ଏ’ ପ୍ରଥମ ଇନିଂସ ୨୩୭। ଭାରତ ଏ’ ଦ୍ୱିତୀୟ ଇନିଂସ: ୩୫୯/୯ ଘୋଷଣା। ନ୍ୟୁଜିଲାଣ୍ଡ ଏ’ ଦ୍ୱିତୀୟ ଇନିଂସ: ୩୦୨ (ଜୋ କାର୍ଟର-୧୧୧, ସୌରଭ କୁମାର-୫/୧୦୩)।

# ଶାମିଙ୍କ ସ୍ଥାନରେ ଉମେଶ

ନୂଆଦିଲ୍ଲୀ, ୧୮।୯ (ପି.ଟି.): ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ୍ ଲାଗି ଭାରତୀୟ କ୍ରିକେଟ ଦଳରେ ଭେଟେରାନ ସିମର ମହମ୍ମଦ ଶାମିଙ୍କ ସ୍ଥାନରେ ଉମେଶ ଯାଦବଙ୍କୁ ସାମିଲ କରାଯାଇଛି। କୋଭିଡ୍ ଟେଷ୍ଟରେ ପଜିଟିଭ୍ ଆସିବାରୁ ଶାମି ମଙ୍ଗଳବାର ଆରମ୍ଭ ହେବାକୁଥିବା ଏହି ସିରିଜ୍ ପାଇଁ ଉପଲବ୍ଧ ହେବେନାହିଁ ବୋଲି ଶନିବାର ରାତିରେ ସ୍ପଷ୍ଟ ହୋଇଥିଲା। ସିନିୟର ଚୟନ କମିଟି ତାଙ୍କ ସ୍ଥାନରେ ଉମେଶ ଯାଦବଙ୍କୁ ଦଳରେ ସ୍ଥାନ ଦେଇଥିବା ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ କହିଛି। ବୋର୍ଡ ଆହୁରି ମଧ୍ୟ ସୂଚନା ଦେଇଛି ଯେ, ପେସ୍ ବୋଲର ନବଦୀପ ସଇନି ଭାରତ ଏ’ ଓ ନ୍ୟୁଜିଲାଣ୍ଡ ଏ’ ମଧ୍ୟରେ ଖେଳାଯିବାକୁ ଥିବା ୩ ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ପାଇଁ ଉପଲବ୍ଧ ହେବେନାହିଁ।



ହକି ଇଣ୍ଡିଆ ସଭାପତି ପଦ ପାଇଁ ରବିବାର ନୂଆଦିଲ୍ଲୀରେ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି ଓଡ଼ିଶାର ଦିଲୀପ ତିର୍କୀ।

## ରାଜ୍ୟ ଖବର

# ମିଳିତ ଟ୍ରକ୍ ମାଲିକ ସଂଘର ଚକାଜାମ ଆନ୍ଦୋଳନ

ସୁନ୍ଦରଗଡ଼/ ହେମଗିର, ୧୮।୯ (ଡି.ଏନ୍.ଏ.)



ଚକାଜାମ ଆନ୍ଦୋଳନ ଯୋଗୁ ରାସ୍ତାରେ ଶହ ଶହ ଟ୍ରକ ଅଟକି ରହିଛି।

**ପରିବହନ ଭଡ଼ା ବୃଦ୍ଧି ଦାବି**

- ଏମ୍‌ସିଏଲ୍ କୋଇଲା ଖଣିରୁ ପରିବହନ ବାଧାପ୍ରାପ୍ତ

ମହାନଦୀ କୋଲ ଫିଲ୍ଡସ ଲିଃ (ଏମ୍‌ସିଏଲ୍) କୋଇଲା ଖଣିରୁ କୋଇଲା ପରିବହନ ଭଡ଼ା ବୃଦ୍ଧି ଦାବି ନେଇ ରବିବାରଠାରୁ ସୁନ୍ଦରଗଡ଼ ମିଳିତ ଟ୍ରକ୍ ମାଲିକ ସଂଘ ତରଫରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚକାଜାମ ଆନ୍ଦୋଳନ ଆରମ୍ଭ ହୋଇଛି। ଫଳରେ ଏମ୍‌ସିଏଲ୍‌ର ତିନୋଟି କୋଇଲା ଖଣିରୁ ଝାରସୁଗୁଡ଼ା, ସମ୍ବଲପୁର ଓ ପଡୋଶୀ ରାଜ୍ୟ ଛତିଶଗଡ଼କୁ କୋଇଲା ପରିବହନ ସମ୍ପୂର୍ଣ୍ଣ ଭାବେ ବାଧାପ୍ରାପ୍ତ ହୋଇଛି। ଡିଜେଲ, ଟୋଲ୍ ଟ୍ୟାକ୍ସ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀର ଦର ବୃଦ୍ଧି ଯୋଗୁ କୋଇଲା ପରିବହନ କରୁଥିବା ଟ୍ରକ ମାଲିକମାନେ ଆର୍ଥିକ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ବ୍ୟାଙ୍କର କିସ୍ତି ଋଣ ଟଙ୍କା ପରିଶୋଧ କରି ନ ପାରି ଦେବାଳିଆ ହୋଇପଡିଛନ୍ତି। ତେଣୁ ପରିବହନ ଭଡ଼ା ବୃଦ୍ଧି ଦାବି କରିଛନ୍ତି। ଆନ୍ଦୋଳନ ଯୋଗୁ ରାସ୍ତାରେ ଓ କୋଇଲା ଖଣି ଅଞ୍ଚଳରେ ହଜାର ହଜାର ଟ୍ରକ ଅଟକି ରହିଛି। ଟନ ପିଛା ୧୪୦ ଟଙ୍କା ଲେଖାଏଁ ଭଡା ବୃଦ୍ଧି ଦାବି ନେଇ ପ୍ରଶାସନ ମଧ୍ୟସ୍ଥିରେ ବିଭିନ୍ନ କାରଖାନା କର୍ତ୍ତୃପକ୍ଷ ଏବଂ ମିଳିତ ଟ୍ରକ ମାଲିକ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ଦୁଇ ଥର ଆଲୋଚନା ବୈଠକ ହୋଇଥିଲେ ମଧ୍ୟ ଫଳପ୍ରଦ ହୋଇ ନ ଥିବାରୁ ପରିଶେଷରେ ମିଳିତ ଟ୍ରକ ମାଲିକ ସଂଘ ଏହି ଆନ୍ଦୋଳନକୁ ଓହ୍ଲାଇଛି। ରବିବାର ହେମଗିର ଡୁଡୁକାଛକଠାରେ ସୁନ୍ଦରଗଡ଼ ଟ୍ରକ ମାଲିକ ସଂଘ ଓ ବିସ୍ଥାପିତ ଗାଡ଼ି ମାଲିକ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଡୁଡୁକା ବାଇପାସଠାରେ ମିଳିତ ଟ୍ରକ ମାଲିକ ସଂଘ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ପୂର୍ବତନ ବାଚସ୍ପତି କିଶୋରଚନ୍ଦ୍ର ପଟେଲ, ଅଜୟ ପଟେଲ, ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀଶଙ୍କର ଭୋଇ, ବଟକିଶୋର ମିଶ୍ର, ସୁନ୍ଦରଗଡ ଟ୍ରକ ମାଲିକ ସଂଘର ସଭାପତି ରିତେଶ କୁମାର ପଟେଲ, ବିସ୍ଥାପିତ ଗାଡିମାଲିକ ସଂଘର ସଭାପତି ଗୋପାଳ ପଧାନ, ଜ୍ଞାନରଞ୍ଜନ ହୋତା, ଗିରିଶଚନ୍ଦ୍ର ସାହୁଙ୍କ ସମେତ ଅନେକ ଗାଡି ମାଲିକ ସାମିଲ ଥିଲେ। ଆନ୍ଦୋଳନକୁ କଂଗ୍ରେସ ଓ ଭାଜପା ସମର୍ଥନ କରିଛନ୍ତି। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ଅଞ୍ଚଳର ଜନସାଧାରଣ ମଧ୍ୟ ଏକତ୍ରିତ ହୋଇ ପରିବହନ ଭଡା ବୃଦ୍ଧି ଦାବିକୁ ସମର୍ଥନ ଜଣାଇଥିଲେ। ସନ୍ଧ୍ୟାରେ ସୁନ୍ଦରଗଡ଼ ପ୍ରଗତିମଣ୍ଡପଠାରେ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲିଙ୍କ ଅଧ୍ୟକ୍ଷତାରେ ବିଭିନ୍ନ କାରଖାନାର ସିଇଓ ଏବଂ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତାଙ୍କୁ ନେଇ ଏକ ଆଲୋଚନା ବୈଠକ ହୋଇଥିଲା। ହେଲେ ଭଡ଼ା ବୃଦ୍ଧି ଦାବି ଉପରେ କୌଣସି ସମାଧାନ ହୋଇପାରିନାହିଁ। ତେଣୁ ସୋମବାର ମଧ୍ୟ ଚକାବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ଟ୍ରକ୍ ମାଲିକ ସଂଘ ପକ୍ଷରୁ କୁହାଯାଇଛି।

# ସୀମାନ୍ତରେ ୫ ମାଓବାଦୀଙ୍କ ଆତ୍ମସମର୍ପଣ



ଆତ୍ମସମର୍ପଣ କରିଥିବା ମାଓବାଦୀମାନେ।

ମାଲକାନଗିରି, ୧୮।୯(ଡି.ଏନ୍.ଏ.)

ଯମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ୫ ଜଣ ମାଓବାଦୀ ରବିବାର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ଆତ୍ମସମର୍ପଣକାରୀ ମାଓବାଦୀଙ୍କ ମଧ୍ୟରୁ ମାଡବି ଦେବାଙ୍କ ନାମରେ ଛତିଶଗଡ ସରକାର ୨ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ସମ୍ପୃକ୍ତ ମାଓବାଦୀମାନେ ବହୁ ବଡ଼ ବଡ଼ ହିଂସାକାଣ୍ଡରେ ସାମିଲ ଥିବା ଜଣାପଡିଛି। ଏବେ ମାଓବାଦୀ ସଙ୍ଗଠନ ନିଜର ନୀତି ଓ ଆଦର୍ଶ ହରାଉଥିବା ଏବଂ କ୍ୟାଡର ମାଓବାଦୀମାନଙ୍କ ଦୁର୍ବ୍ୟବହାରରେ ଅତିଷ୍ଠ ହୋଇ ସେମାନେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ତେବେ ସରକାରଙ୍କ ଆତ୍ମସମର୍ପଣ ନୀତିଅନୁଯାୟୀ ସମସ୍ତଙ୍କୁ ସବୁ ସୁବିଧା ସୁଯୋଗ ମିଳିବ ବୋଲି ସୁକ୍‌ମା ଏସ୍‌ପି ସୁନୀଲ ଶର୍ମା କହିଛନ୍ତି।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance
45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Market Complex, B wing, Bangalore, Karnataka-400021
8901110759

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଗଞ୍ଜେଇ ଚାଲାଣରେ ଅବକାରୀ ପୋଲିସ ସାମିଲ

ପଟ୍ଟାଙ୍ଗୀ, ୧୮।୯ (ଡି.ଏନ.ଏ.)

**୭ ଅଟକ**

- ଜବତ ଗଞ୍ଜେଇକୁ ଚୋରାଚାଲାଣ କରୁଥିଲେ
- ଖବର ସଂଗ୍ରହରୁ ଖବରଦାତାଙ୍କୁ ଦୂରେଇ ରଖିଲେ
- ଅଟକଙ୍କୁ ଜେରା ଚାଲିଛି: ଏସ୍‌ଡିପିଓ

କୋରାପୁଟ ଜିଲା ପଟ୍ଟାଙ୍ଗୀ ଅବକାରୀ ପୋଲିସ ଖାକିରେ ଦାଗ ଲାଗିଛି। ଜବତ ଚୋରା ଗଞ୍ଜେଇକୁ ଚାଲାଣ ବେଳେ ସୂଚନା ପାଇ ସୁଙ୍କି ପୋଲିସ ଜବତ କରିଛି। ଏଥିରେ ସମ୍ପୃକ୍ତ ୭ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି। ସେମାନଙ୍କ ମଧ୍ୟରେ ୩ଜଣ ଅବକାରୀ ବିଭାଗ କର୍ମଚାରୀ ରହିଛନ୍ତି। ସମ୍ପୃକ୍ତ କର୍ମଚାରୀମାନେ ହେଲେ ଡିଷ୍ଟ୍ରିକ୍ଟ ଫ୍ଲାଇଂ ସ୍କ୍ୱାଡ୍ ଇନଚାର୍ଜ ଏଏସ୍‌ଆଇ ଆରୋପଲୋକ ଦାସ, ଆର. ଭେଙ୍କେଟେଶ କୁମାର ଏବଂ ତ୍ରିଲୋଚନ ରାଇଚେଟି। ଏହି ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି।

ଖବରରୁ ଜଣାପଡିଛି, କୋରାପୁଟ ଅବକାରୀ ବିଭାଗ ପକ୍ଷରୁ ଗତ କିଛି ଦିନ ତଳେ ଚୋରାଚାଲାଣ ବେଳେ ଗଞ୍ଜେଇ ଜବତ କରାଯାଇଥିଲା। ଏହି ଜବତ ଗଞ୍ଜେଇକୁ ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ନେଇ ସୁଙ୍କି ଫାଣ୍ଡି ଅଧିକାରୀ କରୁଣାକର ଶବର ସୂଚନା ପାଇ ଶନିବାର ବିଳମ୍ବିତ ରାତିରେ ଫାଣ୍ଡି ନିକଟରେ ପୋଲିସ ଫୋର୍ସ ସହ ଜଗି ରହିଥିଲେ। ପଟ୍ଟାଙ୍ଗୀରୁ ଆନ୍ଧ୍ର ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ ଟ୍ରକ୍ (ଆରଜେ୦୬ଜିଏ-୬୯୫୧)କୁ ଅଟକ ରଖି ଯାଞ୍ଚ କରିଥିଲେ। ସେଥିରୁ ୩ଟି ପାୱାର ଟିଲର ଏବଂ ୧୪ଟି ଗଞ୍ଜେଇ ବସ୍ତା ମିଳିଥିଲା। ଅନ୍ୟପକ୍ଷରେ ଏହି ସମୟରେ ଟ୍ରକକୁ ବାଟ ଦେଖାଇ ଯାଉଥିବା ଅନ୍ୟ ଏକ ବୋଲେରୋ ଘଟଣାସ୍ଥଳରୁ ଖସି ପଳାଇଥିଲା। ତହସିଲଦାର ଦାୟିତ୍ୱରେ ଥିବା ବିଡିଓ ସୌମ୍ୟ ସାର୍ଥକ ମିଶ୍ରଙ୍କ ଉପସ୍ଥିତିରେ ଟ୍ରକ୍‌ରୁ ଅନଲୋଡ କରି ଜବତ ଗଞ୍ଜେଇକୁ ଓଜନ କରାଯାଇଥିଲା। ଏହି ଛାନଭିନ୍ ସମ୍ପର୍କରେ ଖବର ସଂଗ୍ରହ କରିବାକୁ ଯାଇଥିବା ଖବରଦାତାମାନଙ୍କୁ ଦୂରେଇ ରଖାଯାଇଥିଲା। ପୋଲିସର ଏପରି ଅସହଯୋଗକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ଅବକାରୀ ପୋଲିସକୁ ସୁହାଇଲା ଭଳି କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏନେଇ ଏକ ମାମଲା ରୁଜୁ କରାଯାଇ ଅଟକ ଥିବା ଅବକାରୀ କର୍ମଚାରୀ ଓ ଅନ୍ୟମାନଙ୍କୁ ପଟ୍ଟାଙ୍ଗୀ ପୋଲିସ ପଚରାଉଚରା କରୁଥିବା ସୁନାବେଡା ଏସଡିପିଓ ମନୋଜ କୁମାର ବେହେରା କହିଛନ୍ତି।

ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଓ୍ୱପୂର୍ଣ୍ଣଚନ୍ଦ୍ର ମୁଦୁଲି
(D2/13, ଇନ୍ଦିରାଗାନ୍ଧୀ କୋ.ହା. କଲୋନୀ, ଶିଶୁପାଳଗଡ଼, ଭୁବନେଶ୍ୱର
ଆବିର୍ଭାବ: ୨୬।୧୦।୧୯୫୮
ତିରୋଧାନ: ୧୦।୧୦।୨୦୨୦
ଆପଣଙ୍କ ଶୂନ୍ୟତା ଆମ୍ଭମାନଙ୍କ ପାଇଁ ସର୍ବଦା ଅପୂରଣୀୟ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ସରଳତା, ନିଷ୍କପଟତା, ତ୍ୟାଗ ଓ ଆଶୀର୍ବାଦ ସର୍ବଦା ଚିରସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ସ୍ତ୍ରୀ:ବାସନ୍ତି, ଝିଅ: ଡଲି ଓ ଲିନା, ଜ୍ୱାଇଁ: ଓମ୍‌କାର ଓ ସୁଶାନ୍ତ, ନାତି: କାହ୍ନୁ, ନାତୁଣୀ: ସ୍ନେହା
ଧ-୧୫୫୭

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ଓ୍ୱମାଳତୀ ଲତା ପଣ୍ଡା
N6-505, Jaydev Vihar
ତିରୋଧାନ: ୧୧।୧୦।୨୦୨୦
ମା’, ତୋର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ତୁମ ଆଶୀର୍ବାଦ ଲୋଡ଼ା ସବୁଦିନ ଆମରି ଚଲାପଥରେ, ତୁମରି ପ୍ରେରଣା ଜାଗି ରହିଥାଉ ସର୍ବଦା ଆମ ଭିତରେ।
ଶ୍ରଦ୍ଧାଞ୍ଜଳି: ଝିଅ: ଜ୍ୟୋସ୍ନା, ମିଟୁ, ଟୁଟୁ ଓ ଟିଲି, ଜ୍ୱାଇଁ: ଦିଗମ୍ବର, ବିଭୂତି, ସୌମେନ୍ଦ୍ର ଓ ଅମ୍ଳାନ, ପୁଅ ଓ ବୋହୂ: କୁନା ଓ ଝିଲି, ନାତି, ନାତୁଣୀ ଓ ନାତୁଣୀବୋହୂ।
ଧ-୧୫୫୮

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଯମୁନାବାଳା ବାଗସିଂହ
ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ତିରୋଧାନ: ୧୧।୦୯।୨୦୨୦
ବୋଉଲୋ, ଚାହୁଁ ଚାହୁଁ ଦୁଇବର୍ଷ ବିତିଗଲା। କେଉଁ ଅଫେରା ରାଇଜକୁ ଗଲୁ ଯେ ଆଉ ଫେରିଲୁନି। ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ। ଜାଣିବି ତୋ କଥା ଭୁଲି ହୁଏନିଲୋ ବୋଉ। ବହୁତ ମନେପଡୁ। କାଳିଆ ସାଆନ୍ତଙ୍କ ନିକଟରେ ଏତିକି ପ୍ରାର୍ଥନା ତୁ ଯେଉଁଠି ଥାଆ ଭଲରେ ଥାଆ। ତୋ ଆଶୀର୍ବାଦ ସବୁବେଳେ ଆମ ଉପରେ ରହୁ।
ତୋର ପରିବାରବର୍ଗ: ମନୋଜ, ଜୟନ୍ତୀ, ସରୋଜ, ସବିତା, ଶରତ ଚନ୍ଦ୍ର, ଶମ୍ଭୁ, କସ୍ତୁରୀ, ରାଜା, ରାକ୍ଷୀ, ପୂଜା, ପୁଚି, ପ୍ରାଚୀ, ରାହୁଲ ଓ ତୋର ଅଣନାତୁଣୀ (ମିଠି)।
ଧ-୭୪୧୧୯

ଏକାଦଶ ଶ୍ରାଦ୍ଧବାର୍ଷିକୀ




ଓ୍ୱବିରଞ୍ଚି ନାରାୟଣ ଦାସ
ପ୍ଲଟ୍ ନଂ.-୧୨୭୦, ବୋମିଖାଲ, ଭୁବନେଶ୍ୱର
ଆବିର୍ଭାବ-୧୯୫୬
ତିରୋଧାନ- ୨୦୧୧
ତୁମେ ଗଲା ଦିନୁ ଏ ସହରେ ଆଉ ଜୋଛନା ପରଶ ନାହିଁ
ମଳୟ ଆସୁନି ମିଠା ଶିହରଣ ଶୂନ୍ୟତା ଭରିବା ପାଇଁ।
ଧୂମ୍ରାଭ ଦିଗନ୍ତେ ଜୀବନ ଜ୍ୟାମିତି ନିତି ମାପି ଚାଲୁଥାଏ
ବିରହିଣୀ ପରି ଝୁରୁଛି ତୁମକୁ ମୋ’ ଲୁହ ପୋଛିବ କିଏ।
ଶୋକସନ୍ତପ୍ତ: ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ।
ଧ-୧୫୫୬

# ଇନ୍‌ସୁଲିନ୍‌ର ଆବିଷ୍କାରଃ ସ୍ୱପ୍ନରୁ ସୂଚନା



ଡା. ନିତ୍ୟାନନ୍ଦ ସ୍ୱାଇଁ

"ଇନ୍‌ସୁଲିନ୍ ଆମ ଶରୀରର ଏକ ହରମୋନ୍। ଏହା ପ୍ରାଣୀମାନଙ୍କ ଶରୀରରେ ରହିଥିବା ଅଗ୍ନ୍ୟାଶୟ ନାମକ ଗ୍ରନ୍ଥିରୁ କ୍ଷରିତ ହୋଇ ରକ୍ତରେ ଗ୍ଲୁକୋଜର ମାତ୍ରାକୁ ଅନୁମୋଦିତ ସ୍ତରରେ ରଖେ। ରକ୍ତରେ ଗ୍ଲୁକୋଜର ମାତ୍ରା ବଢ଼ିଗଲେ ତାକୁ ଗାଇକ୍ଲୋଜେନ୍ ନାମକ ଉପାଦାନରେ ପରିଣତ କରିଦେଇ ସଞ୍ଚୟ ନିମିତ୍ତ ପଠେଇଦିଏ ଯକୃତ୍ ଏବଂ ପେଶୀ ଭିତରକୁ। କୋଷିକା ଭିତରେ ବି ବୃଦ୍ଧି କରିପକାଏ ଗ୍ଲୁକୋଜର ଜାରଣ ପ୍ରକ୍ରିୟା। ପୁଣି ଏହିବର୍ଷ (୨୦୨୨) ଆମେ ପାର ହୋଇ ଆସିଛୁ 'ଇନ୍‌ସୁଲିନ୍'ର ଶତବାର୍ଷିକୀ।"





'ଡାଇବେଟିସ୍'– ଏହି ଦୁଃସାଧ ବ୍ୟାଧିଟିର ନାମକରଣ ହୋଇଥିଲା ଦ୍ୱିତୀୟ କିମ୍ବା ତୃତୀୟ ଖ୍ରୀଷ୍ଟାବ୍ଦରେ। ଏହି ଗ୍ରୀକ୍ ଶବ୍ଦଟିର ସ୍ରଷ୍ଟା ଥିଲେ ମେମ୍‌ଫିସର ଆପୋଲୋନିୟସ, ପାଖାପାଖି ଖ୍ରୀଷ୍ଟପୂର୍ବ ୨୫୦ରୁ ୩୦୦ ମଧ୍ୟରେ। ପରେ ଆରେଟିସ୍ କାପୋଡୋସିଆ (୮୧–୧୩୩ ମସିହା) ଡାଇବେଟିସ୍ ଶବ୍ଦଟିକୁ ବେଶି ଲୋକପ୍ରିୟ କରାଇଦେଲେ। ଡାଇବେଟିସ୍‌ର ପୂରା ନାଁ ଡାଇବେଟିସ୍ ମେଲ୍ଲିଟସ୍। ମେଲ୍ଲିଟସ୍ ଏକ ଲାଟିନ୍ ଶବ୍ଦ ଓ ଏହାର ଅର୍ଥ ମଧୁର ବା ମିଠା ବା ମହୁଭଳି ମିଠା। ୧୬୭୫ ମସିହାରେ ନିକେଟନ୍‌ର ଥୋମାସ୍ ଉଇଲ୍ଲିସ୍ 'ଡାଇବେଟିସ୍' ଶବ୍ଦଟି ସହ ମେଲ୍ଲିଟସ୍' ଶବ୍ଦଟିକୁ ସଂଯୁକ୍ତ କରିଥିଲେ। ଡାଇବେଟିସ୍ ନାମକ ଗ୍ରୀକ୍ ଶବ୍ଦଟିର ପ୍ରକୃତ ଅର୍ଥ 'ସାଇଫନ୍' ବା ନଳୀ। ହେଲେ ଏପରି ଏକ ନାମକରଣ କାହିଁକି? ଏହି ରୋଗ ହେଲେ ରୋଗୀର ଶରୀର ବାରମ୍ବାର ଜଳ ଟାଣି ବାହାର କରିଦିଏ। ଫଳରେ ବାରମ୍ବାର ବେଶି ବେଶି ପରିସ୍ରା ହୁଏ। ସେଥିପାଇଁ ଡାଇବେଟିସ୍‌କୁ ଆମେ 'ବହୁମୂତ୍ର' ରୋଗ ବୋଲି କହିଥାଉ। ପୁନଶ୍ଚ ଏହି ମୂତ୍ରରେ ଅତ୍ୟଧିକ ମିଷ୍ଟତ୍ୱ ଥିବା କାରଣରୁ କେତେକଙ୍କ ମତ ପରେ ଆୟୁର୍ବେଦାଚାର୍ଯ୍ୟ ଚରକ ଏବଂ ଶଶ୍ରୁତ ଏହି ରୋଗର ନାମ ଦେଇଥିଲେ 'ମଧୁମେହ' ଅର୍ଥାତ୍ ମୂତ୍ରରେ ମଧୁ ବା ମିଠା ଲାଗୁଥିବା ପରିସ୍ରା ('ମେହ'ର ଅର୍ଥ ମୂତ୍ର)। ଅବଶେଷରେ ସାମାନ୍ୟ ଆଶାର ଆଲୋକ ଦେଖାଗଲା ୧୮୮୯ ମସିହାରେ। ଘଟଣାଟି ଅନେକଟା କାକତାଳୀୟ। ଜର୍ମାନୀର ଦୁଇ ଗବେଷକ, ଅସ୍କାର ମିଂକ୍‌ଫୁସ୍କି ଏବଂ ଜୋସେଫ୍ ଭନ୍ ମେରିଂ ଅଗ୍ନ୍ୟାଶୟ ବା ପାନ୍‌କ୍ରିୟାଜକୁ ନେଇ ପରୀକ୍ଷାନିରୀକ୍ଷା କରୁଥିଲେ। ସେମାନେ ଗୋଟିଏ ସୁସ୍ଥ କୁକୁରର ଅଗ୍ନ୍ୟାଶୟ କାଟି ବାହାର କରିବା ପରେ ଦେଖିଲେ, କୁକୁରଟିର ଶୋଷ ଓ ପରିସ୍ରା ଦୁଇଟିଯାକ ଅସ୍ୱାଭାବିକ ଭାବରେ ବଢ଼ିଯାଇଛି। ପରିସ୍ରାରେ ନିୟନ୍ତ୍ରଣ ହରେଇ ସେ ଅନବରତ ଭସେଇ ଚାଲିଛି ଚଟାଣ। ଅଗ୍ନ୍ୟାଶୟର ସହ ପରିପାକତନ୍ତ୍ରର କି ସମ୍ପର୍କ ବୁଝି ନ ପାରି ଦୁଇ ବିଜ୍ଞାନୀ ଯେତେବେଳେ ଧନ୍ଦି ହେଉଥାନ୍ତି, ସେତେବେଳେ ସେମାନଙ୍କର ଜଣେ ସହକାରୀ ବିରକ୍ତ ହୋଇ ଖବରଦେଲେ, ଗବେଷଣାଗାରର ଚଟାଣକୁ ଭସେଇଥିବା ପରିସ୍ରା ଶୁଖି ଗଲାପରେ ସେହି ଜାଗାରେ ଭଣ ଭଣ ହେଉଛନ୍ତି ମାଛି। ମିଂକ୍‌ଫୁସ୍କି ଓ ମେରିଂ ଆଉ କାଳ ବିଳମ୍ବ ନ କରି କୁକୁରଟିର ପ୍ରଥମେ ପରିସ୍ରା ଏବଂ ତା'ପରେ ରକ୍ତ ପରୀକ୍ଷା କରିପକେଇଲେ। ପରିସ୍ରା ଓ ରକ୍ତରେ ଗ୍ଲୁକୋଜର ମାତ୍ରା ଅସ୍ୱାଭାବିକ ଭାବରେ ବେଶି। ଏବେ ବୁଝାଗଲା, ଯାହାକୁ ଏତେଦିନ ଧରି ନିଛକ ହଜମରେ ସାହାଯ୍ୟକାରୀ ଏଞ୍ଜାଇମର ଉତ୍ସ ବୋଲି ମନେ କରାଯାଉଥିଲା, ସେହି ଅଗ୍ନ୍ୟାଶୟର ରହିଛି ଆହୁରି ଗୁଣ ମଧ୍ୟ। ରକ୍ତରେ ଦ୍ରବୀଭୂତ ଥିବା ଗ୍ଲୁକୋଜକୁ ତାହା କୋଷ ଭିତରକୁ ଢୁକିବାରେ ସାହାଯ୍ୟ କରେ। କୋଷ ସେହି ଗ୍ଲୁକୋଜର ଶକ୍ତି ଜାତ କରେ, ଫଳରେ ରକ୍ତରେ ଗ୍ଲୁକୋଜର ମାତ୍ରା ସନ୍ତୁଳିତ ସ୍ତରରେ ରହେ, ଶରୀରରୁ ପ୍ରୟୋଜନୀୟ ଗ୍ଲୁକୋଜ୍ ବାହାରି ଥିବାରେ ବାଧାଦିଏ। କିନ୍ତୁ ପ୍ରଶ୍ନ ଉଠିଲା, ସେହି ବିସ୍ମୟକର ରାସାୟନିକ ଉପାଦାନଟି ତା'ହେଲେ ଅଗ୍ନ୍ୟାଶୟର କେଉଁଠି ତିଆରି ହେଉଛି ?

ବିଜ୍ଞାନୀମାନଙ୍କର ମନେପଡ଼ିଲା ସେଦିନଠାରୁ ଆହୁରି ଦୁଇଦଶକ ପୂର୍ବର କଥା। ସେହି ସମୟରେ ଜଣେ ତରୁଣ ଜର୍ମାନ ଗବେଷକ, ପଲ୍ ଲ୍ୟାଙ୍ଗରହାନ୍ସ ଅଗ୍ନ୍ୟାଶୟର ଅଣୁବୀକ୍ଷଣିକ ଗଠନକୁ ନେଇ ଏକ ଗବେଷଣା ନିବନ୍ଧରେ ଜଣେଇଥିଲେ, ଅତିପରିଚିତ ଅଗ୍ନ୍ୟାଶୟ–କୋଷର ବାହାରେ ଆହୁରି ଏକ ଧରଣର କୋଷ ପୁଞ୍ଜମାନ ରହିଛି। ସେହି କୋଷର କାମ କଅଣ, ସେ ସମ୍ପର୍କରେ କୌଣସି ଧାରଣା ନ ଥିବାରୁ ୨୨ବର୍ଷ ବୟସ୍କ ସେହି ବିଜ୍ଞାନୀଙ୍କ ପର୍ଯ୍ୟବେକ୍ଷଣକୁ ନେଇ ସେତେବେଳେ କେହି ସେପରି ମୁଣ୍ଡ ଖେଳେଇ ନ ଥିଲେ। ପରିଚିତ ଅଗ୍ନ୍ୟାଶୟ–କୋଷ ପାଚକ ରସ, ଅର୍ଥାତ୍ ହଜମ–ସହାୟକ ଏନ୍‌ଜାଇମ୍ ତିଆରି କରିଥାଏ ବୋଲି ଜଣାଥିଲା। ଏବେ ମିଂକ୍‌ଫୁସ୍କିଙ୍କ ପର୍ଯ୍ୟବେକ୍ଷଣ ପରେ ବିଜ୍ଞାନୀମାନେ ବୁଝିଲେ, ତା'ହେଲେ ଲ୍ୟାଙ୍ଗରହାନ୍ସ ଯେଉଁ କୋଷର ସନ୍ଧାନ ଦେଇଥିଲେ, ସେଇଠାରେ ହିଁ ନିଶ୍ଚୟ ରକ୍ତରେ ଗ୍ଲୁକୋଜର ମାତ୍ରା ବଜାୟ ରଖୁଥିବା ଉପାଦାନଟି ତିଆରି ହୁଏ ଏବଂ ହର୍‌ମୋନ ହିସାବରେ ରକ୍ତରେ ମିଶେ। ରାତାରାତି ସେହି ବିଶେଷ କୋଷଗୁଚ୍ଛର ନାଁ ଦିଆହେଲେ 'ଆଇଲେଟସ୍ ଅଫ୍ ଲ୍ୟାଙ୍ଗରିହାନ୍ସ' ବା ଲ୍ୟାଙ୍ଗର୍‌ହାନ୍ସର ଦ୍ୱୀପପୁଞ୍ଜ'। ପୁଣି ସେହି ହରମୋନ୍‌ଟିର ନାମ ଦିଆଗଲା 'ଇନ୍‌ସୁଲିନ୍' ବା ଦ୍ୱୀପପ୍ରୋଟିନ୍', କାରଣ ଲାଟିନ୍ 'ଇନ୍‌ସୁଲା' ଶବ୍ଦଟିର ଅର୍ଥ ଦ୍ୱୀପ।

କିନ୍ତୁ ଇନ୍‌ସୁଲିନ୍‌ର ଉତ୍ସ ଜାଣିବା ପରେ ମଧ୍ୟ ଏହି ରାସାୟନିକଟିକୁ କୌଣସି ପ୍ରକାରରେ ପୃଥକ୍ କରାଯାଇ ପାରିଲାନି। ଯେତେବେଳେ କୁକୁର କି ଗୋରୁର ଦେହରୁ ଅଗ୍ନ୍ୟାଶୟ କାଟି ବାହାର କରାଯାଉଥିଲା, ସେତେବେଳେ ଦେଖାଯାଉଥିଲା ଯେ ଅଗ୍ନ୍ୟାଶୟରୁ ନିଃସୃତ ପାଚକରସ ନିଜେ ଅଗ୍ନ୍ୟାଶୟ କୋଷର ଅନେକଟାକୁ ହଜମ କରିଦେଉଥିଲା ; ଫଳରେ ଖୋଜିଲେ ମଧ୍ୟ ମିଳୁ ନ ଥିଲା ଇନ୍‌ସୁଲିନର ଅସ୍ତିତ୍ୱ। ଏହା ମଧ୍ୟରେ ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକର ଶେଷ ଭାଗରେ ସ୍ପାନିଶ୍ ଫ୍ଲୁ ପୃଥିବୀରେ ହାହାକାର ସୃଷ୍ଟି କରି ପକେଇଲା। ସ୍ପାନିଶ୍ ଫ୍ଲୁରେ ପ୍ରାଣ ହରେଇଲେ କମ୍‌ବେଶି ପାଞ୍ଚକୋଟି ଲୋକ ଏବଂ ବିଜ୍ଞାନୀମାନେ ସ୍ୱୀକାର କଲେ, ଏହି ମହାମାରୀ ଭାଇରସ୍ ବିରୋଧରେ ସୃଷ୍ଟି କରି ପକେଇଛି ସ୍ୱାଭାବିକ ରୋଗ ପ୍ରତିରୋଧ କ୍ଷମତା। ତେଣୁ ଫ୍ଲୁ ରୋକିବାରେ ସେମାନଙ୍କ କୃତିତ୍ୱ ପ୍ରାୟ ଶୂନ୍ୟ। ଏବେ ଯଦି ଇନ୍‌ସୁଲିନ୍‌କୁ ଚିହ୍ନି ନେବା ପରେ ମଧ୍ୟ ତାକୁ ବହୁ ଯୁଗର ପୁରୁଣା ଏକ ମାରାତ୍ମକ ରୋଗରେ ପ୍ରୟୋଗ କରି ନ ହୁଏ, ତା'ହେଲେ ତ ଚିକିତ୍ସାବିଜ୍ଞାନୀମାନେ ଆଉ କାହାକୁ ମୁହଁ ଦେଖେଇପାରିବେନି।

ଏହି ସମୟରେ ଟରୋଣ୍ଟୋ ବିଶ୍ୱବିଦ୍ୟାଳୟର ଶରୀରବିଦ୍ୟା ବିଭାଗର ମୁଖ୍ୟ ବିଶିଷ୍ଟ ବିଜ୍ଞାନୀ ଜନଜେମ୍‌ସ ରିକାର୍ଡ ମ୍ୟାକଲଓଡ୍‌ଙ୍କ ନିକଟକୁ ଆସିଲେ କାନାଡାର ଜଣେ ତରୁଣ ଚିକିତ୍ସକ ଫ୍ରେଡେରିକ ବ୍ୟାଣ୍ଟିଙ୍ଗ। ମାତ୍ର ପାଞ୍ଚବର୍ଷ ତଳୁ ମେଡିକାଲ ପଢ଼ା ଶେଷ କରିଥାନ୍ତି ସେ। ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଦେଶର ସୈନ୍ୟବାହିନୀରେ କୃତିତ୍ୱର ସହ କାମ କରି ବ୍ରିଟିଶ ସରକାରଙ୍କ ମିଲିଟାରୀ କ୍ରସ ଅର୍ଜନ କରିଥାନ୍ତି। ତା'ପରେ ବେସରକାରୀ ଚିକିତ୍ସାରେ ଉଧେଇ ନ ପାରି ଟରୋଣ୍ଟୋର ଏକ ମେଡିକାଲ କଲେଜରେ ଶିକ୍ଷକତା କରୁଥାନ୍ତି ଏବଂ ଇନ୍‌ସୁଲିନ୍ ବିଷୟରେ ଲେଖାପଢ଼ା କରୁଥାନ୍ତି। ୧୯୨୦ ମସିହା ଅକ୍ଟୋବର ୩୧ତାରିଖ ରାତି ଦୁଇଟା ପାଖାପାଖି, ସେ ଏପରି ଏକ ସ୍ୱପ୍ନ ଦେଖିଲେ ଯେଉଁଥିରୁ ତାଙ୍କ ମନେହେଲା, ସେ ସ୍ତନ୍ୟପାୟୀ ପ୍ରାଣୀଙ୍କ ଅଗ୍ନ୍ୟାଶୟରୁ ଇନ୍‌ସୁଲିନ୍‌କୁ ପୃଥକ୍ କରିପାରିବେ। କିନ୍ତୁ କିପରି ? କ'ଣ କରି? ବ୍ୟାଣ୍ଟିଙ୍ଗ ଏକ ଅପାତସରଳ ପରିକଳ୍ପନାର କଥା ଜଣେଇଲେ ପ୍ରଫେସର ମ୍ୟାକ୍‌ଲିଓଡ୍‌ଙ୍କୁ। ସେ ଭାବିଥିଲେ, ପ୍ରାଣୀଟିକୁ ନ ମାରି ଯଦି ତା'ର ଅଗ୍ନ୍ୟାଶୟର ପାଚକରସ ପରିବହନକାରୀ ସବୁନଳୀକୁ ବାନ୍ଧି ଦିଆଯାଏ, ତାହାହେଲେ କିଛି ସପ୍ତାହ ମଧ୍ୟରେ ବିପରୀତ ପ୍ରତିବର୍ତ୍ତ କ୍ରିୟାଫଳରେ ଅଗ୍ନ୍ୟାଶୟର ଏନ୍‌ଜାଇମ୍ ଉତ୍ପାଦକାରୀ କୋଷଗୁଡ଼ିକ କାର୍ଯ୍ୟ ନ କରିପାରି ଅକାମୀ ହୋଇଯିବ, କିନ୍ତୁ ହରମୋନ୍ କ୍ଷରଣରେ କୌଣସି ନଳୀର ପ୍ରୟୋଜନ ନ ଥିବାରୁ, ଇନ୍‌ସୁଲିନର ଉତ୍ସ ଲ୍ୟାଙ୍ଗରହାନ୍ସ ଦ୍ୱୀପପୁଞ୍ଜର କୋଷଗୁଡ଼ିକ ସକ୍ରିୟ ରହିଥିବ। ଏହାପରେ କୁକୁର ଉପରେ ଅପରେଶନ କରି ତାରି ଅଗ୍ନ୍ୟାଶୟ ବାହାର କରି ନେଲେ ସେଥିରୁ ମିଳିଯିବ ଇନ୍‌ସୁଲିନ୍, ଅନ୍ୟ ପାଚକରସ ଆସି ଇନ୍‌ସୁଲିନ୍‌କୁ ନଷ୍ଟ କରିପାରିବନି। (କ୍ରମଶଃ..)

–'ଅଭୀପ୍‌ସା', ସେକ୍ଟର–୭,
ପ୍ଲଟ ନଂ. ୧୧୩୧, ଅଭିନବ ବିଡାନାସୀ,
କଟକ–୭୫୩୦୧୪
ମୋ : ୯୪୩୭୭୬୬୧୧୭

# ଉପକାରୀ ପିଆଜ



ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତିରେ ପିଆଜକୁ ବ୍ୟବହାର କରାଯାଏ। ବିଶେଷଭାବରେ ଫାଷ୍ଟଫୁଡ୍‌ଜାତୀୟ ଖାଦ୍ୟରେ ଏହା ଆବଶ୍ୟକତା ଅଧିକ ଥାଏ। କେତେକେ ଖାଦ୍ୟ ସହ ପିଆଜ ଖାଇବାକୁ ପସନ୍ଦ କରିଥାଆନ୍ତି। ପିଆଜରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରିରହିଛି। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ତତ୍ତ୍ୱ ଆମ ଶରୀରର ଭିତର ଭାଗକୁ ଦୃଢ଼ କରିଥାଏ। ତା'ସହ ଶାରୀରିକ ଦୁର୍ବଳତା ମଧ୍ୟ ଦୂର କରେ। ପିଆଜ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ଆହୁରି ଦୃଢ଼ ହୋଇଥାଏ। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ନିୟମିତ ଏହାକୁ ଖାଇବା ଦ୍ୱାରା ତାହା କ୍ୟାନ୍‌ସର ସହ ଲଢ଼ିଥାଏ। ଆପଣ ଅଲସରଜନିତ ସମସ୍ୟା ସହ ଜଡିତ କି ? ଯଦି ହଁ, ତେବେ ପ୍ରତିଦିନ ପିଆଜ ଖାଇଲେ ତାହା ଏଥିରୁ କେତେକାଂଶରେ ଉପଶମ ଦେଇଥାଏ। ପିଆଜରେ ଭିଟାମିନ୍–ଏ, ଇ ଏବଂ ସି ପ୍ରଚୁର ମାତ୍ରାରେ ଭରି ରହିଛି। ଏହାକୁ ଖାଇଲେ ତାହା ଚର୍ମରେ ଚମକ୍ ଆଣିଥାଏ। ପିଆଜ ଖାଇବା ଦ୍ୱାରା ମସ୍ତିଷ୍କର କାର୍ଯ୍ୟଧାରା ଆହୁରି ସକ୍ରିୟ ହୋଇଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

# ବ୍ଲଡ୍ କ୍ୟାନ୍‌ସର

କଥାରେ ଅଛି–କ୍ୟାନ୍‌ସର : ନୋ ଆନ୍‌ସର। ହେଲେ ଆଜିକାଲି ଚିକିତ୍ସା ବିଜ୍ଞାନରେ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରି ବିଭିନ୍ନ ପ୍ରକାର ନୂଆ ତଥା ହାଇଟେକ୍ ଚିକିତ୍ସା ପ୍ରଣାଳୀ ଅନୁସୃତ ହେଉଛି। ଏପରି କି କ୍ୟାନ୍‌ସର ପରି ମାରାତ୍ମକ ରୋଗକୁ ପ୍ରାରମ୍ଭରୁ ଚିହ୍ନଟ କରି ଠିକ୍ ଚିକିତ୍ସା କରାଇଲେ ଅନେକାଂଶରେ ଏଥିରୁ ଆରୋଗ୍ୟ ଲାଭ ମିଳିପାରୁଛି। ତେବେ ଯଦି ଏହା ଗୁରୁତର ଆକାର ଧାରଣ କରେ ତେବେ ତାହା ଅକାଳରେ ମୃତ୍ୟୁକୁ ଡାକି ଆଣିଥାଏ। କ୍ୟାନ୍‌ସରର ପ୍ରକାରଭେଦ ମଧ୍ୟରେ ବ୍ଲଡ୍ କ୍ୟାନ୍‌ସର ଅନ୍ୟତମ। ଏହାର କେତୋଟି ପ୍ରାରମ୍ଭିକ ଲକ୍ଷଣ ରହିଛି। ଏହାଦ୍ୱାରା ଆକ୍ରାନ୍ତ ହେଲେ ଜ୍ୱର ଲାଗି ରହିଥାଏ। ଆନେମିଆ ସମସ୍ୟା ମଧ୍ୟ ଦେଖାଦିଏ। ଅଳ୍ପ କାମ କରିବା ପରେ ହାଲିଆ ଲାଗେ। ଅଧିକାଂଶ ସମୟ ଦୁର୍ବଳ ଅନୁଭୂତ ହୋଇଥାଏ। ଗଳା କିମ୍ବା କାଖ ତଳେ ହାଲୁକା ଦରଜ ଲାଗେ। ଛାତିରେ ଜ୍ୱଳନ ହୁଏ। ଶରୀରରେ ହାଲୁକା ଆଘାତ ଲାଗିଲେ ରକ୍ତ କ୍ଷରଣ ହୋଇଥାଏ। ବ୍ଲଡ୍ କ୍ୟାନ୍‌ସରର ଅନ୍ୟ ପ୍ରମୁଖ ଲକ୍ଷଣ ହେଲା ଇନ୍‌ଫେକଶନ ଲାଗି ରହିଥାଏ। ଯଦି ଏପରି ହେଉଛି ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



# ବ୍ୟବହାରକୁ ପ୍ରଭାବିତ କରେ ଧୂମପାନ

ଧୂମପାନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଜାଣି ମଧ୍ୟ ଅନେକେ ଏହାର ବଶବର୍ତ୍ତୀ ହୋଇଥାଆନ୍ତି। ହେଲେ ଏହି କ୍ଷଣିକ ଆନନ୍ଦ ପରବର୍ତ୍ତୀ ସମୟରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ନିୟମିତ ଧୂମପାନ କରିବା ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କର ବ୍ୟବହାରରେ ପରିବର୍ତ୍ତନ ଆସିବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। ଏଭଳି ଅଭ୍ୟାସ ସହ ଜଡିତ କିଛି ବ୍ୟକ୍ତିଙ୍କର ବ୍ୟବହାରକୁ ତନ୍ନ ତନ୍ନ କରି ତର୍ଜମା କରିବା ପରେ ଏପରି ବିଷୟରେ ସୂଚନା ପାଇଛନ୍ତି ୱାଶିଂଟନ୍ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଧୂମପାନ ସହ ଓତପ୍ରୋତ ଭାବେ ଜଡିତ ହୋଇଗଲେ ସେହି ବ୍ୟକ୍ତିଙ୍କର ମନ କେବଳ ଧୂମପାନ ଉପରେ ଅଧିକାଂଶ ସମୟ କେନ୍ଦ୍ରିତ ହୋଇ ରହିଥାଏ। ତେଣୁ ତାଙ୍କର ବ୍ୟବହାର ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ ବୋଲି ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତା'ସହ ଏହାର ପ୍ରଭାବ ବୁଦ୍ଧିମତ୍ତା ଉପରେ ମଧ୍ୟ ପଡିଥାଏ। ଏପରି କି କାର୍ଯ୍ୟଦକ୍ଷତା ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ତେଣୁ ଏଭଳି ଅଭ୍ୟାସଠାରୁ ଜଣେ ନିଜକୁ ଯେତେ ସମ୍ଭବ ଦୂରେଇ ରଖିବା ଦରକାର।



# ସ୍ନାୟୁକୁ ସକ୍ରିୟ ରଖେ ମର୍ନିଂ ୱାକ୍

ଆଜିକାଲିର ବ୍ୟସ୍ତ ଜୀବନ ମଧ୍ୟରେ ଆମକୁ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବା ନିହାତି ଜରୁରୀ। ଜଣେ ବ୍ୟକ୍ତି ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲିବା ଶରୀର ପାଇଁ ଭଲ। ତା'ସହ ଏବେ ଅନେକ ମର୍ନିଂ ୱାକ୍‌କୁ ନିଜ ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରିଛନ୍ତି। ଏହାର ଉପକାରୀ ଗୁଣ ମଧ୍ୟରୁ ଗୋଟିଏ କଥା ଜାଣିଛନ୍ତି କି? ତାହା ହେଲା, ଯଦି ଜଣେ ବ୍ୟକ୍ତି ନିୟମିତ ମର୍ନିଂ ୱାକ୍ କରନ୍ତି, ତେବେ ତାଙ୍କର ସ୍ନାୟୁଗୁଡିକ ପୂର୍ବାପେକ୍ଷା ଅଧିକ ସକ୍ରିୟ ରହିଥାଏ। ପ୍ରତିଦିନ ମର୍ନିଂ ୱାକ୍ କରୁଥିବା କିଛି ବ୍ୟକ୍ତିଙ୍କର ସ୍ନାୟୁ ପରୀକ୍ଷା କରି ଏ ବିଷୟରେ ଲଣ୍ଡନ ୟୁନିଭର୍ସିଟିର ସ୍ନାୟୁ ବିଶେଷଜ୍ଞମାନେ ଜାଣିପାରିଛନ୍ତି। ଏହାବ୍ୟତୀତ ଦୃଷ୍ଟିଶକ୍ତିକୁ ଆହୁରି ପ୍ରଖର କରିବାରେ ମର୍ନିଂ ୱାକ୍ ସହାୟକ ହୋଇଥାଏ।



# କାର୍ଯ୍ୟଦକ୍ଷତା ବୃଦ୍ଧି ଲାଗି...

କୌଣସି କାମକୁ ଠିକ୍ ଭାବରେ ତୁଲାଇବାକୁ ହେଲେ ସେଥିଲାଗି ଯୋଜନାବଦ୍ଧ ଭାବରେ ଆଗେଇବା ଦରକାର। ତା'ସହ ସେହି କାମକୁ ନେଇ ଆଣି ଥୋଇବା ପାଇଁ ନିଜର ସାମର୍ଥ୍ୟ ଥିବା ଆବଶ୍ୟକ। ତେବେ କେତେକେ କୌଣସି କାମ କରିବା ସମୟରେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ଏଥିପାଇଁ ପ୍ରଥମେ ନିଜର ମାନସିକତା ସକାରାତ୍ମକ ରହିବା ନିହାତି ଦରକାର। ମନକୁ ହାଲୁକା କରିବା ଲାଗି ମନ ପସନ୍ଦର ଗୀତ ଶୁଣନ୍ତୁ। ଏହାଦ୍ୱାରା କାମ କରିବା ପ୍ରତି ମନ ଅଧିକ ଦୃଢ଼ ରହିଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଯେଉଁମାନେ ନିୟମିତ ନିଜ ମନ ପସନ୍ଦର ସଙ୍ଗୀତ ଶୁଣୁଥିଲେ ସେମାନଙ୍କ କାର୍ଯ୍ୟଦକ୍ଷତା ଅନ୍ୟମାନଙ୍କ ତୁଳନାରେ ଅଧିକ ସକ୍ରିୟ ଥିଲା ବୋଲି ସେମାନେ ସର୍ଭେ ସମୟରେ ଜାଣିପାରିଥିଲେ। ହେଲେ ଏହି ଗୀତ ଶୁଣିବା ଯେପରି ମାନସିକତା ଉପରେ ଖରାପ ପ୍ରଭାବ ନ ପକାଏ ସେ ନେଇ ଦୃଷ୍ଟି ଦେବାକୁ ସେମାନେ ପରାମର୍ଶ ଦେଇଛନ୍ତି।

# ସ୍ୱାସ୍ଥ୍ୟ ସୂଚନା

- ଛତୁରେ ଗ୍ଲୁକାନ୍ସ ନାମକ ତତ୍ତ୍ୱ ରହିଛି, ଯାହା ଶରୀରରେ ଥଣ୍ଡା ସୃଷ୍ଟି କରୁଥିବା ବ୍ୟାକ୍ଟେରିଆକୁ ଅନେକାଂଶରେ ପ୍ରତିହତ କରିଥାଏ। ତେଣୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଛତୁ ସାମିଲ କରନ୍ତୁ। କେବଳ ସେତିକି ନୁହେଁ, ଛତୁ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ।
- ମହୁରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି ବ୍ୟାକ୍ଟେରିଆଲ ତତ୍ତ୍ୱ ଶରୀରକୁ ଅନିଷ୍ଟ ପହଞ୍ଚାଉଥିବା ବ୍ୟାକ୍ଟେରିଆଗୁଡିକୁ ମାରିଦେଇଥାଏ।
- ନିଜକୁ ସୁସ୍ଥ ରଖିବା ପାଇଁ ପନିପରିବାରୁ ପ୍ରସ୍ତୁତ ସୁପ୍ ପିଇପାରନ୍ତି।
- ଘରେ ଯଦି ଫାଷ୍ଟ–ଏଡ୍ ବକ୍ସ ରଖିଛନ୍ତି ତେବେ ତା' ଭିତରେ ଥିବା ଆବଶ୍ୟକ ସାମଗ୍ରୀକୁ ନିୟମିତ ସମୟ ବ୍ୟବଧାନରେ ଚେକ୍ କରିନିଅନ୍ତୁ।
- ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ଡାକ୍ତରଙ୍କ ନିକଟକୁ ଯିବା ସମୟରେ ସାଙ୍ଗରେ ସମସ୍ତ ପୂର୍ବ ପ୍ରେସକ୍ରିପସନ ଏବଂ ନମୁନା ପରୀକ୍ଷା ରିପୋର୍ଟ ସାଙ୍ଗରେ ନେଇଯାଆନ୍ତୁ।
- ନିଜର ଖାଦ୍ୟ ତାଲିକାରେ ଭିଟାମିନ୍ ବି–୧୨ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ଏହା ମସ୍ତିଷ୍କର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରାଇଥାଏ।
- ଯଦି ଆପଣଙ୍କ ବୟସ ୫୦ ଟପିଗଲାଣି ତେବେ ଅଧିକ କ୍ୟାଲସିୟମ ଏବଂ ଭିଟାମିନ୍ 'ଡି'ଯୁକ୍ତ ଖାଦ୍ୟ ଖାଆନ୍ତୁ।
- ବ୍ୟାୟାମ କରିବାକୁ ଠିକ୍ କରିଥିଲେ ସବୁବେଳେ ପ୍ରଦୂଷଣମୁକ୍ତ ପରିବେଶ ଚୟନ କରନ୍ତୁ। ଯଦି ଅସୁସ୍ଥ ଲାଗୁଛି ତେବେ ସେଦିନ ବ୍ୟାୟାମ ନ କରିବା ଭଲ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ସୋମବାର, ସେପ୍ଟେମ୍ବର ୧୯/୨୦୨୨ Balasore, Monday, September 19/ 2022

# ସ୍ୱସ୍ତି ପାଇବେ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର, ୧୮।୯
(କ୍ରୀଡ଼ା ପ୍ରତିନିଧି)

ରାଜ୍ୟର ସମ୍ମାନଜନକ ଏକଲବ୍ୟ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମହିଳା ସାଇକ୍ଲିଷ୍ଟ ସ୍ୱସ୍ତି ସିଂ। ୨୦୨୨ ବର୍ଷ ପାଇଁ ସେ ଏହି ପୁରସ୍କାର ପାଇବେ। ଏଥିସହିତ ତାରକା ମହିଳା ଫୁଟ୍‌ବଲର ପ୍ୟାରୀ ଖାଖା ଓ ହକି ଫରୱାର୍ଡ ଶୀଳାନନ୍ଦ ଲାକ୍ରା ଉକ୍ତ ଉତ୍ସବରେ ସମ୍ମାନିତ ହେବେ। ରବିବାର ଅନୁଷ୍ଠିତ ଜୁରି କମିଟି ବୈଠକରେ ସର୍ବସମ୍ମତିକ୍ରମେ ସ୍ୱସ୍ତିଙ୍କୁ ଏକଲବ୍ୟ ପୁରସ୍କାର ବିଜେତା ମନୋନୀତ କରାଯାଇଛି। ଭାରତର ପ୍ରମୁଖ ଫେରୋ ଆଲଏଜ୍ ଉତ୍ପାଦନକାରୀ କମ୍ପାନୀ ଇମ୍ଫା ଦ୍ୱାରା ପରିଚାଳିତ 'ଇଣ୍ଡିଆନ ମେଟାଲ୍ସ ପବ୍ଲିକ୍ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ)' ଦ୍ୱାରା ୧୯୯୩ ମସିହାରୁ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ଏବେ ଓଡ଼ିଶାରେ ଏହା ଏକ ମର୍ଯ୍ୟାଦାଜନକ କ୍ରୀଡ଼ା ସମ୍ମାନ ରୂପେ ଖ୍ୟାତିଲାଭ କରିଛି। ପୁରସ୍କାର ଆକାରରେ ସ୍ୱସ୍ତିଙ୍କୁ ୫ ଲକ୍ଷ ଟଙ୍କା ଓ ମାନପତ୍ର ପ୍ରଦାନ କରାଯିବ। ସେହିପରି ପ୍ୟାରୀ ଓ ଶୀଳାନନ୍ଦଙ୍କୁ ମାନପତ୍ର ସହ ୫୦ ହଜାର ଟଙ୍କା ଲେଖାଏ ଦିଆଯାଇ ସମ୍ମାନିତ କରାଯିବ। ''ଏହି ପୁରସ୍କାର ମାଧ୍ୟମରେ ରାଜ୍ୟର ଉଦୀୟମାନ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହନ କରିବା ହେଉଛି ଆମର ମୂଳ ଲକ୍ଷ୍ୟ, ଯାହାଫଳରେ ସେମାନେ ଅଧିକରୁ ଅଧିକ ଉନ୍ନତ କ୍ରୀଡ଼ା ପ୍ରଦର୍ଶନ କରି ରାଜ୍ୟ ଏବଂ ଦେଶ ପାଇଁ ସୁନାମ ଅର୍ଜନ କରିପାରିବେ। କ୍ରୀଡ଼ା ବ୍ୟତୀତ କଳା, ସାହିତ୍ୟ, ସ୍ଥାପତ୍ୟ ଓ ସ୍ୱାସ୍ଥ୍ୟସେବା ଆଦିକୁ ମଧ୍ୟ ପ୍ରୋତ୍ସାହନ ଦିଆଯାଉଛି'' ବୋଲି ଏକଲବ୍ୟ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରିବା ଅବସରରେ 'ଇମ୍ପାକ୍ଟ'ର ଟ୍ରଷ୍ଟି ତଥା ଏକଲବ୍ୟ ପୁରସ୍କାର କମିଟି ଅଧ୍ୟକ୍ଷ ବୈଜୟନ୍ତ ପଣ୍ଡା ପ୍ରକାଶ କରିଛନ୍ତି।

ସାଧାରଣତଃ ବିଗତ ୨ ବର୍ଷର ପ୍ରଦର୍ଶନକୁ ଦେଖି ଏହି ପୁରସ୍କାର ପାଇଁ ଯୋଗ୍ୟ କ୍ରୀଡ଼ାବିତ୍‌ଙ୍କୁ ଜୁରି କମିଟି ମନୋନୟନ କରିଥାଏ। ଓଡ଼ିଶାରେ ପର୍ଯ୍ୟାପ୍ତ ଭିତ୍ତିଭୂମି ନ ଥାଇ ମଧ୍ୟ ସାଇକ୍ଲିଂ ପରି ଏକ କ୍ରୀଡ଼ାକୁ କ୍ୟାରିୟର କରି ଆଗକୁ ବଢ଼ିଥିବାରୁ ସ୍ୱସ୍ତି ନିଶ୍ଚିତ ପ୍ରଶଂସାର ପାତ୍ର। ରାଉରକେଲାର ଉମା ଦେବୀ ଓ ଅମର ସିଂଙ୍କ କନ୍ୟା ସ୍ୱସ୍ତି ପ୍ରତିଷ୍ଠିତ ପ୍ରଶିକ୍ଷକ ସୁଶୀଲ କୁମାର ଦାସଙ୍କଠାରୁ କୋଚିଂ ନେଇ ନିଜ ପ୍ରଦର୍ଶନକୁ ମାର୍ଜିତ କରିଛନ୍ତି। ୨୦୧୮ରୁ ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ ହୋଇଥିଲା। ୨୦୧୯ରେ ଟ୍ରାକ୍ ଏସିଆ କପ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ସ୍ୱାଦ ଚାଖିଥିବା ଏହି ପ୍ରତିଭାସମ୍ପନ୍ନ ସାଇକ୍ଲିଷ୍ଟ ସେହିବର୍ଷ ନେପାଳରେ ଅନୁଷ୍ଠିତ ସାଉଥ୍ ଏସିଆନ ଗେମ୍ସର ମହିଳା ଇଣ୍ଡିଭିଜୁଆଲ ରୋଡ୍ ରେସ୍ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଥିଲେ। ୨୦୨୨ ତାଙ୍କ କ୍ୟାରିୟରକୁ ଏକ ଭିନ୍ନ ସୋପାନକୁ ନେଇଯାଇଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ୪୧ତମ ସିନିୟର ଏସିଆନ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ର ମହିଳା ୪ କିଲୋମିଟର ପର୍ଶୁଟ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ଜିତିଥିବା ଭାରତୀୟ ଦଳର ସଦସ୍ୟା ରହି ରାଜ୍ୟକୁ ଗର୍ବିତ କରିଥିଲେ। କୌଣସି ଏସିଆନ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ଦଳର ଏହା ଥିଲା ସର୍ବପ୍ରଥମ ପଦକ। ଜାତୀୟସ୍ତରରେ ସ୍ୱସ୍ତିଙ୍କ ସଫଳତାର ଫର୍ଦ୍ଦ ବେଶ୍ ଲମ୍ବା। ସେ ଜାତୀୟ ରେକର୍ଡ ଏବଂ ୬ ସ୍ୱର୍ଣ୍ଣ ସହ ମୋଟ ୧୫ରୁ ଊର୍ଦ୍ଧ୍ୱ ପଦକ ହାସଲ କରି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି।


ସ୍ୱସ୍ତି ସିଂ

## ପ୍ୟାରୀ ଖାଖା, ଶିଳାନନ୍ଦ ଲାକ୍ରା ସମ୍ମାନିତ ହେବେ





# ଦିଲେଶ୍ୱରଙ୍କୁ ସ୍ୱର୍ଣ୍ଣ, ଅମରେନ୍ଦ୍ର ରୌପ୍ୟ, ନୁରୁଲ ବ୍ରୋଞ୍ଜ

## ଉଗାଣ୍ଡା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର, ୧୮।୯
(କ୍ରୀଡ଼ା ପ୍ରତିନିଧି)

ଉଗାଣ୍ଡାର କାମ୍ପାଲାଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ୩ ଜଣ ଯାକ ପ୍ରତିଯୋଗୀ ପଦକ ହାସଲ କରିଛନ୍ତି। ଜି. ଦିଲେଶ୍ୱର ରାଓ ସିଙ୍ଗଲ୍ସରେ ରୌପ୍ୟ, ଡବଲ୍ସରେ ସ୍ୱର୍ଣ୍ଣ, ଅମରେନ୍ଦ୍ର ବେହେରା ଡବଲ୍ସରେ ରୌପ୍ୟ ଏବଂ ନୁରୁଲ ହୋସେନ ଖାଁ ସିଙ୍ଗଲ୍ସ ଓ ଡବଲ୍ସରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଡବଲ୍ସରେ ଦିଲେଶ୍ୱର ଓ ନବୀନ ଶିବକୁମାର ଯୋଡ଼ି ନିଜ ଦେଶର ଅମରେନ୍ଦ୍ର ବେହେରା ଓ ଅଭିଜିତ ସାଖୁଜାଙ୍କୁ ୨୧-୧୮, ୨୧-୧୯ରେ ହରାଇ ଚାମ୍ପିୟନ ହୋଇଥିଲେ। ଫଳରେ ଅମରେନ୍ଦ୍ର ଓ ସାଖୁଜାଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଦିଲେଶ୍ୱର କିନ୍ତୁ ସିଙ୍ଗଲ୍ସ ଫାଇନାଲରେ ଅନ୍ୟତମ ଭାରତୀୟ ଶାରାନାପ୍ପାଙ୍କଠାରୁ ୧୬-୨୧, ୧୮-୨୧ରେ ହାରି ରୌପ୍ୟ ପଦକ ପାଇଛନ୍ତି। ସେହିପରି ନୁରୁଲ ହୋସେନ ହୁଇଲଚେୟାର-୨ ଇଭେଣ୍ଟର ସିଙ୍ଗଲ୍ସ ସେମିଫାଇନାଲରେ ଜାପାନର ମାତ୍ସୁମୋତୋ ତାକୁମିଙ୍କଠାରୁ ୧୨-୨୧, ୬-୨୧ରେ ହାରି ଯାଇଥିଲେ। ସେହିପରି ନୀରଜ କୁମାରଙ୍କୁ ସାଥିକରି ଡବଲ୍ସ ଖେଳିଥିବା ନୁରୁଲ ଭାରତର ଅନ୍ୟ ଯୋଡ଼ି ମାନ୍ନା ଖଲିଦ ଓ ଶଶାଙ୍କ କୁମାରଙ୍କଠାରୁ ସେମିଫାଇନାଲରେ ୬-୨୧, ୭-୨୧ରେ ପରାଜିତ ହୋଇଥିଲେ। ନିୟମ ଅନୁସାରେ ପରାଜିତ ସେମିଫାଇନାଲିଷ୍ଟଭାବେ ସେ ୨ଟି ବ୍ରୋଞ୍ଜ ପଦକ ପାଇଥିଲେ। ଓଡ଼ିଶା ପ୍ରତିଯୋଗୀଙ୍କ ୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ବିଜୟରେ ଓଡ଼ିଶା ଦଳର କୋଚ୍ ତଥା ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ଅଧ୍ୟକ୍ଷ ଶିବ ପ୍ରସାଦ ଦାସ ଅଭିନନ୍ଦନ ଜଣାଇଛନ୍ତି।


ନୁରୁଲ ହୋସେନ ଖାଁ, ଜି. ଦିଲେଶ୍ୱର ରାଓ ଏବଂ ଅମରେନ୍ଦ୍ର ବେହେରା।







୧୮
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ